EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

ବର୍ଷ-୧ ସଂଖ୍ୟା-୧୦ ୨୦-୨୬ ମାର୍ଚ୍ଚ, ୨୦୧୭ ଭୁବନେଶ୍ୱର • MONDAY WEEKLY • VOL-1 ISSUE-10 20th-26th MARCH, 2017 BHUBANESWAR ₹ 5.00 (8 PAGES)



Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews





### ମନ୍ତ୍ରିମଣ୍ଡଳ ଅଦଳବଦଳ ଇଙ୍ଗିତ ଦେଲେ ନବୀନ

# ଦୁର୍ନୀତିଗ୍ରସ୍ତ ମନ୍ତ୍ରୀ ଛାନିଆଁ

**ଭୁବନେଶ୍ୱର :** ୬ ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଶୁକ୍ରବାର ଭୁବନେଶ୍ୱର ଫେରିବା ପରେ ରାଜ୍ୟରେ ମନ୍ତ୍ରିମଣ୍ଡଳର ଅଦଳବଦଳ ସଙ୍କେତ ଦେଇଛନ୍ତି। ଚଳିତ ବିଧାନସଭା ଅଧିବେଶନ ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ନବୀନଙ୍କ ଏହି ସୂଚନା ପରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ହଲଚଲ ସୃଷ୍ଟି ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଯେଉଁସବୁ ଜିଲ୍ଲାରେ ଶାସକ ବିଜେଡି ପରାଜୟ ବରଣ କରିଛି ସେସବୁ ଜିଲ୍ଲାର ମନ୍ତ୍ରୀମାନଙ୍କୁ ବଦଳ କରାଯାଇ ତାଙ୍କ ସ୍ଥାନରେ ନୂଆ ମୁହଁଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ। ଏଥିସହିତ ରାଜ୍ୟ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିବା ନେତାଙ୍କ ସ୍ୱଚ୍ଛତାକୁ ମଧ୍ୟ ଆଧାର କରି ଏହି ଅଦଳବଦଳ ହୋଇପାରେ ବୋଲି ସୂଚନା ମିଳିଛି। ଯେଉଁସବୁ ସ୍ଥାନରେ ପ୍ରଭାବଶାଳୀ ମନ୍ତ୍ରୀ ଓ ନେତା ଥାଇ ବିଜେଡି ଖରାପ ପ୍ରଦର୍ଶନ କରିଛି ସେହି ଜିଲ୍ଲାର ମନ୍ତ୍ରୀ ପରିବର୍ତ୍ତନର ଶିକାର ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।




ଅଦଳବଦଳ ନେଇ ନବୀନଙ୍କ ସୂଚନା ପରେ ମନ୍ତ୍ରିମଣ୍ଡଳର ସଦସ୍ୟ ଥିବା କିଛି ମନ୍ତ୍ରୀଙ୍କ ମଧ୍ୟରେ ଭାଲେଣୀ ପଡିଛି। ଚିଟ୍‌ଫଣ୍ଡ କେଲେଙ୍କାରୀ ଠାରୁ ଆରମ୍ଭ କରି ଅନ୍ୟସବୁ ଦୁର୍ନୀତିରେ ଛନ୍ଦି ହୋଇଥିବା ନେତାମାନେ ଏନେଇ ବେଶୀ ଆତଙ୍କିତ ଥିବା ଦେଖାଯାଉଛି। ସେମାନଙ୍କ ମୁଣ୍ଡରେ ଏହି ଅଦଳବଦଳ ଖଣ୍ଡା ଚକ୍‌ମକ୍ କରୁଥିବା ଅନୁମାନ କରାଯାଏ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶାସକ ବିଜେଡି ୮୦ ପ୍ରତିଶତ ଆସନ ହାତେଇବାର ଯେଉଁ ନେତାମାନେ ଦମ୍ଭୋକ୍ତି କରୁଥିଲେ ସେମାନେ ମଧ୍ୟ ଅଡୁଆରେ ପଡିପାରନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ସଙ୍କେତ ଯେ ବିଜୁ ଜନତା ଦଳକୁ ଚଳଚଞ୍ଚଳ କରିଦେଇଛି ବୋଲି ସ୍ପଷ୍ଟ ଜଣାପଡୁଛି।

ଏହି କ୍ରମରେ କଳାହାଣ୍ଡି, ବରଗଡ଼, ମୟୂରଭଞ୍ଜ, ବଲାଙ୍ଗିର, କଟକ, ରାୟଗଡ଼ା ଆଦି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା କିଛି ମନ୍ତ୍ରୀଙ୍କୁ ପରିବର୍ତ୍ତନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଏହି ଜିଲ୍ଲା ଗୁଡିକର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ନେତା ମଧ୍ୟ ପରିବର୍ତ୍ତନର ଶିକାର ହୋଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। କଳାହାଣ୍ଡିରେ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବରଗଡ଼ରେ ➤ ପୃ-୭

## ଖଣ୍ଡଗିରି, ଗୋହିରାରେ ଫ୍ଲାଏଓଭର



**ଭୁବନେଶ୍ୱର :** ରାଜଧାନୀର ଅନ୍ୟତମ ବ୍ୟସ୍ତବହୁଳ ଖଣ୍ଡଗିରି ଛକରେ ହେବ ଫ୍ଲାଏଓଭର ବ୍ରିଜ୍। ଦୁର୍ଘଟଣା ରୋକିବା ସହ ଟ୍ରାଫିକ୍ ସମସ୍ୟା ଦୂର କରିବା ଲକ୍ଷ୍ୟରେ ଏଠାରେ ଫ୍ଲାଏଓଭର ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଖୋର୍ଦ୍ଧା ନିକଟ ଗୋହିରା ଛକରେ ମଧ୍ୟ ଏକ ଫ୍ଲାଏଓଭର ନିର୍ମାଣ ଲାଗି ଯୋଜନା ରହିଛି। ସରକାରଙ୍କ ପକ୍ଷରୁ ପଠାଯାଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। କେନ୍ଦ୍ର ସଡକ ପରିବହନ ଓ ଜାତୀୟ ରାଜପଥ ସଚିବ ସଞ୍ଜୟ ମିଶ୍ର ଏଠାରେ ଏକ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଦ୍ୱାରା ଆହୂତ ଏହି ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର ଓ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସଡ଼କ ନିର୍ମାଣ ସଂକ୍ରାନ୍ତ କେତେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏସବୁ ପ୍ରକଳ୍ପକୁ ତୁରନ୍ତ ସାରିବାକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି। ଗତ ଶୁକ୍ରବାର ସଚିବାଳୟଠାରେ ଜାତୀୟ ରାଜପଥର କାର୍ଯ୍ୟାନ୍ୱୟନର ସମୀକ୍ଷା ନେଇ ଅନୁଷ୍ଠିତ ଯୁଗ୍ମ ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କଟକ-ଭୁବନେଶ୍ୱର ଦ୍ୱୈତ ସହର ବାଇପାସ୍ ନିମନ୍ତେ କାପିଟାଲ ରିଜିଅନ ରୋଡ, ଗୋହିରା ଓ ଖଣ୍ଡଗିରିଛକଠାରେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ନେଇ ଗୁରୁତ୍ୱାରୋପ କରିଥିଲେ।

### ପଞ୍ଚାୟତ ପରେ ପୌରପାଳିକା ଉପରେ ନଜର

## ଧର୍ମେନ୍ଦ୍ରଙ୍କ ଉପରେ ମୁଖିଆ ଖୁସ୍

**ଭୁବନେଶ୍ୱର :** ଓଡ଼ିଶାରେ ନୂତନ ଉର୍ଜ୍ଜାର ସଞ୍ଚାର ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ରାମାଞ୍ଚଳର ଲୋକଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଉଥିବା ବେଳେ ଏବେ କେନ୍ଦ୍ର ବିଜେପି ସରକାର ପକ୍ଷରୁ ସହରାଞ୍ଚଳରେ ଏହି ଯୋଜନାକୁ କିଭଳି କାର୍ଯ୍ୟକାରୀ କରାଯିବ ସେଥିନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ସିଜିଡି ପ୍ରକଳ୍ପକୁ କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭ ଉଦ୍‌ଘାଟନ କରିଛନ୍ତି। ପାଣି ପରି କଟକ ଓ ଭୁବନେଶ୍ୱରରେ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ପହଞ୍ଚାଇବାକୁ ଏଭଳି କାର୍ଯ୍ୟକ୍ରମ



ଆରମ୍ଭ ହୋଇଛି। ରାଜ୍ୟରେ ମହିଳାଙ୍କ ଜୀବନ ଆହୁରି ସହଜ ହୋଇପାରିବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା ୫ଲକ୍ଷ ଲୋକଙ୍କୁ ସାମିଲ କରାଯିବା ନେଇ ଯୋଜନା ଆରମ୍ଭ ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଫଳତା ହାସଲ କରିବା ପରେ ୨୦୧୮ରେ ହେବାକୁ ଥିବା ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଆଲୋଚନା ହେଉଛି। ରାଜ୍ୟରେ ବିଜେପି କିଭଳି ଅଧିକ ସଫଳ ହେବ ସେଥିନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ➤ ପୃ-୭


Evos EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from N.H., Petrol Pump
Sqft/3200
3200/- Sq.ft
Construction will Start from March 2017
Member Of AFORD
State Bank of India
Finance Available
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near Jagasara, BDA Housing Project
27-40 Lakhs
www.evos.co.in
Mob.: 9438383699, 9040051152


## ମୁସ୍‌ଲିମ୍ ଗାୟିକାଙ୍କ ବିରୋଧରେ ଫତୱା

**ଗୁଆହାଟି :** ଗୀତ ଗାଇବା କ'ଣ ମୁସଲମାନ ସମ୍ପ୍ରଦାୟର ଝିଅଙ୍କ ପାଇଁ ଅପରାଧ? ଟିଭି ରିୟଲିଟି କାର୍ଯ୍ୟକ୍ରମ 'ଇଣ୍ଡିଆନ୍ ଆଇଡଲ ଜୁନିୟର'ର ୨୦୧୫ ସଂସ୍କରଣରେ ଦ୍ୱିତୀୟ ରନର୍ ଅପ୍ ବିବେଚିତ ଆସାମର ୧୬ବର୍ଷିୟା ନାହିଦ୍ ଆଫ୍ରିନ୍ ଯେତେବେଳେ ଏହା ଶୁଣିଲେ ଆଶ୍ଚର୍ଯ୍ୟ ହୋଇଗଲେ। ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ ଯେ ନିଜ ସମ୍ପ୍ରଦାୟର ୪୬ ଜଣ ମୁଲ୍ଲା ତାଙ୍କ ବିରୋଧରେ ଏ ନେଇ ଫତ୍‌ୱା ଜାରି କରିଛନ୍ତି। ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ବିତରଣ ହୋଇଛି। ଖାଲି ସର୍ବସାଧାରଣ ସ୍ଥାନରେ ବା ଟିଭି ପରଦାରେ ଗୀତ ଗାଇବା ନୁହେଁ; ନାହିଦ ନିକଟରେ ଏକ କାର୍ଯ୍ୟକ୍ରମରେ ଆତଙ୍କବାଦ ତଥା ଆତଙ୍କବାଦୀ ସଂଗଠନ ଆଇଏସ୍ ବିରୋଧୀ ସଙ୍ଗୀତ ପରିବେଷଣ କରିବା ହିଁ ତାଙ୍କର ଅପରାଧ ବୋଲି ଏହି ପ୍ରଚାରପତ୍ରରେ ଦର୍ଶାଯାଇଛି। କେନ୍ଦ୍ରୀୟ ଆସାମର ହୋଯାଇ ଓ ନାଗାଓଁ ଜିଲାରେ ଏହି ଲିଫ୍‌ଲେଟ୍ ସର୍ବାଧିକ ବିତରଣ ବିତରଣ କରାଯିବା ସହ ତାଙ୍କୁ ସର୍ବସାଧାରଣରେ ସଙ୍ଗୀତ ପରିବେଷଣ ବନ୍ଦ କରିବାକୁ ଏଥିରେ ଧମକ



ଦିଆଯାଇଛି। ପୁଲିସ ବର୍ତ୍ତମାନ ଏହାର ତଦନ୍ତ ଚଳାଇଛି; କିନ୍ତୁ ଅପୂର୍ବ ସାହସ ସଞ୍ଚୟ କରି ନାହିଦ୍ ଏହି ଫତ୍‌ୱାରେ ଆଦୌ ଆତଙ୍କିତ ହେବେ ନାହିଁ; ପୂର୍ବପରି ତାଙ୍କର ସଙ୍ଗୀତ ପରିବେଷଣ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି।

ବିଶ୍ୱନାଥ ଚାରିଆଲି ଅଞ୍ଚଳର ବାସିନ୍ଦା ନାହିଦ୍ ଦଶମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନ କରୁଛନ୍ତି। ୨୦୧୬ରେ ମୁକ୍ତିଲାଭ କରିଥିବା ବଲିଉଡ୍ ଚଳଚ୍ଚିତ୍ର 'ଆକିରା'ରେ ସେ ସୋନାକ୍ଷୀ ସିହ୍ନାଙ୍କ ପାଇଁ କଣ୍ଠଦାନ କରିଛନ୍ତି। ଏହାଛଡ଼ା ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ରଚିତ ଭକ୍ତିସଙ୍ଗୀତ ଗାନକରି ସେ ଆସାମରେ ନାହିଁନଥିବା ଲୋକପ୍ରିୟତା ହାସଲ କରିଛନ୍ତି। ➤ ପୃ-୭

### ଭିତର ପୃଷ୍ଠାରେ...

- ଆଇଏସ୍ ଟାର୍ଗେଟରେ ତାଜମହଲ
- କୃଷି କ୍ଷେତ୍ରରେ ପଛରେ ପଡ଼ିଛି ଓଡ଼ିଶା
- କେବେ ଚେତା ପଶିବ
- ଶୂନ୍ୟତା
- ଫେଲ ମାରିଛି ବନୀକରଣ
- ଗୋଲୁ ଦେବତା

## ଆଇସିୟୁରେ ପ୍ୟାରୀମୋହନ

**ଭୁବନେଶ୍ୱର :** ସୁଧୁରିନି ପୂର୍ବତନ ରାଜ୍ୟସଭା ସାଂସଦ ପ୍ୟାରୀମୋହନ ମହାପାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା। ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଲାଇଫ୍‌ସପୋର୍ଟ ସିଷ୍ଟମ୍‌ରେ ତାଙ୍କୁ ରଖାଯାଇଛି। ଦୀର୍ଘଦିନ ଧରି ପ୍ୟାରୀ ଚିକିତ୍ସାଧୀନ ଥିବା ବେଳେ ଫୁସ୍‌ଫୁସ୍ ସଂକ୍ରମଣ ଗୁରୁତର ହୋଇଥିବା



ସୂଚନା ମିଳିଛି। ସୂଚନା ଅନୁସାରେ ପ୍ୟାରୀମୋହନ ଏକାଧିକ ସଂକ୍ରମଣରେ ପୀଡିତ। ଦୀର୍ଘଦିନ ଧରି ସେ ଚିକିତ୍ସାରେ ଥିବା ସତ୍ତ୍ୱେ ତାଙ୍କ ଅବସ୍ଥାରେ ଉନ୍ନତି ଘଟିନାହିଁ। ୭୭ ବର୍ଷ ବୟସ୍କ ପ୍ୟାରୀଙ୍କର ଫୁସ୍‌ଫୁସ୍ ସଂକ୍ରମଣ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଥିବାରୁ ତାଙ୍କୁ ହିନ୍ଦୁଜା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସେହିପରି ତାଙ୍କର ଘନିଷ୍ଠ କୁହାଯାଉଥିବା ଯଜ୍ଞେଶ୍ୱର ବାବୁ ମଧ୍ୟ ପ୍ୟାରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ଗଣମାଧ୍ୟମକୁ କହିଛନ୍ତି। ପ୍ୟାରୀମୋହନଙ୍କୁ ସଙ୍କଟାପନ୍ନ ଭାବେ ଲାଇଫ୍ ସପୋର୍ଟ ସିଷ୍ଟମରେ ରଖାଯାଇଥିବାବେଳେ ଓଡ଼ିଶାରୁ କୌଣସି ନେତା ତାଙ୍କୁ ଦେଖା କରିବାକୁ ଯାଇନାହାନ୍ତି ବୋଲି ଜଣାପଡିଛି। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କାରଣ ସମସ୍ତେ ଜାଣନ୍ତି ବିଜେଡିର ଅନେକ ନେତାଙ୍କ କ୍ୟାରିୟର ଗଢ଼ିଛନ୍ତି ପ୍ୟାରୀମୋହନ। କିନ୍ତୁ ତାଙ୍କର ଏ ସଙ୍କଟ ଅବସ୍ଥାରେ କେହି ନାହାନ୍ତି ତାଙ୍କ ପାଖରେ।

## ନଡ୍ଡାଙ୍କ ପରେ ସୁଷମାଙ୍କୁ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ :** ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଭେଟି ରାଜ୍ୟରେ ୪ଟି ଆଞ୍ଚଳିକ କର୍କଟ ନିଦାନ କେନ୍ଦ୍ର ପ୍ରତିଷ୍ଠା ଲାଗି ପ୍ରସ୍ତାବ ଦେଇଛନ୍ତି। ଭୁବନେଶ୍ୱର, ବୁର୍ଲା, ବ୍ରହ୍ମପୁର ଓ କଳାହାଣ୍ଡିରେ ପ୍ରତିଷ୍ଠା ହେବାକୁ ଏହି କର୍କଟ କେନ୍ଦ୍ର ଲାଗି ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସଂସଦ ଭବନରେ ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନିର୍ମାଣ ଚାଲିଥିବା ୫ଟି ମେଡିକାଲ କଲେଜ ପାଇଁ ଆବଶ୍ୟକ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରିବାକୁ ଦାବି କରିଛନ୍ତି। ପୁରୀ, କୋରାପୁଟ, ବଲାଙ୍ଗୀର, ବାରିପଦା ଓ ବାଲେଶ୍ୱରରେ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସବୁ ମେଡିକାଲ କଲେଜ ଲାଗି କେନ୍ଦ୍ର ସରକାର ତାଙ୍କର ଅଂଶଧନ ବାବଦକୁ ୫୬୭ କୋଟି ଟଙ୍କା ଦେବା ଲାଗି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ତାଙ୍କ ଅଂଶଧନରୁ ମାତ୍ର ୧୭୦ କୋଟି ଟଙ୍କା ଦେଇଛନ୍ତି। ଅବଶିଷ୍ଟ ୩୯୭ କୋଟି ଟଙ୍କା ଶୀଘ୍ର ମଞ୍ଜୁର କରିବା ଲାଗି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ସେହିପରି ବାରିପଦା



ଓ କୋରାପୁଟ ମେଡିକାଲ କଲେଜରେ ୨୦୧୭-୧୮ ବ୍ୟାଚ ନାମ ଲେଖା ପାଇଁ ଆବଶ୍ୟକ ଅନୁମତି ଦେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ରାଜ୍ୟରେ କର୍କଟ ରୋଗ ଚିକିତ୍ସା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ ଅବଗତ କରାଇଥିଲେ। ରାଜ୍ୟର ୧୫ଜିଲା ମୁଖ୍ୟ ଚିକିତ୍ସାଳୟରେ କେମୋଥେରାପି ସେଣ୍ଟର ଖୋଲାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନଡ୍ଡା ପ୍ରଶଂସା କରିବା ସହ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅବଶିଷ୍ଟ ୩୯୭ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନକୁ ଶୀଘ୍ର ମଞ୍ଜୁର କରାଯିବ ବୋଲି କହିଛନ୍ତି। ୧୨୦ କୋଟି ଟଙ୍କା ବ୍ୟୟରେ କଟକରେ ରାଜ୍ୟସ୍ତରୀୟ କର୍କଟ କେନ୍ଦ୍ର ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିସାରିଛନ୍ତି। ସେହିପରି ଭୁବନେଶ୍ୱରରେ ପ୍ରତିଷ୍ଠା ହେବାକୁ ଥିବା ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପାରାମେଡିକାଲ ସାଇନ୍ସ (ଆର୍‌ଆଇପିଏସ୍)ର କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୁବନେଶ୍ୱରରେ ଆର୍‌ଆଇପିଏସ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୭୪ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। ଏଥିରେ କେନ୍ଦ୍ର ସରକାର ୮୫ ପ୍ରତିଶତ ଓ ରାଜ୍ୟ ସରକାର ୧୫ ପ୍ରତିଶତ ଅଂଶଧନ ବ୍ୟୟ କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା। ରାଜ୍ୟ ସରକାର ପ୍ରକଳ୍ପ ପାଇଁ ଦଶ ଏକର ଜମି ପ୍ରଦାନ କରିସାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ନଡ୍ଡାଙ୍କୁ ଅନୁରୋଧ କରିଥିଲେ। ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ଓଡ଼ିଆ ଭାଷା ସାମିଲ ହୋଇଥିବା ସତ୍ତ୍ୱେ ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ତିନିଟି ସୁଯୋଗ ଦେବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଚିନ୍ତାର ବିଷୟ ବୋଲି ନବୀନ ଜରାଇଥିଲେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ ସମାଜର ଦୁର୍ବଳ ଓ ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ➤ ପୃ-୭

# ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସ ଆଉ କେତେଦିନ

**ଭୁବନେଶ୍ୱର (ବ୍ୟୁରୋ) :** ମଙ୍ଗଳରେ ଘର କରିବାକୁ ଭାବୁଛି ମଣିଷ, ହେଲେ ଓଡ଼ିଶାରେ ଲୋକଙ୍କ ମନରୁ ଏଯାଏଁ ଦୂରହୋଇନି ଅନ୍ଧବିଶ୍ୱାସ। ଏହି ଅନ୍ଧବିଶ୍ୱାସ ହିଁ ମଣିଷକୁ କରିଦେଉଛି ନରରାକ୍ଷସ। ବିଜ୍ଞାନ ଯୁଗରେ ମଣିଷ ଏଯାଏଁ ଏହି ଛୋଟିଆ କଥାଟିକୁ ବୁଝିପାରିନି। ଏବେ ବି ଅନ୍ଧବିଶ୍ୱାସର ତାଡ଼ନାରେ ଘାରି ହେଉଛି। ମାନସିକ ପୂରଣ ପାଇଁ କେଉଁଠି କୁକୁଡ଼ା, ଛେଳି, ଗାଈ, ମେଣ୍ଢାଙ୍କ ଭଳି ଜୀବଜନ୍ତୁଙ୍କୁ ବଳି ଦେଉଛି ତ ପୁଣି କେଉଁଠି ଅନ୍ଧବିଶ୍ୱାସରେ ପଡ଼ି ନିଜର ଜନ୍ମକଲା ଶିଶୁକୁ ଚେଙ୍ଗ ଦେଉଛି। ସେହିଭଳି ରିଷ୍ଟ ଖଣ୍ଡନ ପାଇଁ କେତେବେଳେ ଅନ୍ୟର ଶିଶୁକୁ ଚୋରିକରି ଆଣି ବଳି ପକାଉଛି ତ ପୁଣି କେତେବେଳେ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ରକ୍ତ ସମ୍ପର୍କୀୟଙ୍କୁ ଜଘନ୍ୟ ଭାବେ ହତ୍ୟା କରିବାକୁ ପଛାଉନାହିଁ। ଗତ କିଛିବର୍ଷ ଧରି ରାଜ୍ୟରେ ଏଭଳି ଘଟଣା ଅଧିକ ଲୋକଲୋଚନକୁ ଆସୁଛି।

ନିକଟରେ ଘଟିଥିବା ଦୁଇଟି ଲୋମହର୍ଷଣକାରୀ ଘଟଣା ଏହି ବର୍ବର ଅନ୍ଧବିଶ୍ୱାସକୁ ତାଜା କରିଛି। ସଦ୍ୟତମ ଉଦାହରଣ ଭାବେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଡଙ୍ଗାଘାଟ ଗାଁ'ରେ ରହୁଥିବା ସ୍ୱାମୀ ପରିତ୍ୟକ୍ତା ଭଉଣୀକୁ ତା'ର ଭାଇ ଇଷ୍ଟଦେବୀ ଦକ୍ଷୀଣକାଳୀଙ୍କ ପାଖରେ ବଳି ପକାଇଛି। ନିଜର ମନୋକାମନା ପୂରଣ ଏବଂ ସୁଖମୟ ଜୀବନ ପାଇଁ ଏପରି କରିଥିବା ନିଜ ମୁହଁରେ ସ୍ୱୀକାର କରିଛି ଅଭିଯୁକ୍ତ ଅଭିଯୁକ୍ତ ଅଭିଯୁକ୍ତ।

ସେହିପରି ଅନ୍ୟଏକ ଘଟଣାରେ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ବିଜାପାଲି ଗାଁରେ ମଧ୍ୟ ଅନ୍ଧବିଶ୍ୱାସରେ ପଡ଼ି ଗତମାସରେ ଦୁଇଭଉଣୀ ମିଶି



ଜଣେ ସମ୍ପର୍କୀୟ ଭଉଣୀକୁ ହତ୍ୟା କରିବା ସାରାରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଉଭୟ ଘଟଣାରେ ଅଭିଯୁକ୍ତମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ପାଇଁ ମାରଣାସ୍ତ୍ର ଧରି ଉଦ୍ଦଣ୍ଡ ନୃତ୍ୟ କରିଥିଲେ। ଫଳରେ ଲୋକମାନେ ଭୟଭୀତ ହୋଇ ଅଭିଯୁକ୍ତଙ୍କ ନିକଟବର୍ତ୍ତୀ ହେବାକୁ ସାହସ ଯୁଟାଇପାରି ନ ଥିଲେ।

ଓଡ଼ିଶାରେ ଅନ୍ଧବିଶ୍ୱାସ କେବଳ ଏତିକିରେ ସୀମିତ ନୁହେଁ, ବରଂ ଏପରି ଅନେକ ପ୍ରକାର ଅନ୍ଧବିଶ୍ୱାସ ଘଟଣା ରହିଛି। କିଛିଦିନ ତଳେ ରାଜ୍ୟର ବିଭିନ୍ନ ସ୍ଥାନରେ କୋମଳମତି ଶିଶୁମାନଙ୍କୁ ଚେଙ୍ଗ ଦେବା ଘଟଣା ଗଣମାଧ୍ୟମର ପୃଷ୍ଠାମଣ୍ଡନ କରିଥିଲା। ଯେଉଁ ଶିଶୁକୁ ବାପ-ମା' ଜନ୍ମ କରିଛନ୍ତି, ସେହି ଶିଶୁର ମଙ୍ଗଳ ପାଇଁ ଗୁଣିଆ ପାଖକୁ ନେଇ ତା' ଦେହର ବିଭିନ୍ନ ସ୍ଥାନରେ ଗରମ ଚେଙ୍ଗ ଦିଆଯାଇଥିଲା। ➤ ପୃ-୭

### ଛାଟୁପତି ଉବାଚ

ଉତ୍ତର ପ୍ରଦେଶ ଉତ୍ତର ପରେ
ଓଡ଼ିଶାରେ ଭୂମିକମ୍ପ
କେତେ ନେତା ପୁଣି କଚ୍ଛା ମାରୁଛନ୍ତି
ପଦ୍ମଗାଡ଼ିଆକୁ, ମାରିବା ପେଇଁକି ଲମ୍ଫ
ତମଣା ହଉ କି ତମ୍ପ
ଗଦ ସୁଙ୍ଘେଇବା ଆଶାରେ ନବୀନ
ଦିଲ୍ଲୀଆଡୁ କାଲେ ଛାଡ଼ିସିନ୍ତି ଲଘୁଚାପ।
ଲଘୁଚାପ ଆଉ କାମ କରୁନାହିଁ
ମୋଦି ମହାବାତ୍ୟା ଆଗରେ
ଗାଁ' ପରେ ଏବେ ସହରବାସୀଙ୍କୁ
ରଖିଛନ୍ତି ସିଏ ଥୋପରେ
କଳରେ କି କଉଶଳରେ
ଧରମା ହାତରେ ମୁଣ୍ଡି ମାରିନେଇ
ଯୋଜନା କରନ୍ତି
ରାଇଜକୁ ସିଏ ତୋଳି ନେଇଯିବେ ଅଣ୍ଟିରେ।

– ପ୍ରତାପ

## ରହିଲେ ହରିପ୍ରସାଦ



**ନୂଆଦିଲ୍ଲୀ :** ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ କରି ରାଜ୍ୟ ପ୍ରଭାରୀ ପଦରୁ ତ୍ୟାଗପତ୍ର ଦେଇଥିବା ବି.କେ ହରିପ୍ରସାଦଙ୍କ ଇସ୍ତଫାପତ୍ରକୁ ଏଆଇସିସି ପକ୍ଷରୁ ଗ୍ରହଣ କରାଯାଇନଥିବାରୁ ଓଡ଼ିଶା ପ୍ରଭାବରୀ ଭାବେ ପୁଣି ଦାୟିତ୍ୱରେ ରହିବେ। କଂଗ୍ରେସର ଶୋଚନୀୟ ପରାଜୟ ଲାଗି ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ଶ୍ରୀ ହରିପ୍ରସାଦ ନିଜ ଇସ୍ତଫାପତ୍ର କଂଗ୍ରେସ ଉପାଧ୍ୟକ୍ଷ ରାହୁଳ ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ। ମାତ୍ର ଏହାକୁ ଶ୍ରୀ ଗାନ୍ଧୀ ଗ୍ରହଣ କରିନଥିବା ଜଣାପଡିଛି। ହରିପ୍ରସାଦଙ୍କ ଇସ୍ତଫାପତ୍ରକୁ ରାହୁଳ ଅଗ୍ରାହ୍ୟ କରିଦେଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ମୋଟ ୮୪୬ ଆସନରୁ କଂଗ୍ରେସ ମାତ୍ର ୫୮ଟି ଜିଲା ପରିଷଦ ଜୋନ୍‌ରେ ଜିତିବାକୁ ସକ୍ଷମ ହୋଇଥିଲା। ଓଡ଼ିଶାରେ କଂଗ୍ରେସ ଏହି ନିର୍ବାଚନରେ ତୃତୀୟ ସ୍ଥାନକୁ ଖସିଯାଇଥିବାରୁ ଏଭଳି ଭୟଙ୍କର ବିପର୍ଯ୍ୟୟ ଲାଗି ଦଳ ଭିତରୁ ଉଭୟ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ହରିପ୍ରସାଦଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଆସ୍ଥା ଜିଣିଲେ ପାରିକର



**ନୂଆଦିଲ୍ଲୀ :** ଗୋଆରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ଦୁଇଦିନ ପରେ ଗତ ଗୁରୁବାର ବିଧାନସଭାରେ ଶକ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ମନୋହର ପାରିକର। ପାରିକରଙ୍କ ସରକାର ସପକ୍ଷରେ ୨୨ ଭୋଟ ପଡିଥିବା ବେଳେ ବିରୋଧରେ ୧୬ଟି ଭୋଟ ପଡିଥିଲା। କଂଗ୍ରେସ ବିଧାୟକ ବିଶ୍ୱଜିତ ରାଣେ ଗୃହରେ ଅନୁପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ସେ ଦଳରୁ ଇସ୍ତଫା ଦେଇଛନ୍ତି। ୪୦ ସଦସ୍ୟ ବିଶିଷ୍ଟ ଗୋଆ ବିଧାନସଭାରେ ସରକାରଙ୍କ ସପକ୍ଷରେ ୨୨ଜଣ ବିଧାୟକ ଭୋଟ୍ ଦେଇଥିଲେ। ଆସ୍ଥା ଭୋଟ ଶେଷ ହେବା ପରେ ଗୃହକୁ ୨୨ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ୨୨ରେ ବିଧାନସଭା ବାଚସ୍ପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ ପାରିକର ପଶ୍ଚିମ ଉପକୂଳ ରାଜ୍ୟ ଗୋଆର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ଉତ୍ତମ ପ୍ରଶାସକ ଓ ସଂଗଠକଭାବେ ପରିଚିତ ୬୧ବର୍ଷୀୟ ପାରିକର ୨୦୧୨ରୁ ଗୋଆ ମୁଖ୍ୟମନ୍ତ୍ରୀ ରହିଥିଲେ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କୁ କେନ୍ଦ୍ରକୁ ଆଣି ପ୍ରତିରକ୍ଷା ବିଭାଗ ଅର୍ପଣ କରିଥିଲେ। ୨୦୧୪ ନଭେମ୍ବରରୁ ସେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ତାଙ୍କ ସ୍ଥାନରେ ଲକ୍ଷ୍ମୀକାନ୍ତ ପାର୍‌ସେକର ମୁଖ୍ୟମନ୍ତ୍ରୀ ହୋଇଥିଲେ। ନିର୍ବାଚନରେ ବିଜେପି ଭଲ ଫଳ ନ କରିବାରେ ପୁନର୍ବାର ପାରିକରଙ୍କୁ ଗୋଆ ଫେରାଇ ଅଣାଯାଇଛି। ଆଇଆଇଟି ବମ୍ବେରେ ଶିକ୍ଷାପ୍ରାପ୍ତ ପାରିକର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ଥିଲେ। ୨୦୦୦ମସିହାରେ ଗୋଆରେ ବିଜେପି ପ୍ରଥମ ସରକାର ଗଠନକଲା ବେଳେ ସେ ୨୦୦୫ ପର୍ଯ୍ୟନ୍ତ ପ୍ରଥମ ପାଳି ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସେ କାଶ୍ମୀର ପ୍ରସଙ୍ଗରେ ଦୃଢ଼ ମନୋଭାବ ପୋଷଣ କରିଆସିଥିଲେ। ଏହାଛଡ଼ା ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କ ବୃଦ୍ଧି, ଅସ୍ତ୍ରଶସ୍ତ୍ର କିଣା କାରବାରରେ ସଂସ୍କାର ସହ ପୁରୁଣା ଅସ୍ତ୍ରଶସ୍ତ୍ର ହଟାଇବା ଓ ରାଫାଲ ଯୁଦ୍ଧ ବିମାନ କିଣା କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ।

## ଇଭିଏମ୍‌କୁ ଡରୁଛନ୍ତି କେଜ୍ରିୱାଲ



**ନୂଆଦିଲ୍ଲୀ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମୁଖ୍ୟ ଶାସନ ସଚିବଙ୍କୁ ଇଭିଏମ୍ ପରିବର୍ତ୍ତେ ବାଲଟ୍ ପେପର୍‌ରେ ଏମ୍‌ସିଡି ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ରାଜନୈତିକ ଦଳଗୁଡ଼ିକ ଦିଲ୍ଲୀ ନଗର ନିଗମ ନିର୍ବାଚନ ଇଭିଏମ୍ ପରିବର୍ତ୍ତେ ବାଲଟ୍ ପେପର୍‌ରେ କରାଇବାକୁ ଦାବି କରିଛନ୍ତି। ତେଣୁ ସମସ୍ତ ଔପଚାରିକତା ଶେଷ କରିବାକୁ ସେ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ସରକାର ହିଁ ଏମ୍‌ସିଡି ନିର୍ବାଚନ ପରିଚାଳନା କରିଥାନ୍ତି। ତେଣୁ ଏବେ ଦିଲ୍ଲୀ ସରକାରଙ୍କ ଆଦେଶ ଉପରେ ଉପରାଜ୍ୟପାଳ ଅନିଲ ବିଜ୍ କ'ଣ ପଦକ୍ଷେପ ଗ୍ରହର କରୁଛନ୍ତି, ତାହା ଦେଖିବା ବାକି ରହିଛି। ଉଲ୍ଲେଖଯୋଗ୍ୟ ଯେ ପଞ୍ଜାବ ଓ ଗୋଆରେ ଆଶାନୁରୂପ ସଫଳତା ନ ମିଳିବା ପରେ ଆମ୍ ଆଦ୍‌ମୀ ପାର୍ଟି ଇଭିଏମ୍ ଟାମ୍ପରିଂର ଅଭିଯୋଗ ଆଣିଥିଲା। ଏଥିସହ ଆଗାମୀ ଏମ୍‌ସିଡି ନିର୍ବାଚନ ପାଲଟ୍ ପେପରରେ କରାଇବାକୁ ଘୋଷଣା କରିଥିଲା। ଏହା ପୂର୍ବରୁ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କଂଗ୍ରେସ, ସପା ଓ ବିଏସ୍‌ପି ପକ୍ଷରୁ ମଧ୍ୟ ଇଭିଏମ୍ ଟାମ୍ପରିଂର ଅଭିଯୋଗ କରାରାଇଥିଲା।

# ଆଇଏସ୍ ଟାର୍ଗେଟରେ ତାଜମହଲ




**ନୂଆଦିଲ୍ଲୀ :** ଭାରତରେ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀଙ୍କ ଆଗାମୀ ଟାର୍ଗେଟ୍‌ରେ ରହିଛି ବିଶ୍ୱପ୍ରସିଦ୍ଧ ଐତିହାସିକସ୍ଥଳୀ ତାଜମହଲ। ଏହାକୁ ଉଡାଇଦେବା ଲାଗି ଆଇଏସ୍ ସମର୍ଥିତ ମିଡିଆ ସେଲ୍ ପକ୍ଷରୁ କେତେକ ଫଟୋ ପ୍ରସାର କରାଯାଇଛି। ଏଭଳି ଧମକପୂର୍ଣ୍ଣ ଫଟୋ ପାଇବା ପରେ ଭାରତୀୟ ଗୋଇନ୍ଦା ଏବଂ ସୁରକ୍ଷା ବାହିନୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ଦିଗରେ ସେମାନେ ପଦକ୍ଷେପ ନେବା ମଧ୍ୟ ଆରମ୍ଭ କରିଛନ୍ତି। ତାଜମହଲ ଆଖପାଖରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସ୍ଥାନୀୟ ପୋଲିସକୁ ୨୪ ଘଣ୍ଟା ସତର୍କ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆହୱାଲ୍ ଉମ୍ମତ୍ ମିଡିଆ ସେଣ୍ଟର ପକ୍ଷରୁ ପ୍ରକାଶିତ ଉକ୍ତ ଫଟୋରେ ଟାର୍ଗେଟ୍ ପଏଣ୍ଟ ସହ ତାଜମହଲର ଛବି ରହିଛି। ଫଟୋ ତଳେ ଇଂଲିଶ୍‌ରେ 'ନ୍ୟୁ ଟାର୍ଗେଟ୍' ବୋଲି ଲେଖା ରହିଛି। ଏହା ନିକଟରେ ଆଇଏସ୍‌ର ଜଣେ ସଶସ୍ତ୍ର ଆତଙ୍କବାଦୀ ଲଢୁଆ ବେଶପୋଷାକରେ ଛିଡା ହୋଇଛନ୍ତି। ଏହାସହ ଏକ ଆତ୍ମଘାତୀ ବିସ୍ଫୋରକ୍, ଏକ ବୋମା, ଆରବିକ୍ ଭାଷାରେ 'ଆଗ୍ରା ଥିଶାଦୀ' ଲେଖାଥିବା ଏକ ଗାଡିର ଫଟୋ ରହିଛି। ତେବେ ଏହି ଫଟୋ ସହ ଆଇଏସ୍‌ର ସିଧାସଳଖ ସମ୍ପର୍କ ଅଛି କି ନାହିଁ ସେ ଦିଗରେ ଉତ୍ତରପ୍ରଦେଶ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଲକ୍ଷ୍ନୌ ଏଟିଏସ୍ ଦ୍ୱାରା ସେଠାରେ ସୈଫୁଲ୍ଲା ନାମକ ଆଇଏସ୍‌ର ଜଣେ ସମର୍ଥକଙ୍କୁ ହତ୍ୟା ଏବଂ ୬ଜଣ ଗିରଫ ଘଟଣାର ଏକ ସପ୍ତାହ ପରେ ଏଭଳି ଧମକଭରା ଫଟୋକୁ ନେଇ ଦେଶର ସୁରକ୍ଷା ବାହିନୀ ସତର୍କ ହୋଇପଡିଛନ୍ତି। ଅନ୍‌ଲାଇନ୍‌ରେ ଆଇଏସ୍‌ର ଚିନ୍ତାଧାରାରେ ସେ ପ୍ରଭାବିତ ହେବା ସହ ମଧ୍ୟପ୍ରଦେଶର ଭୋପାଳରେ ଏକ ଆକ୍ରମଣରେ ମଧ୍ୟ ସାମିଲ ହୋଇଥିଲେ। ସୈଫୁଲ୍ଲାଙ୍କ ହତ୍ୟା ପରେ ସୋସିଆଲ ମିଡିଆରେ ମଧ୍ୟ ଆଇଏସ୍ ପକ୍ଷରୁ ଅନେକ ଧମକପୂର୍ଣ୍ଣ ବାର୍ତ୍ତା ପ୍ରସାରିତ ହେବାରେ ଲାଗିଛି। ସୈଫୁଲ୍ଲାଙ୍କୁ ଖଲିଫା ଶାସନର ସୈନ୍ୟ ଦର୍ଶାଇ ଭାରତରେ ଆକ୍ରମଣ କରାଯିବ ବୋଲି ସଂଗଠନ ପକ୍ଷରୁ ସୋସିଆଲ୍ ମିଡିଆରେ ବାର୍ତ୍ତା ପ୍ରସାର ହେଉଛି।

# ମହିଳାଙ୍କଠାରେ ହୃଦ୍‌ଘାତ ବୃଦ୍ଧିକରୁଛି ଇଷ୍ଟ୍ରୋଜେନ୍ ଅଭାବ



**ନୂଆଦିଲ୍ଲୀ :** ରତୁସ୍ରାବରୁ ବିରତି ପରେ କିଛି ମହିଳାଙ୍କଠାରେ ହୃଦ୍‌ଘାତ ଦେଖିବାକୁ ମିଳିଥାଏ। ପୁରୁଷମାନଙ୍କ କ୍ଷେତ୍ରରେ ଏହି ଯନ୍ତ୍ରଣା ହୃତ୍‌ପିଣ୍ଡରେ ବେଶି ପରିଶ୍ରମ କରିବା ବେଳେ ହୋଇଥାଏ, କିନ୍ତୁ ବିଶ୍ରାମ ନେଲେ ତାହା କମିଯାଏ। ମାତ୍ର ମହିଳାମାନଙ୍କ କ୍ଷେତ୍ରରେ ଏହା ବିଶ୍ରାମ ନେବା ସମୟ ଓ ମାନସିକ ଚିନ୍ତା ସମୟରେ ବେଶୀ ଦେଖାଦିଏ। ମହିଳାମାନଙ୍କଠାରେ ହୃଦ୍‌ଘାତ ସମୟରେ ଡାହାଣ କାନ୍ଧବ୍ୟଥା, ବାନ୍ତି, ଥକିଯିବା ତଥା ଅଣନିଶ୍ୱାସୀ ହେବା ଭଳି ଲକ୍ଷଣମାନ ପ୍ରକାଶ ପାଇଥାଏ। ଜଣାଯାଏ, ମହିଳା ମଧୁମେହ ରୋଗୀମାନେ ପୁରୁଷ ମଧୁମେହ ରୋଗୀଙ୍କଠାରୁ ହୃଦ୍‌ଘାତରେ ଆକ୍ରାନ୍ତ ହେବାର ଆଶଙ୍କା ବେଶୀ। ପୁରୁଷ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତର ଆଶଙ୍କା ଅଢେଇ ଗୁଣ ଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ପାଞ୍ଚଗୁଣ ହୋଇଥାଏ। ମଧୁମେହ ରୋଗୀଙ୍କ ମୃତ୍ୟୁର ମୁଖ୍ୟ କାରଣ ହୃଦ୍‌ଘାତ। ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ ତଥା କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ, ବୃହତ୍ ଧମନୀରେ ଜଟିଳତା ଯୋଗୁଁ କରୋନାରୀ ଧମନୀ ଅଣଓସାରିଆ ହୋଇ ହୃଦ୍‌ଘାତ ଓ ମସ୍ତିଷ୍କଘାତ ହୋଇଥାଏ। ଅନ୍ୟପକ୍ଷେ କ୍ଷୁଦ୍ର ଧମନୀରେ ଜଟିଳତା ଯୋଗୁଁ ଡାଏବେଟିକ୍ ନେଫ୍ରୋପାଥି, ଡାଏବେଟିକ୍ ରେଟିନୋପାଥି ତଥା କାର୍ଡିଓମାୟୋପାଥି ହୋଇଥାଏ। ଏହିସବୁ କାରଣରୁ ହୃଦ୍‌ଘାତ, ଛାତିବ୍ୟଥା ଓ ହଠାତ୍ ମୃତ୍ୟୁ ସାଧାରଣ ବ୍ୟକ୍ତି ଅପେକ୍ଷା ମଧୁମେହ ରୋଗୀଙ୍କଠାରେ ଦୁଇଗୁଣା ବେଶି ଦେଖାଦେଇଥାଏ। ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖିବାକୁ ମିଳିଥାଏ। ୧୫ରୁ ୪୫ ବର୍ଷ ମଧ୍ୟରେ ମହିଳାମାନଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ୍ ଅନ୍ତଃସ୍ରାବୀ ରସ ହୃତ୍‌ପିଣ୍ଡକୁ ରକ୍ଷା କରିଥାଏ। କିନ୍ତୁ ମାସିକ ରକ୍ତସ୍ରାବର ବିରତି ପରେ ଏହି ରସ କ୍ଷରଣ ବନ୍ଦ ହୋଇଯିବା ଫଳରେ ବୟସ୍କମହିଳାଙ୍କୁ ହୃଦ୍‌ଘାତର ଶିକାର ହେବାକୁ ପଡିଥାଏ। ପାଶ୍ଚାତ୍ୟ ଦେଶମାନଙ୍କରେ ନିଜ ଯୌବନକୁ ଅତୁଟ ରଖିବା ପାଇଁ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍ ଔଷଧ ଖାଇଥାନ୍ତି। ଏହାକୁ ହର୍‌ମୋନ୍ ରିପ୍ଲେସମେଣ୍ଟ ଥେରାପି କୁହାଯାଏ। ଏହି ଥେରାପି ହୃଦ୍‌ଘାତରୁ ରକ୍ଷା କରିଥାଏ। କିନ୍ତୁ ଏହି ଥେରାପି ବେଳେବେଳେ ଜରାୟୁ କର୍କଟ ସୃଷ୍ଟି କରୁଥିବା ଜଣାଯାଏ। ତେଣୁ ଏହି ଥେରାପିର ସହାୟତା ନେବା ବଦଳରେ ସୋୟାବିନ୍ ଥିବା ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ମହିଳାମାନଙ୍କର ହୃଦ୍‌ଘାତ ରୋକିବା ପାଇଁ ପ୍ରଥମ ପଦକ୍ଷେପ ହେଉଛି ରୋଗର ଚିହ୍ନଟ କରିଥବା। ଇସିଜି ସହ କଲର ଇକୋକାର୍ଡିଓ ଗ୍ରାଫି ଓ ଷ୍ଟ୍ରେସ୍ ଇକୋକାର୍ଡିଓ ଗ୍ରାଫି ଦ୍ୱାରା ମହିଳାମାନଙ୍କ ହୃଦ୍‌ଘାତକୁ ଚିହ୍ନଟ କରିଥାଏ ବୋଲି ଡାକ୍ତର କୁହନ୍ତି।

## ରେଡିଓଆକ୍ଟିଭ୍ ଅଳିଆ ବିଘଟନ ପାଇଁ ବ୍ୟାକ୍ଟେରିଆର ସନ୍ଧାନ

**ନୂଆଦିଲ୍ଲୀ :** ନିକଟରେ ବୈଜ୍ଞାନିକମାନେ ରେଡିଓଆକ୍ଟିଭ୍ ଅଳିଆକୁ ବିଘଟିତ କରୁଥିବା ବ୍ୟାକ୍ଟେରିଆ ଆବିଷ୍କାର କରିଛନ୍ତି। ଏହା ଅତି ବିଷମ ପରିସ୍ଥିତିରେ ମଧ୍ୟ ଜୀବିତ ରହିପାରେ। ଆଗାମୀ ଦିନରେ ଏହି ବ୍ୟାକ୍ଟେରିଆ ଜରିଆରେ ପରମାଣୁ ଅଳିଆକୁ ନଷ୍ଟ କରାଯାଇ ପାରିବ ବୋଲି ସେମାନେ ଆଶା ରଖିଛନ୍ତି। ବ୍ରିଟେନ୍‌ର ପିକ୍ ଜିଲ୍ଲାର 'ଓଲ୍ଡ ଲାଇମ୍ କିଲ୍‌ନ'ରେ ପରମାଣୁ ଅଳିଆକୁ ସୁରକ୍ଷିତ ରଖାଯାଇଛି। ମାସାଚୁସେଟ୍ସ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ଅନୁସାରେ, ଏହି ସ୍ଥାନରେ ମିଳିଛି ପରମାଣୁ ଅଳିଆ ଖାଉଥିବା ବ୍ୟାକ୍ଟେରିଆ ମିଳିଛି। ଜର୍ଣ୍ଣାଲ୍ 'ମଲ୍ଟିଡିସିପ୍ଲିନାରୀ ଜର୍ଣ୍ଣାଲ ଅଫ୍ ମାଇକ୍ରୋବିୟଲ୍ ଇକୋଲୋଜି'ରେ ପ୍ରକାଶିତ ଗବେଷଣା ଅନୁସାରେ ଏହା ହେଉଛି ପ୍ରଥମ ଆବିଷ୍କାର। ଯାହାକୁ ସିଙ୍ଗଲ୍ ସେଲ୍ ବ୍ୟାକ୍ଟେରିଆ କୁହାଯାଉଛି। ଏବେ ବ୍ରିଟେନ୍ ସହିତ ପରମାଣୁ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ପାଇଁ ପରମାଣୁ ଅଳିଆ ସଫା କରିବା ଖୁବ୍ କଷ୍ଟକର ବ୍ୟାପାର। ସେଥିପାଇଁ ଅଦରକାରୀ ହୋଇ ସାରିଥିବା ପରମାଣୁ ଅଳିଆକୁ ସିମେଣ୍ଟ ଓ ଅନ୍ୟ ରସାୟନରେ ବନ୍ଦ କରି ସାବଧାନତା ପୂର୍ବକ ମାଟିରେ ପୋତି ଦିଆଯାଉଛି। ଏହି ସମୟରେ କୌଣସି ପରିସ୍ଥିତିରେ ପରମାଣୁ ଅଳିଆ ପର୍ଯ୍ୟନ୍ତ ପାଣି ଯେମିତି ନ ପହଞ୍ଚିବ, ସେଥିପାଇଁ ଧ୍ୟାନ ଦିଆଯାଉଛି। ପାଣି ସଂସ୍ପର୍ଶରେ ଆସିବା ପରେ ପରମାଣୁ ଅଳିଆରେ ରାସାୟନିକ କ୍ରିୟା ହୋଇପାରେ, ଯାହାକି ମନୁଷ୍ୟର ଖାଦ୍ୟଶୃଙ୍ଖଳକୁ ପ୍ରଦୂଷିତ ମଧ୍ୟ କରିପାରେ। ବ୍ରିଟେନ୍‌ରେ ବର୍ତ୍ତମାନ ୪ଟି ବଡ଼ ବଡ଼ ହଲ୍ ଭଳି ପରମାଣୁ ଅଳିଆ ଜମା ହୋଇଛି। ସ୍କୁଲ ଅଫ୍ ଆର୍ଥ, ଆଟମୋସ୍ଫିୟର ଆଣ୍ଡ ଏନଭାଇରମେଣ୍ଟାଲ୍ ସାଇନ୍ସେସ୍‌ର ପ୍ରଫେସର ଜୋନାଥନ୍ ଲୋୟଡ୍ କହନ୍ତି, ମିଳିଥିବା ନୂଆ ବ୍ୟାକ୍ଟେରିଆର ଆହୁରି ଅଧିକ ଗୁଣ ଜାଣିବାକୁ ସମସ୍ତେ ଉତ୍ସୁକ। ଯେହେତୁ ପରମାଣୁ ଅଳିଆ ଅନେକ ହଜାର ବର୍ଷ ମାଟି ତଳେ ଜମା ରହିପାରେ। ଏହି ଅଳିଆରେ ବ୍ୟାକ୍ଟେରିଆ ସୃଷ୍ଟି କରିପାରିଲେ ଅଳିଆ ନଷ୍ଟ କରାଯାଇପାରିବ। କିନ୍ତୁ ପ୍ରଥମେ ଆମକୁ ବ୍ୟାକ୍ଟେରିଆ ଭୋଜନର ଶୈଳୀ ଆଦି ଉପରେ ବିସ୍ତୃତ ଗବେଷଣା କରିବାକୁ ପଡ଼ିବ ବୋଲି ଘୋଷଣା କରିଛନ୍ତି ଗବେଷକ।

## କାର୍ଯ୍ୟକ୍ଷେତ୍ରରେ ବୁର୍ଖା ବ୍ୟବହାର ନିଷେଧ ଆଇନ୍‌ସମ୍ମତ



**ଲକ୍ସମବର୍ଗ :** କାର୍ଯ୍ୟକ୍ଷେତ୍ରରେ ବୁର୍ଖା ବା କୌଣସି ରାଜନୈତିକ ଓ ଧାର୍ମିକ ପ୍ରତିକ ବ୍ୟବହାର ନିଷିଦ୍ଧ ଆଇନ୍‌କୁ ୟୁରୋପୀୟ ୟୁନିୟନ୍ ଅଦାଲତ ଆଇନ୍‌ଗତ ଦର୍ଶାଇଛନ୍ତି। କୌଣସି ୟୁରୋପୀୟ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ଏଭଳି କୌରସି ପ୍ରତିକ ବ୍ୟବହାର କରିପାରିବେ ନାହିଁ ବୋଲି ୟୁରୋପୀୟାନ୍ କୋର୍ଟ ଅଫ୍ ଜଷ୍ଟିସ୍ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆନ୍ତର୍ଜାତିକ ଆଇନ୍ ଅନୁସାରେ କୌଣସି କମ୍ପାନୀ ବା ସଂସ୍ଥା ଧର୍ମୀୟ ପ୍ରତିକ ବ୍ୟବହାର ନିଷିଦ୍ଧ କରିବା ଆଦୌ ଅଯୌକ୍ତିକ ନୁହେଁ କିମ୍ବା କୌଣସି ବାଛବିଚାର ଅନ୍ତର୍ଭୁକ୍ତ ନୁହେଁ, ବିଶେଷକରି ମୁସଲମାନ ମହିଳା ବୁର୍ଖା ପିନ୍ଧିବା ଉପରେ ନିଷେଧାଦେଶ ଯୁକ୍ତିସଂଗତ ବୋଲି କୋର୍ଟ ଦର୍ଶାଇଛି। ବେଲଜିୟମରେ ଜଣେ ମୁସଲମାନ ମହିଳା ବୁର୍ଖା ପିନ୍ଧି କାର୍ଯ୍ୟକ୍ଷେତ୍ରକୁ ଆସିବା ସମୟରେ ସୁରକ୍ଷା କର୍ମୀ ତାକୁ ଅଟକାଇବା ସଂକ୍ରାନ୍ତ ଏକ ମାମଲାର ବିଚାର ପରି କୋର୍ଟ ଏଭଳି ରାୟ ଦେଇଛନ୍ତି। ଅଷ୍ଟ୍ରିୟା ଭଳି ବିଭିନ୍ନ ଦେଶ ପକ୍ଷରୁ ୟୁରୋପରେ ବୁର୍ଖାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନିଷେଧ କରିବା ପାଇଁ ମଧ୍ୟ ଦାବି ହେଉଛି।

### ବିଶେଷଜ୍ଞଙ୍କ ମତ

## ଜାରିରହିବ ମୋଦିରାଜ୍



**ନୂଆଦିଲ୍ଲୀ :** ଆମେରିକୀୟ ବିଶେଷଜ୍ଞଙ୍କ ମତରେ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ୨୦୧୯ ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ ଭାବେ ଜଣେ ଲୋକପ୍ରିୟ ନେତୃତ୍ୱ ଭାବେ ସାମ୍ନାକୁ ଆସିଛନ୍ତି। ୫ ରାଜ୍ୟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ଫଳାଫଳ ଦର୍ଶଉଛି ଯେ, ୨୦୧୪ ଲୋକସଭା ନିର୍ବାଚନର ଫଳାଫଳ ଅସାଧାରଣ ନଥିଲା। ମୋଦି ୨୦୧୯ ପରେ ମଧ୍ୟ ଭାରତର ନେତୃତ୍ୱ ନେବେ ବୋଲି ଅନ୍ୟଜଣେ ବିଶେଷଜ୍ଞ ମତ ଦେଇଛନ୍ତି। ଜର୍ଜ ୱାଶିଂଟନ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ଓ ଅନ୍ତର୍ଜାତୀୟ ମାମଲାର ସହାୟକ ପ୍ରଫେସର ଆଡମ୍ ଜିଗ୍‌ଫେଲ୍ଡ କହିଛନ୍ତି ଯେ, ବିଧାନସଭା ନିର୍ବାଚନ ଅଧିକ ପରିବର୍ତ୍ତନର ସଙ୍କେତ ଦେଉନାହିଁ। ତେବେ ବିଜେପି ପାଇଁ ଏହା ଏକ ବଡ ବିଜୟ ଥିଲା। ଏହାର ପ୍ରାର୍ଥୀ ବିଏସ୍‌ପି ଓ ସପା ତୁଳନାରେ ଅଧିକ ଭୋଟ୍ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ଆମେରିକା ଏଣ୍ଟରପ୍ରାଇଜ୍ ଇନ୍‌ଷ୍ଟିଚ୍ୟୁଟ୍ର ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହି ନିର୍ବାଚନ ମୋଦିଙ୍କୁ ୨୦୧୯ ନିର୍ବାଚନ ପାଇଁ ଜଣେ ସ୍ପଷ୍ଟ ଓ ଲୋକପ୍ରିୟ ବିଜେତା ଭାବେ ପ୍ରମାଣିତ କରିଛି। ମୋଦି ୨୦୧୯ ଲୋକସଭା ନିର୍ବାଚନ ଦୌଡରେ ସବୁଠାରୁ ଆଗରେ ରହିବେ। ତେବେ ଜର୍ଜ ଟାଉନ୍ ୟୁନିଭର୍ସିଟିର ୱାଲ୍ସ ସ୍କୁଲ ଅଫ୍ ଫରେନ୍ ସର୍ଭିସ୍‌ର ପ୍ରଫେସରଙ୍କ ମତରେ, ୨୦୧୯ରେ ବିଜେପିକୁ ପୂର୍ଣ୍ଣ ବହୁମତ ମିଳିବ ନାହିଁ ଓ ମୋଦି ମେଣ୍ଟ ସରକାର ଗଠନ କରିବା ଦିଗରେ ଆଗକୁ ବଢ଼ିବେ। ଯେଉଁ ରାଜ୍ୟରେ ବିଜେପି ସିଧାସଳଖ ବିରୋଧର ସମ୍ମୁଖୀନ ହୋଇଛି, ସେଠାରେ ଦଳର ସ୍ଥିତି ସେତେ ସୁଦୃଢ଼ ହୋଇନାହିଁ। ଯଦି ବିରୋଧୀ ଦଳ ଏକଜୁଟ୍ ହୁଅନ୍ତି, ତାହାହେଲେ ବିଜେପିକୁ ହରାଇ ପାରିବେ। ନୁର୍‌ଉଦ୍ଦିନ୍ କହିଛନ୍ତି, ଯେଉଁଠାରେ ବିରୋଧୀ ଦଳ ଭାଗ ଭାଗ ହୋଇଛନ୍ତି, ସେଠାରେ ବିଜେପି ଫାଇଦା ପାଇଛି। ୨୦୧୯ରେ ସତ୍ତା ବିରୋଧୀ ଜନମତ କାମ କରିବ। ଏହି ନିର୍ବାଚନରେ ବିଜେପି ଜାତିଆଣ କାର୍ଡ ଖେଳିଲା, କିନ୍ତୁ ଏହାଠାରୁ ଊର୍ଦ୍ଧ୍ୱରେ ବୋଲି ଦର୍ଶାଇଲା। ଆମେରିକୀୟ ଏଣ୍ଟରପ୍ରାଇଜ୍ ଇନ୍‌ଷ୍ଟିଚ୍ୟୁଟ୍ର ରେସିଡେଣ୍ଟ ଫେଲୋ ସଦାନନ୍ଦ ଧୁମେ କହିଛନ୍ତି, ଏହି ନିର୍ବାଚନରେ ବିମୁଦ୍ରାକରଣ ପ୍ରତି ଯଥେଷ୍ଟ ସମର୍ଥନ ମିଳିଛି। ଏହା ଜନସାଧାରଣଙ୍କ ମନକୁ ଛୁଇଁଛି। ଦୁର୍ନୀତି ବିରୋଧରେ ମୋଦି କିଛି ଆଖିଦୃଶିଆ ପଦକ୍ଷେପ ନେଉଛନ୍ତି ବୋଲି ସେମାନଙ୍କ ହୃଦ୍‌ବୋଧ ହୋଇଛି। ତେବେ ବିଧାନସଭା ନିର୍ବାଚନରେ ମୋଦିଙ୍କର ଉଲ୍ଲେଖନୀୟ ବିଜୟ ଏବଂ ଭବିଷ୍ୟତ ପାଇଁ ତାଙ୍କର ଆଶା ଉଜ୍ଜ୍ୱଳ ଥିବା ସତ୍ତ୍ୱେ ବୈଦେଶିକ ନୀତି ଉପରେ ଏହାର କୌଣସି ପ୍ରଭାବ ପଡିବାର ସମ୍ଭାବନା ନାହିଁ, କିନ୍ତୁ ଏହାଦ୍ୱାରା ବିଜେପି ରାଜ୍ୟସଭାରେ ଅଧିକ ଆସନ ପାଇବ। ଫଳରେ ଜମି ଅଧିଗ୍ରହଣ ଓ ଶ୍ରମ ସଂସ୍କାର କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ପୂରଣ କରିବାରେ ଏହା ସହାୟକ ହେବ, ଯାହାକି ୨୦୧୯ରେ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିବ।

# ଇରାନକୁ ସଂଯୋଗ ହେବ ରେଳପଥ

**ନୂଆଦିଲ୍ଲୀ :** ଭାରତୀୟ ରେଳବାଇ ସମେତ ୭ ଅନ୍ୟାନ୍ୟ ଦେଶ ଆନ୍ତଃମହାଦେଶୀୟ ରେଳ ପରିବହନ ସେବା ପାଇଁ ଥିବା ସୁବିଧାସୁଯୋଗ ଉପରେ କାର୍ଯ୍ୟ କରୁଛନ୍ତି। ନୂଆଦିଲ୍ଲୀରେ ଏ ନେଇ ଅନୁଷ୍ଠିତ ଦୁଇଦିନିଆ ଉଚ୍ଚସ୍ତରୀୟ ବୈଠକରେ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନ ଭଳି ଦେଶ ଯୋଗଦେଇଛନ୍ତି। ଏହି ତିନି ଦେଶ ସମେତ ରେଳ ମନ୍ତ୍ରଣାଳୟ ଏବଂ ଋଷିଆ ସଂଯୁକ୍ତ ସଂଘ, ନେପାଳ, ଭୁଟାନ୍ ଏବଂ ମ୍ୟାନ୍‌ମାର ଭଳି ଦେଶର ଉଚ୍ଚସ୍ତରୀୟ ପ୍ରତିନିଧି ଯୋଗଦେବେ। ଏହି ରେଳ ପରିବହନ ସେବା ଇରାନ୍ ଏବଂ ତୁର୍କି ପର୍ଯ୍ୟନ୍ତ ସଂଯୋଗ କରିବ ବୋଲି ଜଣାପଡ଼ିଛି। ଚାଇନା ୟୁରୋପକୁ ଟ୍ରେନ୍ ଯୋଗେ ମାଲ୍ ପରିବହନ ସେବା ଆରମ୍ଭ କରିସାରିଛି। ଅପରପକ୍ଷେ ଏଭଳି ସେବା ଢାକା ଏବଂ ଇସ୍ତାନବୁଲ ସହିତ ସଂଯୋଗ କରାଯିବାକୁ ଯୋଜନା ରହିଛି। ଏହା କାର୍ଯ୍ୟକାରୀ ହେଲେ ଏହା ମଧ୍ୟରେ ହାଓଡ଼ା, ଦିଲ୍ଲୀ, ଲାହୋର ଏବଂ ତେହେରାନ୍ ଭଳି ସ୍ଥାନଗୁଡ଼ିକ ସଂଯୋଗ ହୋଇପାରିବ।

ଏହି ବୈଠକରେ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହିଭଳି ରେଳ ସଂଯୋଗୀକରଣର ଆବଶ୍ୟକତା ସମ୍ପର୍କରେ ପ୍ରଭୁ ଗୁରୁତ୍ୱାରୋପ କରିବା ସହ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାଣିଜ୍ୟ ଏବଂ ଅର୍ଥନୈତିକ ବିକାଶ, ଢାକାଠାରୁ ଇସ୍ତାନବୁଲ ମଧ୍ୟରେ ଭୁଟାନ, ଭାରତ, ନେପାଳ, ପାକିସ୍ତାନ, ଆଫଗାନିସ୍ତାନ ଇରାନ ଏବଂ ତୁର୍କି ଦେଇ ରେଳ ସଂଯୋଗୀକରଣ ପ୍ରସ୍ତାବ ଉପରେ ଆଲୋଚନାମାନ ହେବ।

### ବଦଳିବ ଟିକସ ନିୟମ

# ବିଦେଶରେ ଲୁଚାଇହେବନି କଳାଟଙ୍କା

**ମୁମ୍ବାଇ :** ଭାରତରେ କଳାଟଙ୍କା ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହର କରୁଥିବା ବେଳେ ଏଥିରୁ ବର୍ତ୍ତିବାକୁ ଲୋକମାନେ ବିଦେଶରେ ସେମାନଙ୍କ ଟଙ୍କା ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଦୁବାଇ ସମେତ କେତେକ ଦେଶକୁ ଲୋକମାନେ ସେମାନଙ୍କ କଳାଟଙ୍କା ଲୁଚାଇବା ପାଇଁ ସୁରକ୍ଷିତ ମଣୁଛନ୍ତି। ମାତ୍ର ବର୍ତ୍ତମାନ ଦୁବାଇ ଟିକସ ନିୟମରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଆରମ୍ଭ କରିସାରିଛି। ଏହା କାର୍ଯ୍ୟକାରୀ ହେଲେ କୌଣସି ଭାରତୀୟ ଦୁବାଇରେ ସେମାନଙ୍କ କଳାଟଙ୍କା ଲୁଚାଇବାକୁ ସକ୍ଷମ ହେବେ ନାହିଁ। ଟିକସ ନିୟମ ମୁତାବକ ଟିକସ ସଂକ୍ରାନ୍ତ ସୂଚନା ଭାରତୀୟ କର୍ତ୍ତୃପକ୍ଷଙ୍କୁ ମିଳିପାରିବ। ନିୟମ କାର୍ଯ୍ୟକାରୀ ହେଲେ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ) ୨୦୧୮ ଜାନୁଆରୀ ପରଠାରୁ ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ସୂଚନା ଭାରତକୁ ପ୍ରଦାନ କରିବ। ମାତ୍ର ଏହା ପୂର୍ବରୁ ବ୍ୟାଙ୍କଗୁଡ଼ିକୁ ଲୋକମାନେ ସେମାନଙ୍କ ସମ୍ପତ୍ତି, ଆର୍ଥିକ ବିବରଣୀ ଏବଂ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ।

ୟୁଏଇ ବ୍ୟାଙ୍କଗୁଡ଼ିକ ଏ ନେଇ ତତ୍ପରତା ଦେଖାଇସାରିଛନ୍ତି। ୟୁଏଇ ବ୍ୟାଙ୍କଗୁଡ଼ିକରେ ଆକାଉଣ୍ଟ ଥିବା ଭାରତୀୟଙ୍କୁ ସେମାନଙ୍କ ତଥ୍ୟ ଦେବାକୁ କୁହାଯାଉଛି। କଳାଟଙ୍କାକୁ ଭାରତୀୟମାନେ ବୀମା କ୍ଷେତ୍ରରେ ନିବେଶ କରୁଛନ୍ତି। ଏହାଛଡ଼ା ନୋମିନି ନିର୍ଦ୍ଦେଶକ ଭଳି ସୁବିଧାକୁ ଚୟନ କରୁଛନ୍ତି। ଏଥିରେ ଲୋକମାନେ ପାଉଥିବା ଟିକସ ଛାଡ଼ ସୁବିଧା ସଂକ୍ରାନ୍ତ ଠିକ୍ ସୂଚନା ଦେବାକୁ କୁହାଯାଇଛି। କୌଣସି ବ୍ୟକ୍ତି ଏପରି ନକଲେ ବ୍ୟାଙ୍କଗୁଡ଼ିକ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି। ବର୍ତ୍ତମାନ କମ୍ପାନୀର ଖାତା ଖୋଲିବା ବେଳେ ୟୁଏଇ ବ୍ୟାଙ୍କଗୁଡ଼ିକ ଭାରତୀୟମାନଙ୍କୁ ନିଜ ଦେଶର ଟିକସ ପରିଚୟ ନମ୍ବର ଦେବାକୁ କହୁଛନ୍ତି। ସେହିଭଳି ପାସ୍‌ପୋର୍ଟ କପି ଏବଂ କେତେକ କ୍ଷେତ୍ରରେ ଉକ୍ତ କମ୍ପାନୀରେ ଥିବା ଭାରତୀୟ ଅଂଶୀଦାରଙ୍କ ସୂଚନା ଦେବାକୁ କୁହାଯାଉଛି। ଜଣେ ବିଦେଶୀ ବିନିମୟ ବିଶେଷଜ୍ଞଙ୍କ କହିବା ମୁତାବକ ପୂର୍ବରୁ ବ୍ୟାଙ୍କଗୁଡ଼ିକ ଖାତା ଖୋଲିବାକୁ ୩-୪ ଦିନ ସମୟ ନେଉଥିବା ବେଳେ ବର୍ତ୍ତମାନ ଏକମାସ ପର୍ଯ୍ୟନ୍ତ ସମୟ ନେଉଛନ୍ତି।



ଆର୍‌ବିଆଇ ନିୟମ ମୁତାବକ ଜଣେ ଭାରତୀୟ ବିଦେଶରେ ବାର୍ଷିକ ୨.୫ ଲକ୍ଷ ଡଲାର ସମ୍ପତ୍ତି କିମ୍ବା ସେୟାର ବଜାରରେ ନିବେଶ କରିପାରିବେ। ଏହି କ୍ଷେତ୍ରରେ ଲୋକମାନେ ଭୂତ କମ୍ପାନୀର ସେୟାର କ୍ରୟ କରିବା ସହ ସେଠାରେ ନିଜର ଅଘୋଷିତ ଆୟକୁ ନିବେଶ କରିଥାନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଟିକସ ପ୍ରଦାନ କରାଯାଉ ନ ଥିବା ଟଙ୍କା ଜମା ପାଇଁ ଏକ ବ୍ୟାଙ୍କ ଆକାଉଣ୍ଟମଧ୍ୟ ଖୋଲିଥାନ୍ତି। ନୋମିନି ନିର୍ଦ୍ଦେଶକମାନେ ସାଧାରଣତଃ ଗୋପନରେ ଏହି କମ୍ପାନୀଗୁଡ଼ିକର ମାଲିକାନାରେ ରହିଥାନ୍ତି। ପରେ ଟଙ୍କାକୁ ଦୁବାଇ ବ୍ୟାଙ୍କ ଆକାଉଣ୍ଟରୁ ସୁଇଜରଲ୍ୟାଣ୍ଡ ଏବଂ ନ୍ୟୁଜର୍ସିକୁ ପଠାଯାଇଥାଏ। ଏଣୁ ବର୍ତ୍ତମାନ ଟିକସ ନିୟମ ମୁତାବକ କୌଣସି କମ୍ପାନୀର ୯୦% ଅଂଶଧନ ବ୍ୟକ୍ତିଙ୍କ ପାଖରେ ଥିଲେ ଏହାର ସୂଚନା ଭାରତୀୟ ଟିକସ କର୍ତ୍ତୃପକ୍ଷ ପାଇପାରିବେ। ପୂର୍ବରୁ କଳାଟଙ୍କା ରଖିବାକୁ ଲୋକମାନେ ଦୁବାଇକୁ ଚୟନ କରୁଥିଲେ। ମାତ୍ର ୨୦୧୬ ପରଠାରୁ ୟୁଏଇ ବ୍ୟାଙ୍କଗୁଡ଼ିକ ନେଣଦେଣ ଉପରେ ନଜର ରଖୁଛନ୍ତି। ସେହିଭଳି ଭାରତୀୟଙ୍କ ନେଣଦେଣ ଉପରେ ମଧ୍ୟ ୟୁଏଇ ବ୍ୟାଙ୍କ ଏବଂ ଟିକସ କର୍ତ୍ତୃପକ୍ଷଙ୍କ ନଜର ରହିଛି।

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

Bhubaneswar, 20th-26th Mar, 2017
ଭୁବନେଶ୍ୱର, ୨୦-୨୬ ମାର୍ଚ୍ଚ, ୨୦୧୭





**ସିଓ୍ୱେଜ୍ ସିପିଂ ଜିଏମ୍ ମହେନ୍ଦ୍ର ସ୍ୱାଇଁ ହତ୍ୟାକାଣ୍ଡ**

## ହଜାରେ ପୃଷ୍ଠାର ଚାର୍ଜସିଟ୍



**ପାରାଦୀପ :** ସିଓ୍ୱେଜ୍ ସିପିଂ କମ୍ପାନିର ଜିଏମ୍ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ପାରାଦୀପ ପୋଲିସ ଚାର୍ଜସିଟ୍ ଦାଖଲ କରିଛି। ମୋଟ ୧୦ ଜଣ ଅଭିଯୁକ୍ତଙ୍କ ନାଁରେ ହଜାର ପୃଷ୍ଠାର ଚାର୍ଜସିଟ୍ ପୋଲିସ ଦାଖଲ କରିଛି। ମୂଳ ଚାର୍ଜସିଟ ୨୧ ପୃଷ୍ଠାର ହୋଇଥିବା ବେଳେ ଆନୁସଙ୍ଗିକ ଦସ୍ତାବିଜ୍‌କୁ ମିଶାଇଲେ ଚାର୍ଜସିଟ୍ର ଆକାର ବେଶ୍ ବଢ଼ିଯାଇଛି। ମାମଲାର ଆହୁରି ୬ ଜଣ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ପରେ ଚାର୍ଜସିଟ୍ ସମ୍ପୂର୍ଣ୍ଣ ହେବ। ଆଇନ୍ ଅନୁଯାୟୀ ୧୨୦ ଦିନ ପୂରିଯାଉଥିବାରୁ ପାରାଦୀପ ପୋଲିସ ଏହି ମାମଲାରେ ପ୍ରଥମ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପୋଲିସ ୧୬୦ ଜଣଙ୍କୁ ସାକ୍ଷୀ କରିଛି। ଓଏସ୍ଏଲ୍ ମୁଖ୍ୟ ଶିଳ୍ପପତି ମହିମାନନ୍ଦ ମିଶ୍ର, ନିର୍ଦ୍ଦେଶକ ବସନ୍ତ ବଳ, ହତ୍ୟାର ସୁପାରି ଧରିଥିବା ରାକେଶ ଚୌବେ, କଂଗ୍ରେସ ନେତା ବାପି ସର୍ଖେଲ, ସାର୍ପ ସୁଟର ରିଆସତ ହୁସେନ ଓରଫ ରିୟାଜ, ମହମ୍ମଦ ବବଲୁ, ମହମ୍ମଦ ସମିମ ଓରଫ ନୟିମ, ଶିବ, ମନୋଜ ଗୋଛାୟତ, ସୁଶାନ୍ତ ସେଠୀ ପ୍ରମୁଖ ୧୦ଜଣଙ୍କ ନାମରେ ପୋଲିସ ଏହି ଚାର୍ଜସିଟ୍ ଦାଖଲ କରିଛି। ସେମାନଙ୍କ ମଧ୍ୟରୁ ମହିମା, ବସନ୍ତ, ରାକେଶ, ବବଲୁ, ସୁଶାନ୍ତ, ରିୟାଜ, ମନୋଜ ପ୍ରମୁଖଙ୍କୁ ପୋଲିସ ରିମାଣ୍ଡରେ ଆଣି ଜେରା କରିସାରିଛି। ଗିରଫ ଦିନରୁ ବସନ୍ତ ବଳ ଏସ୍‌ସିବିରେ ରହି ତିନିଦିନ ତଳେ ସମାଗୋଳ ଜେଲ୍‌କୁ ଫେରିଛନ୍ତି। ଏତଲା ବର୍ଣ୍ଣିତ ଆହୁରି ୨ ଜଣ ଅଭିଯୁକ୍ତ ପୋଲିସ ହାତରେ ଏଯାଏ ପଡି ନାହାନ୍ତି। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡରେ ପାରାଦୀପ ତଥା ରାଜ୍ୟ ପୋଲିସର ବରିଷ୍ଠ ପଦାଧିକାରୀମାନେ ତଦନ୍ତରେ ସାମିଲ ହୋଇଛନ୍ତି। ପ୍ରଥମଥର ଲାଗି କମିଶନରେଟ୍ ପୋଲିସ ଇଣ୍ଟରପୋଲ୍‌ର ସହାୟତା ନେଇ ଅଭିଯୁକ୍ତଙ୍କୁ ବିଦେଶରୁ ଆଣି ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

**ଆକ୍ରୋଶମୂଳକ ଗିରଫଦାରୀ ଓ ଜୁଲୁମ**

# ପ୍ରତିବାଦ ଜଣାଇବାକୁ ମିଳୁନି ସୁଯୋଗ

**କେନ୍ଦୁଝର :** ଗତ ୧୦ତାରିଖ ଦିନ ଶୁଆକାଟୀ ପୋଲିସ ନାଏବ ସରପଞ୍ଚ ନିର୍ବାଚନ ସମୟରେ ୮୧ଜଣ ମହିଳା ଓ ପୁରୁଷ ଆଦିବାସୀଙ୍କୁ ଗିରଫ କରିବା ଘଟଣାରେ ଧିରେଧିରେ ଜିଲ୍ଲା ପୋଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିବାରେ ଲାଗିଛି । କେତେବେଳେ ନିରୀହ ଜନସାଧାରଣଙ୍କ ପ୍ରତି ପୋଲିସ ବନ୍ଧୁ ବଦଳରେ ଶତ୍ରୁ ପରି ବ୍ୟବହାର କରୁଛି ତ ନିଜର ସ୍ୱାର୍ଥ କିମ୍ବା କୌଣସି ଗୋଷ୍ଠୀର ଚାପରେ ପଡି ଆଦିବାସୀଙ୍କ ଉପରେ ଦାଉ ସାଜୁଛି କେନ୍ଦୁଝର ଜିଲ୍ଲା ପୋଲିସ । ଏପରି ସ୍ଥଳେ ୮୧ଜଣ ଆଦିବାସୀଙ୍କୁ ଆଉ କେତେବେଳେ ଦୋଷୀ ଚିହ୍ନଟ ନ କରି ବିନା ଦୋଷ ଥିବା କିଛି ଆଦିବାସୀଙ୍କୁ ଜେଲରେ ପୁରାଇବା ଘଟଣା ବର୍ତ୍ତମାନ ଜିଲ୍ଲାରେ ଅନେକ ଆଦିବାସୀ ସଂଘ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏପରି ଅନ୍ୟାୟ ଗିରଫଦାରୀକୁ ବିରୋଧ କରାଯିବ ବୋଲି ଆଲୋଚନା ହେଉଛି । ସ୍ଥାନୀୟ ଫାଣ୍ଡି ଅଧିକାରୀ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ ଜଣାଇବା ଯୋଗୁଁ ସ୍ଥାନୀୟ ଶୁଆକାଟୀ ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ତାରାମଣୀ ନାଏକଙ୍କ ନେତୃତ୍ୱରେ ପୋଲିସର ଏତାଦୃଶ କାର୍ଯ୍ୟକଳାପକୁ ବିରୋଧ କରି ପଞ୍ଚାୟତର ତେନ୍ତୁଳି, ଦଅଁଳା, ପବିତ୍ରବାଣୀ, ଜାମୁଡିହା ଏବଂ ଡୁମୁରିସାହିର ଶତାଧିକ ଆଦିବାସୀ ପୁରୁଷ ଓ ମହିଳା ଆନ୍ଦୋଳନ ମାଧ୍ୟମରେ ବିରୋଧ କରିଥିଲେ। ସ୍ଥାନୀୟ ଗନ୍ଧମାର୍ଦ୍ଧନ ଲୋଡିଂ ଏଜେନ୍ସିର ପ୍ରଭାବଶାଳୀ ଗୋଷ୍ଠିଙ୍କ ହାତବାରସୀ ସାଜି ପୋଲିସ କାର୍ଯ୍ୟ କରୁଥିବା ଭଳି ସଂଗୀନ ଅଭିଯୋଗ ଉଠାଇ ପୋଲିସ ଓ ସ୍ଥାନୀୟ ଆଦିବାସୀ ଲୋକଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣା ପରେ ପୋଲିସ ଅହେତୁକ ଅନୁକମ୍ପା ଦେଖାଉଥିବା ଲୋଡିଂ ଏଜେନ୍ସିର କେତେକ ବ୍ୟକ୍ତି ନାଏବ ସରପଞ୍ଚ ନିର୍ବାଚନରେ ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ବିରୋଧ କରୁଥିବା ସରପଞ୍ଚଙ୍କ ଗୋଷ୍ଠୀର କିଛି ମହିଳା ଓ ପୁରୁଷଙ୍କୁ ନିସ୍ତୁକ ମାଡ ମାରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ୧୦ତାରିଖ ଶୁଆକାଟୀ ଫାଣ୍ଡି ଅଧିକାରୀଙ୍କୁ ଯେଉଁମାନେ ଆକ୍ରମଣ କରିଥିଲେ ପୋଲିସ ଉପଯୁକ୍ତ ତଦନ୍ତ ନକରି ଉକ୍ତ ଘଟଣାରେ ସ୍ଥାନୀୟ ୫୦ଜଣ ଆଦିବାସୀ ପୁରୁଷ ଓ ୩୧ଜଣ ମହିଳାଙ୍କୁ ୧୫ ତାରିଖ ଦିନ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବାବେଳେ ସଦର ପୋଲିସ ରାସ୍ତାରୁ ଉଠାଇ ସଦର ଥାନାକୁ ନେଇଯାଇ କୋର୍ଟ ଚାଲାଣ କରିଥିଲା। ଆଦିବାସୀ ମହିଳା ଓ ପୁରୁଷମାନଙ୍କ ଉପରେ ଉଦ୍ଦେଶ୍ୟ ମୂଳକଭାବେ ଆକ୍ରମଣ କରିଥିବା ଲୋଡିଂ ଏଜେନ୍ସିର ସଂପୃକ୍ତ ବ୍ୟକ୍ତିଙ୍କୁ ଛାଡି କେବଳ ଶୁଆକାଟୀ ପୋଲିସ ଫାଣ୍ଡି ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିବା ଦର୍ଶାଇ ୮୧ଜଣଙ୍କୁ ପୋଲିସ ଗିରଫ କରିଥିବା ଯୋଗୁଁ ଜିଲ୍ଲାରେ ଥିବା ଅନେକ ଆଦିବାସୀ ମଞ୍ଚ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଏପଟେ ଗିରଫ ହୋଇ ଜେଲ ହାଜତରେ ଥିବା ଅଭିଯୁକ୍ତମାନଙ୍କ ଉପରେ ଥାନାରେ ପୋଲିସ ପକ୍ଷରୁ ସେମାନଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଗିରଫ ହୋଇଥିବା ସ୍ଥାନୀୟ ସରପଞ୍ଚ ଉଠାଇଛନ୍ତି। ଶୁଆକାଟୀ ଅଞ୍ଚଳରେ ବାସ କରି ଆସୁଥିବା ଏହି ଭୂୟାଁ ଜନଜାତିଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର ଗୁରୁତ୍ୱ ଦେଇ ଚାଲିଥିବାବେଳେ ସ୍ଥାନୀୟ ପୋଲିସ ଏମାନଙ୍କ ଉପରେ ଏକତରଫା ଜୁଲୁମ କରିବା କେତେଦୂର ସମୀଚୀନ ତାହା ଉପରେ ଦଳିତ ଆଦିବାସୀ ବିକାଶ ସଂସ୍ଥାନ ଅଧ୍ୟକ୍ଷ ରମାକାନ୍ତ ପାତ୍ର ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ଉପରେ ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଦିଆଯାଉନାହିଁ ବୋଲି ଗିରଫ ହୋଇଥିବା ଶୁଆକାଟୀ ସରପଞ୍ଚ ତାରାମଣୀ ନାଏକଙ୍କ ସମତେ ଆହୁରି ଅନେକ ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣାକୁ ନେଇ ଅଭିଯୁକ୍ତମାନେ ନ୍ୟାୟ ପ୍ରଦାନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଅଧ୍ୟକ୍ଷ ଅନୁସୂଚିତ ଜନଜାତି ନୂଆଦିଲ୍ଲୀ, ମୁଖ୍ୟ ଶାସନ ସଚିବ ଓଡିଶା, ଗୃହ ସଚିବ, ଡାଇରେକ୍ଟର ଅନୁସୂଚିତ ଜନଜାତି ଆୟୋଗ, ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର, ମାନବାଧିକାର କମିସନ୍ ଓଡିଶା, ମାନବାଧିକାର କମିସନ ନୂଆଦିଲ୍ଲୀ, ପୋଲିସ ମହାନିର୍ଦ୍ଦେଶକ କଟକଙ୍କୁ ଜଣାଇବା ପାଇଁ ଅପେକ୍ଷା କରିଥିବାବେଳେ ଏହି ସୁଯୋଗ ଗିରଫ ହୋଇଥିବା ଆଦିବାସୀ ମହିଳା ଓ ପୁରୁଷଙ୍କୁ ମିଳିବ କି ନାହିଁ ତାହା ଏବେ ସାଧାରଣରେ ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଏଥର ଉତ୍କଳ ମଣ୍ଡପରେ ଓଡ଼ିଶା ଦିବସ

**ଭୁବନେଶ୍ୱର :** ଚଳିତବର୍ଷ ଉତ୍କଳ ମଣ୍ଡପରେ ଉତ୍କଳ ଦିବସ ତଥା ଓଡ଼ିଶା ଦିବସ ପାଳନ କରାଯିବ। ଏହି ଦିବସକୁ ନୀତି ନିର୍ଘଣ୍ଟ ମଧ୍ୟରେ ଶେଷ କରିବାକୁ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେବା ସହିତ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଦିଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଗୁରୁତ୍ୱ ଦେଇଥିବାରୁ ପ୍ରଶଂସା କରିଛନ୍ତି। ଗତ ବୁଧବାର ଅପରାହ୍ନରେ ସଚିବାଳୟରେ ଓଡ଼ିଶା ଦିବସ ପାଳନର ପ୍ରସ୍ତୁତି ନେଇ ଅନୁଷ୍ଠିତ ବୈଠକରେ ଶ୍ରୀ ପାଢ଼ୀଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନସଚିବ ସୁରେନ୍ଦ୍ର କୁମାର ଅବଗତ କରାଇଥିଲେ ଯେ ଓଡ଼ିଆ ଭାଷାର ବହୁଳ ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ଦିଆଯାଇଛି। ବିଭାଗୀୟ ସମସ୍ତ ନଥିପତ୍ର ଓଡ଼ିଆରେ ସମ୍ପାଦନା କରାଯିବା ସହିତ ପ୍ରସ୍ତାବିତ୍ କାର୍ଯ୍ୟ ମଧ୍ୟ ଓଡ଼ିଆରେ କରାଯାଉଛି। ଏହି ଅବସରରେ ଚଳିତବର୍ଷ ଏପ୍ରିଲ ପହିଲା ତଥା ଓଡ଼ିଶା ଦିବସକୁ ଉତ୍କଳ ମଣ୍ଡପରେ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବାବେଳେ ଉକ୍ତଦିନ ସଚିବାଳୟ ସହିତ ରବୀନ୍ଦ୍ରମଣ୍ଡପ, ରାଜଭବନ, ବିଧାନସଭାକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ। ଭୁବନେଶ୍ୱର ସମେତ ଦିଲ୍ଲୀ, କଲକାତା, ମୁମ୍ବାଇରେ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଉଚ୍ଚମାନର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହାବ୍ୟତୀତ ପ୍ରଭାତଫେରି, ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ, ନିରାପତ୍ତା, ଯାନବାହନଗୁଡିକର ଯାତାୟାତ ନିୟନ୍ତ୍ରଣ ଲାଗି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଓ ପୁରସ୍କାର ପ୍ରଦାନ କରାଯିବ। ଠିକଣା ସମୟରେ ଓଡ଼ିଶା ଦିବସର ସମସ୍ତ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ବିଭାଗୀୟ ସଚିବ ଶ୍ରୀ କୁମାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଶିକ୍ଷବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା, ବିଏମ୍‌ସି କମିଶନର ଡ. କ୍ରିଷନ୍ କୁମାର, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ସହ ବହୁପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## କୃଷିମନ୍ତ୍ରୀଙ୍କ ବହିଷ୍କାର ଦାବି



**ଭୁବନେଶ୍ୱର :** ଓଡ଼ିଶାରେ ବଢ଼ିଚାଲିଛି ଚାଷୀ ଆତ୍ମହତ୍ୟା। ଏହାପଛରେ ଅନେକ କାରଣ ଥିଲେ ମଧ୍ୟ ମୁଖ୍ୟ କାରଣଟି ହେଉଛି ଋଣ। ସମବାୟ ବ୍ୟାଙ୍କରୁ ଚାଷୀ ଠିକ୍ ସମୟରେ ଋଣ ପାଉ ନ ଥିବାରୁ ଗାଁ ମହାଜନଠାରୁ କରଜ କରି ଚାଷ କରୁଛି। ଜଳକର ଦେଉଥିଲେ ହେଁ ଚାଷୀର ବିଲରେ ପାଣି ପହଞ୍ଚୁନାହିଁ। ଫଳରେ ଫସଲ ନଷ୍ଟ ହେଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବେ ବି ଓଡ଼ିଶାରେ ସଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାସତ୍ତ୍ୱେ ସରକାର ଚାଷୀ ପ୍ରତି ବେପରୁଆ ଓ ଉଦାସୀନ ରହୁଛନ୍ତି। କୃଷିମନ୍ତ୍ରୀ ଏହାର ସମାଧାନ କରିବାରେ ଅସମର୍ଥ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ କୃଷିମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ଦାବି କରିଛି ବିଜେପି। ଦଳର ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ଯେ ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଆଦୌ ସମ୍ବେଦନଶୀଳ ନୁହନ୍ତି। କୃଷିମନ୍ତ୍ରୀ ନିଜର ଦାୟିତ୍ୱ ସଠିକ୍ ଭାବେ ଅସମର୍ଥ। ତେଣୁ ସେ ତୁରନ୍ତ ବହିଷ୍କୃତ ହେବା ଉଚିତ।

## ରାଜଧାନୀ ଛାତି ଉପରେ ଜାଲ୍‌ନୋଟ୍ କାରଖାନା

**ଭୁବନେଶ୍ୱର :** ଅନ୍ୟ କେଉଁଠି ନୁହେଁ, ବରଂ ରାଜଧାନୀର ଛାତି ଉପରେ ଚାଲିଛି ଜାଲିନୋଟ୍ କାରଖାନା। ଲାପ୍‌ଟପ୍ ଓ ଅତ୍ୟାଧୁନିକ କଲର ପ୍ରିଂଟର ଜରିଆରେ ଛପାଯାଉଛି ଏହି ଜାଲିନୋଟ୍। ବାରିପଦାରୁ ମିଳିଥିବା ଜାଲ୍‌ନୋଟ ମାମଲାରେ ଅଭିଯୁକ୍ତକୁ ଜେରା ପରେ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏସବୁ କଥା ଶୁଣି ପ୍ରଥମେ ପୋଲିସ ତାଜୁବ ହେବାସହ ପ୍ରଥମେ ଅବିଶ୍ୱାସ କରିଥିଲା। ମାତ୍ର ତଦନ୍ତ ପାଇଁ ପହଂଚିଥିଲା ଭୁବନେଶ୍ୱରରେ। ମାତ୍ର ତଦନ୍ତ ପରେ ଘଟଣାସ୍ଥଳରୁ ଲ୍ୟାପଟପ ଓ କଲର ପ୍ରିଂଟର ଜବତ କରିଛି। ମାତ୍ର ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ପୋଲିସ ସୂଚନା ଅନୁସାରେ ମାର୍ଚ୍ଚ ୯ ତାରିଖରେ ବାରିପଦା ଟାଉନ୍ ଥାନା ପୋଲିସ ଶୁନଗଡ଼ିଆ ଅଂଚଳରୁ ୩୨ଟି ଜାଲ୍ ୫୦୦ ଟଙ୍କିଆ ନୋଟ୍ ଜବତ କରିଥିଲା। ଘଟଣାରେ ପୋଲିସ ବାରିପଦା ମହାବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ର ସାଗେନ ଟୁଡୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସାଗେନର ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୋଳ ଗ୍ରାମପଂଚାୟତର ଖଣ୍ଡାହାରି ଗାଁ’ରେ। ଏତେଗୁଡ଼ିଏ ଜାଲିନୋଟ୍ କେଉଁଠୁ ଓ କେମିତି ଆସିଲା ? ଏ ର୍‍ୟାକେଟ୍ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ? ସେ ସମ୍ପର୍କରେ ପୋଲିସ ଛାନ୍‌ଭିନ୍ ଚଳାଇଥିଲା। ପରେ ଜାଣିବାକୁ ପାଇଲା ଯେ ଏହି ନୋଟ୍‌ଗୁଡ଼ିକ ଭୁବନେଶ୍ୱରର ପଟିଆ ଅଂଚଳରୁ ଆସିଛି। ଅଭିଯୁକ୍ତ ସାଗେନ୍‌ର ସାଙ୍ଗ ଉକ୍ତ ଟଙ୍କାକୁ ବସ୍ ଯୋଗେ ଭୁବନେଶ୍ୱରରୁ ବାରିପଦା ପଠାଏ। ବାରିପଦାରେ ଟଙ୍କା ପହଂଚିବା ପରେ ସାଗେନ୍ ତାକୁ ବିଭିନ୍ନ ଆଡ଼େ ବାଂଟିଦେଉଥିଲା। ପାଂଚଥର ଚେଷ୍ଟା କରି ମାଟ୍ରିକ୍ ପାସ୍ କରି ଯୁକ୍ତଦୁଇ ପଢୁଥିବା ସାଗେନ୍ ଅର୍ଥାଭାବରୁ ଅପରାଧିକ କାର୍ଯ୍ୟକଳାପରେ ସାମିଲ ହୋଇଥିବା ପୋଲିସ ନିକଟରେ ପ୍ରକାଶ କରିଛି। ତେବେ ଘଟଣାର ମାଷ୍ଟରମାଇଣ୍ଡ ସେ ନୁହେଁ, ବରଂ ତା’ର ବନ୍ଧୁ ରାଜକୁମାର ଟୁଡୁ ବୋଲି ସେ ପୋଲିସକୁ କହିଥିଲା। ଏହା ଜାଣିବା ପରେ ବାରିପଦା ପୋଲିସ ପଟିଆ ଅଂଚଳରେ ଚଢ଼ଉ ତବରିଥିଲା। ମାତ୍ର ଗଣମାଧ୍ୟମରୁ ସାଗେନ୍‌ର ଗିରଫ ଖବର ପାଇସାରିଥିବାରୁ ସମସ୍ତ ଅଭିଯୁକ୍ତ ସେଠାରୁ ଫେରାର ହୋଇ ସାଲିଆସାହିରେ ଆତ୍ମଗୋପନ କରିଥିଲେ। ତେବେ ଘଟଣାର ଅଧିକ ତଦନ୍ତ ପାଇଁ ୩ ଦିନିଆ ରିମାଣ୍ଡରେ ନେବା ପରେ ସାଗେନ୍‌ଠାରୁ ସାଲିଆସାହିର ସୁରାକ୍ ପାଇଥିଲା ପୋଲିସ। ପରେ ପୋଲିସ ସାଲିଆ ସାହିରେ ଚଢ଼ଉ କରି ରାଜକୁମାରର ଘରୁ ୩ ପ୍ୟାକେଟ୍ କଲର ଜେରକ୍ସ ପେପର, ୪ଟି ୫”/୫”ର ପ୍ଲାଷ୍ଟିକ୍ ବୋର୍ଡ଼, ଲାପ୍‌ଟପ୍ ଓ ଗୋଟିଏ ନୋଟ୍‌ଛାପାମେସିନ୍ ଜବତ କରିଛି।

# କୃଷି କ୍ଷେତ୍ରରେ ପଛରେ ପଡ଼ିଛି ଓଡ଼ିଶା



**ଭୁବନେଶ୍ୱର :** ଗତ ୧୦ ବର୍ଷରେ ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇଛି ଓ ସର୍ବଭାରତୀୟ ହାରକୁ ଅତିକ୍ରମ କରିଛି ବୋଲି ରାଜ୍ୟ ସରକାର ଘୋଷଣା କରୁଥିବାବେଳେ ବିଧାନସଭାରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଦେଇଛନ୍ତି ଭିନ୍ନ ତଥ୍ୟ। ୨୦୦୨-୦୩ରେ ରାଜ୍ୟର ଆୟ ତୁଳନାରେ ୨୦୧୨-୧୩ ଆୟ ପ୍ରାୟ ୪ ଗୁଣ ବୃଦ୍ଧି ପାଇଥିଲେ ମଧ୍ୟ ସର୍ବଭାରତୀୟ ହାର ଓ ଅନ୍ୟ ରାଜ୍ୟର ଆୟ ହାରଠାରୁ ଓଡ଼ିଶା ଢ଼େର ପଛରେ ରହିଛି । କେବଳ ଚାଷରୁ ଆୟକୁ ଅନୁଧ୍ୟାନ କଲେ ରାଜ୍ୟରେ ଚାଷୀ ପରିବାରର ମାସିକ ହାରାହାରି ଆୟ ମାତ୍ର ୧୪୦୭ ଟଙ୍କା ବୋଲି ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟରୁ ସୂଚନା ମିଳିଛି। ବିଧାୟକ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାରଥୀ କହିଛନ୍ତି ଯେ ଓଡ଼ିଶା କୃଷକଙ୍କ ମୁଣ୍ଡପିଛା ଆୟ ତଥ୍ୟ ଆହରଣ ନିମନ୍ତେ ସରକାରଙ୍କ ନିକଟରେ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ । ୫୯ତମ ଜାତୀୟ ନମୁନା ସର୍ବେକ୍ଷଣ ରିପୋର୍ଟ ଓ ୭୦ତମ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଓଡ଼ିଶାରେ କୃଷକ ଓ କୃଷି ଶ୍ରମିକମାନଙ୍କର ଆୟ ୨୦୦୨-୦୩ ବର୍ଷରେ ୧୦୬୨ ଟଙ୍କା ଥିଲା ଏବଂ ୨୦୧୨-୧୩ରେ ଏହା ୪୯୬୭ ଟଙ୍କାରେ ପହଞ୍ଚିଛି । ତେବେ ସର୍ବେକ୍ଷଣ ପ୍ରଣାଳୀର ପ୍ରଭେଦ ଯୋଗୁଁ ଏହି ଆୟର ତୁଳନା ପ୍ରଣିଧାନ ଯୋଗ୍ୟ ନୁହେଁ । ମନ୍ତ୍ରୀଙ୍କ ସୂଚନା ଅନୁସାରେ ସାରା ଦେଶରେ ୨୦୦୨-୦୩ ବର୍ଷରେ ସର୍ବଭାରତୀୟସ୍ତରରେ କୃଷିଜୀବୀ ବା କୃଷକ ପରିବାରର ମାସିକ ହାରାହାରି ଆୟ ୨୧୧୫ ଟଙ୍କା ଥିବାବେଳେ ଓଡ଼ିଶାରେ ଏହା ୨୦୬୧ ଟଙ୍କା ରହିଥିଲା। ଏଥିରୁ କୃଷିଜୀବୀ ପରିବାର ମଜୁରି ବାବଦରେ ୫୭୩ ଟଙ୍କା, ଚାଷରୁ ୩୩୬ ଟଙ୍କା, ପଶୁପାଳନରୁ ୧୬ ଟଙ୍କା, ଅଣ କୃଷି ବ୍ୟବସାୟରୁ ୧୩୭ ଟଙ୍କା ଉପାର୍ଜନ କରୁଥିଲା। ମାତ୍ର ଏହି ବର୍ଷ କାଶ୍ମୀରରେ କୃଷକ ପରିବାରର ମାସିକ ହାରାହାରି ଆୟ ୫୪୮୮ ଟଙ୍କା, ପଞ୍ଜାବରେ ୪୯୬୦ ଟଙ୍କା ରହିଥିଲା। ମନ୍ତ୍ରୀ ଆଧାର କରିଥିବା ଏନ୍‌ଏସ୍‌ଏସ୍ ରିପୋର୍ଟରେ ଏହି ବର୍ଷ ଦେଶର ସମସ୍ତ ରାଜ୍ୟର କୃଷକଙ୍କ ଆୟ ଓଡ଼ିଶାଠାରୁ ଅଧିକ ରହିଥିଲା। ୨୦୧୨-୧୩ ବର୍ଷରେ ଓଡ଼ିଶାର କୃଷକ ପରିବାରର ମାସିକ ଆୟ ୪୯୭୬ ଟଙ୍କାକୁ ବୃଦ୍ଧି ପାଇଥିଲା। ତେବେ ଜାତୀୟସ୍ତରରେ କୃଷକଙ୍କ ହାରାହାରି ଆୟ ସେତେବେଳକୁ ୬୪୨୬ ଟଙ୍କାରେ ପହଞ୍ଚି ସାରିଥିଲା। ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ବ୍ୟତିରେକ ଅନ୍ୟ ସମସ୍ତ ରାଜ୍ୟରେ କୃଷକଙ୍କ ହାରାହାରି ମୁଣ୍ଡପିଛା ଆୟ ଓଡ଼ିଶାଠାରୁ ଅଧିକ ରହିଥିବା ମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାପଡ଼ିଛି । ଏହି ବର୍ଷରେ ପଞ୍ଜାବରେ ଚାଷୀ ପରିବାରର ମାସିକ ହାରାହାରି ଆୟ ୧୮୦୫୯ ଥିବାବେଳେ ହରିଆଣାରେ ୧୪୪୩୪, କେରଳରେ ୧୧୮୮୯ରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ଚାଷୀ ପରିବାରର ହାରାହାରି ୪୯୭୬ ଟଙ୍କା ଆୟ ମଧ୍ୟରୁ ମୂଳମଜୁରିରୁ ୧୭୧୬ ଟଙ୍କା, ଚାଷରୁ ୧୪୦୭ ଟଙ୍କା, ପଶୁସମ୍ପଦରୁ ୧୩୧୪ ଟଙ୍କା ଓ ଅଣ କୃଷି କ୍ଷେତ୍ର ବ୍ୟବସାୟରୁ ୫୩୯ ଟଙ୍କା ମିଳିଥିବା ମନ୍ତ୍ରୀ କହିଛନ୍ତି । କେବଳ ଚାଷକୁ ତୁଳନା କଲେ ରାଜ୍ୟର ଚାଷୀଙ୍କ ହାରାହାରି ମୁଣ୍ଡପିଛା ଆୟ ମାତ୍ର ୧୪୦୭ ଟଙ୍କା ବୋଲି ପରୋକ୍ଷରେ ମନ୍ତ୍ରୀ ସ୍ୱୀକାର କରିଛନ୍ତି।

## ସବୁ ଜିଲ୍ଲାରେ ହେଲିପ୍ୟାଡ ପାଇଁ ସୁପାରିସ

**ଭୁବନେଶ୍ୱର :** ହେଲିକପ୍ଟରରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଜାତୀୟସ୍ତରର ପ୍ରମୁଖ ବ୍ୟକ୍ତିବିଶେଷ ଜିଲ୍ଲା ଗସ୍ତରେ ଯାଉଥିବାବେଳେ ହେଲିକପ୍ଟର ଅବତରଣ ନିମନ୍ତେ ଅଧିକାଂଶ ଜିଲାରେ ସ୍ଥାୟୀ ହେଲିପ୍ୟାଡ୍ ନାହିଁ। ତେଣୁ ସବୁ ଋତୁରେ ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେଲିକପ୍ଟର ଯେପରି ସହଜରେ ଅବତରଣ କରିପାରିବ ତାହାକୁ ଦୃଷ୍ଟିରେ ରଖି ପ୍ରତି ଜିଲା ମୁଖ୍ୟାଳୟରେ ହେଲିପ୍ୟାଡ୍ ନିର୍ମାଣ କରିବାକୁ ସାଧାରଣ ପ୍ରଶାସନ ବିଭାଗର ସ୍ଥାୟୀ କମିଟି ସୁପାରିସ କରିଛି। ଜିଲ୍ଲାଗୁଡ଼ିକରେ ଥିବା ବିମାନବନ୍ଦର, ହେଲିପ୍ୟାଡ୍ ନିର୍ମାଣ ଦିଗରେ ଆବଶ୍ୟକ ତଥ୍ୟ ପ୍ରଦାନ ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବା ଉପରେ କମିଟି ଗୁରୁତ୍ୱ ଦେଇଛି। ଡ.ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ପ୍ରଶାସନ ବିଭାଗ ପାଇଁ ଗଠିତ ସ୍ଥାୟୀ କମିଟି ଏହାର ରିପୋର୍ଟରେ ସାରା ରାଜ୍ୟରେ ତହସିଲଦାରମାନଙ୍କ ଦ୍ୱାରା ଚିହ୍ନଟ ସରକାରୀ ଜମିରେ ପାଚେରି ନିର୍ମାଣ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ରହିବା ନିମନ୍ତେ ବହୁତଳ ଆବାସିକ କ୍ୱାର୍ଟର ବା ହାଉସିଂ କଲୋନୀ ନିର୍ମାଣ କରିବା ପାଇଁ ମତ ରଖିଛି। ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ବ୍ଲକ, ପଞ୍ଚାୟତ ଓ ପୌରାଞ୍ଚଳରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସପ୍ତାହକ ଭିତରେ ଆର୍ଥିକ ସହାୟତା ଯୋଗାଇବା ନିଶ୍ଚିତ କରିବା ନିମନ୍ତେ ଏହାର ତଦାରଖ କରିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ୨୦କୋଟିରୁ ୩୦କୋଟି ଟଙ୍କାକୁ ବୃଦ୍ଧି କରିବାକୁ କମିଟି ମତ ରଖିଛି। ସେହିପରି ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଫୁଟପାଥ, ରାସ୍ତା, ରାସ୍ତା ପାର୍ଶ୍ୱ ନାଳ ଜବରଦଖଲମୁକ୍ତ କରିବା, ରଙ୍ଗେଇଲୁଣ୍ଡା ଏବଂ କଳାହାଣ୍ଡିର ଉତକେଲା ବିମାନବନ୍ଦର ସମ୍ପ୍ରସାରଣ ଓ ଉନ୍ନତିକରଣ ଏବଂ ଓଡ଼ିଶା ଲୋକସେବା ଆୟୋଗରେ ବର୍ତ୍ତମାନ ଖାଲିପଡ଼ିଥିବା ପଦରେ ସଂରକ୍ଷିତ ବର୍ଗର ଜଣଙ୍କୁ ନିଯୁକ୍ତି ଦେବା ପାଇଁ କମିଟି ସୁପାରିସ କରିଛି।

**ଶକ୍ତିମନ୍ତ୍ରୀଙ୍କ ପ୍ରତିଶ୍ରୁତି**

## ଗ୍ରୀଷ୍ମରେ ହେବନି ବିଜୁଳି କାଟ୍



**ଭୁବନେଶ୍ୱର :** ଚଳିତବର୍ଷ ସ୍ୱାଭାବିକ ବୃଷ୍ଟିପାତ ଯୋଗୁଁ ସମସ୍ତ ଜଳବିଦ୍ୟୁତ୍ ପ୍ରକଳ୍ପର ଜଳଭଣ୍ଡାରରେ ଯଥେଷ୍ଟ ପରିମାଣର ଜଳ ମହଜୁଦ ରହିଛି। ତେଣୁ ଗ୍ରୀଷ୍ମ ଋତୁରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ ହେବାର ସମ୍ଭାବନା ପ୍ରାୟ ନାହିଁ। ବିଧାନସଭାରେ ଏହା କହିଛନ୍ତି ଶକ୍ତିମନ୍ତ୍ରୀ ପ୍ରଣବପ୍ରକାଶ ଦାସ। ଚଳିତବର୍ଷ ଗ୍ରୀଷ୍ମ ଋତୁରେ ବିଜୁଳି କାଟ ନକରିବା ପାଇଁ କି ପଦକ୍ଷେପ ନିଆଯାଇଛି ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି କି ବୋଲି ବିଧାୟକ ଦେବାଶିଷ ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଚଳିତ ଗ୍ରୀଷ୍ମ ଋତୁରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଜୁଳି କାଟ ନକରି ଆବଶ୍ୟକ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ବିଭିନ୍ନ ସୂତ୍ରରୁ ବିଦ୍ୟୁତ୍ ଶକ୍ତି ଉପଲବ୍ଧ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଗ୍ରିଡ଼କୋ ଚଳିତବର୍ଷ ପାୱାର ବ୍ୟାଙ୍କିଙ୍ଗ ମାଧ୍ୟମରେ ନିଜର ବଳକା ବିଦ୍ୟୁତ୍‌କୁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ବାହାର ରାଜ୍ୟକୁ ଦେଇ ଏପ୍ରିଲ, ମେ ଓ ଜୁନରେ ପ୍ରାୟ ୧୦୦ ମେଗାୱାଟ ବିଦ୍ୟୁତ୍ ଆଣିବାର ବ୍ୟବସ୍ଥା କରିଛି। ଏହା ସେହି ସମୟରେ କୌଣସି ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବାରେ ସହାୟକ ହେବ। ଏହାବ୍ୟତୀତ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କୁ ଆବଶ୍ୟକ ପରିମାଣର ଟ୍ରାନ୍ସଫରମର ଓ ଅନ୍ୟାନ୍ୟ ଉପକରଣ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ ୧୯୫୫ ଓ ବିଦ୍ୟୁତ୍ ଆଇନ ୨୦୦୩ ଅନୁଯାୟୀ ଓଇଆରସି ପ୍ରତିବର୍ଷ ଜନଶୁଣାଣି ମାଧ୍ୟମରେ ବିଦ୍ୟୁତ୍ ଦେୟ ନିର୍ଦ୍ଧାରଣ କରିଥାନ୍ତି। ତେବେ ଚଳିତବର୍ଷ ବିଦ୍ୟୁତ୍ ଶୁଳ୍କ ବଢ଼ିବ କି ନା ସେ ସମ୍ପର୍କରେ ମନ୍ତ୍ରୀ କିଛି ସ୍ପଷ୍ଟ କରିନାହାନ୍ତି।

**ସାଇବର ଠକେଇର ଶିକାର ହେଲେ ବାପ, ଝିଅ**

# ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଗାଏବ



**କଟକ :** ପୁଣି ସାଇବର ଠକେଇର ଶିକାର ହୋଇଛନ୍ତି ସହରର ଏକ ଗରିବ ପରିବାର। ବହୁ କଷ୍ଟରେ ସଞ୍ଚୟ କରିଥିବା ଏହି ଅର୍ଥକୁ ଚତୁରତାର ସହିତ ଲୁଟି ନିଆଯାଇଛି। ଟଙ୍କା ଫେରିପାଇବା ଆଶାରେ ପରିବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, କିନ୍ତୁ ଏ ଦିଗରେ କିଛି ସାହାଯ୍ୟ କରିପାରିବେ ନାହିଁ ବୋଲି କର୍ତ୍ତୃପକ୍ଷ ରୋକ୍‌ଠୋକ୍ ଜଣାଇ ଦେବା ପରେ ପରିବାରଲୋକ ସମ୍ପୂର୍ଣ୍ଣ ଭାଙ୍ଗିପଡିବା ସହିତ ସାଇବର ଥାନାର ଦ୍ୱାରସ୍ଥ ହେବାରୁ ଘଟଣାଟି ପଦାକୁ ଆସିଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ପରେ ସାଇବର ଠକକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି। ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଅଞ୍ଚଳରେ ବିମ୍ବାଧର ପୃଷ୍ଟି ପରିବାର ସହିତ ରୁହନ୍ତି। ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହୋଇଥିବା ବେଳେ ବହୁ କଷ୍ଟରେ ୩୫ ହଜାର ଟଙ୍କା ରୋଜଗାର କରି ତାହାକୁ ନିଜର ଷ୍ଟେଟବ୍ୟାଙ୍କ ଓ ଝିଅ ସ୍ୱାଗତିକା ୟୁକୋ ବ୍ୟାଙ୍କ ଖାତାରେ ଜମା ରଖିଥିଲେ। ହେଲେ ଦୋଳପୂର୍ଣ୍ଣିମା ଅପରାହ୍ନ ତାଙ୍କ ପରିବାର ପାଇଁ ଦୁର୍ଦ୍ଦିନ ଆଣିଦେଇଥିଲା। ୪ଟା ସମୟରେ ଝିଅ ସୁନିତାଙ୍କ ମୋବାଇଲକୁ ଜଣେ ବ୍ୟକ୍ତି ଫୋନ୍ କରି କହିଲେ ମୁଁ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହୁଛି। ତୁମେ କ’ଣ ପାଇଁ ଏଟିଏମ୍ କାର୍ଡ ବ୍ୟବହାର କରୁନାହଁ। ଫଳରେ କାର୍ଡଟି ଅଚଳ ହୋଇଯିବ ଏବଂ ଟଙ୍କା ମଧ୍ୟ ଆଉ ମିଳିବ ନାହିଁ। ତୁମର ଏଟିଏମ୍ କାର୍ଡ ନମ୍ବର କହିଲେ, ପୁଣି କାର୍ଡଟି ନବୀକରଣ ହୋଇଯିବ। ଏକଥା ଶୁଣିବା ପରେ ସୁନିତା କିଛି ନ ବୁଝି ଏଟିଏମ୍ କାର୍ଡର ସବୁ ଗୁପ୍ତ ତଥ୍ୟ ଜଣାଇ ଦେଇଥିଲେ। ଏହାପରେ ବ୍ୟକ୍ତଜଣକ ତୁମ ବାପାଙ୍କୁ ଫୋନ ଦିଅ ବୋଲି କହିଥିଲେ, କିନ୍ତୁ ସେ ଘରେ ନାହାନ୍ତି ବୋଲି ସୁନିତା ଜଣାଇଥିଲେ। ବ୍ୟକ୍ତିଜଣକ କହିଲେ ତାଙ୍କର ମଧ୍ୟ ଷ୍ଟେଟ୍‌ବ୍ୟାଙ୍କରେ ରହିଥିବା ଆକାଉଣ୍ଟ ଓ ଏଟିଏମ୍ କାର୍ଡ ନମ୍ବର ନ ଜଣାଇଲେ ତାହା ମଧ୍ୟ ବ୍ଲକ ହୋଇଯିବ ବୋଲି କହିଥିଲେ। କିଛି ନ ବୁଝି ନ ଶୁଝି ସୁନିତା ଘରେ ଏକ ବାକ୍ସରେ ବାପା ବିମ୍ବାଧର ରଖିଥିବା ଏଟିଏମ୍ କାର୍ଡକୁ ଆଣି ସବୁ ତଥ୍ୟ ଦେଇଥିଲେ। ରାତିରେ ବିମ୍ବାଧର ଘରକୁ ଫେରିବା ପରେ ସୁନିତା ତାଙ୍କୁ ସବୁକିଛି ଜଣାଇ ଦେଇଥିଲେ। କେହି ବ୍ୟାଙ୍କ ଅଧିକାରୀ ଫୋନ୍ କରି କାର୍ଡ ନମ୍ବର ନେଇଥିବା ଭାବି ବିମ୍ବାଧର ଘଟଣା ଉପରେ ଗୁରୁତ୍ୱ ଦେଇ ନଥିଲେ। କୌଣସି କାରଣରୁ ସୁନିତା ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଯିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୭ ହଜାର ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଏହାପରେ ବିମ୍ବାଧର ମଧ୍ୟ ସନ୍ଦେହ କରି ତାଙ୍କ ଆକାଉଣ୍ଟକୁ ଯାଞ୍ଚ କରିବା ପରେ ୨୪ ହଜାର ଟଙ୍କା ଉଭାନ ହୋଇଯାଇଥିବାରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତୁରନ୍ତ ବିମ୍ବାଧର ଉଭୟ ବ୍ୟାଙ୍କର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ ତୁରନ୍ତ ଏଟିଏମ୍ କାର୍ଡ ଦୁଇଟିକୁ ବ୍ଲକ କରିଦେବା ସହିତ ଖୋଳତାଡ ଆରମ୍ଭ କରିଥିଲେ। ଯାଞ୍ଚ ପରେ ବ୍ୟାଙ୍କ ପରିଚାଳକ ଏକ ବିବରଣୀ ତାଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରେ କି ତାଙ୍କ ଓ ଝିଅ ଆକାଉଣ୍ଟରୁ କେବଳ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଲେଖାଥିବା ଏକ ସଂସ୍ଥା ମୋଟ ୩୧ ହଜାର ଟଙ୍କା ନେଇଯାଇଥିବା ଜଣାଇଥିଲେ। ଏ କ୍ଷେତ୍ରରେ କୌଣସି ପ୍ରକାର ସାହାଯ୍ୟ ଓ ସହଯୋଗ କରିପାରିବେ ନାହିଁ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇବା ପରେ ସେ ସାଇବର ଥାନା ଦ୍ୱାରସ୍ଥ ହୋଇଥିଲେ।

**ସି-ସୋର ଚିଟ୍‌ଫଣ୍ଡ ଠକେଇ**

## ତଦନ୍ତ କରିବ ଏସ୍‌ଏଫ୍‌ଆଇଓ




**ଭୁବନେଶ୍ୱର :** ଅର୍ଥତତ୍ତ୍ୱ (ଏଟି) ପରେ ସି-ସୋର ଚିଟ୍‌ଫଣ୍ଡ ଘଟଣା ଏବେ ଭିନ୍ନ ମୋଡ ନେଇଛି। ଏହି ମହା ଠକେଇ ଘଟଣାର ମାଷ୍ଟର ମାଇଣ୍ଡ ପ୍ରଶାନ୍ତ ଦାସ, ତାଙ୍କ ଭାଇ ପ୍ରଭାତ ଦାସ, ଦଲାଲ୍ ଶୁଭଙ୍କର ନାୟକ ଓ ସଂସ୍ଥାର ଅନ୍ୟ ତିନିଜଣଙ୍କୁ ଜେରା କରିବ ‘ଗୁରୁତର ଦୁର୍ନୀତି ଅନ୍ୱେଷଣ କାର୍ଯ୍ୟାଳୟ’ (ଏସ୍‌ଏଫ୍‌ଆଇଓ)। ଜିଲ୍ଲାଜଜ୍‌ଙ୍କ କୋର୍ଟ ଜେରା ପାଇଁ ଅନୁମତି ଦେଇଛି। ଜେଲ୍ ଭିତରେ ଏମାନଙ୍କୁ ଜେରା କରାଯିବ। ଉଭୟ ଅଡିଓ ଓ ଭିଡିଓ ମାଧ୍ୟମରେ ଏମାନଙ୍କୁ ଜେରା କରାଯିବ। ଏହି ସଂସ୍ଥା ଓଡ଼ିଶା ଓ ରାଜ୍ୟ ବାହାରୁ କୋଟି କୋଟି ଟଙ୍କା ଚଳୁ କରିଥିଲା। ଉକ୍ତ ଟଙ୍କା କେଉଁଠି ବିନିଯୋଗ ହୋଇଛି ସେ ବିଷୟରେ ଖୋଳତାଡ କରିବ ଏସ୍‌ଏଫ୍‌ଆଇଓ। ସେମାନଙ୍କୁ ଜେରା କରିବା ପାଇଁ ଏସ୍‌ଏଫ୍‌ଆଇଓ ପକ୍ଷରୁ ସ୍ଥାନୀୟ ଜିଲ୍ଲାଜଜ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ମାନ୍ୟବର କୋର୍ଟ ଅନୁମତି ଦେଇଛନ୍ତି। ଖୁବ୍‌ଶୀଘ୍ର ଏସ୍‌ଏଫ୍‌ଆଇଓ ତଦନ୍ତ କରିବ ବୋଲି ଜଣାପଡିଛି। ମାସକ ଭିତରେ ତଦନ୍ତ ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛି।




# କେବେ ଚେତା ପଶିବ

ସ୍କୁଲ ପିଲାଙ୍କୁ ଅଟୋରିକ୍ସାରେ ନେବା ଆଣିବାରେ ଥିବା କଟକଣାକୁ ନମାନିବା ଫଳରେ ଆମ ରାଜ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଖବର ସାମ୍ନାକୁ ଆସୁଛି। ଯାହାଫଳରେ ଅନେକ ନିରୀହ ଜୀବନ ଅକାଳରେ ଝଡ଼ିପଡୁଛି। ସ୍କୁଲ ପରିବହନ କ୍ଷେତ୍ରରେ ଥିବା ସମସ୍ତ ନୀତିନିୟମର ଉଲ୍ଲଘଂନ କରାଯାଇ ଏଭଳି ହେଉଥିବା ଜଣାପଡୁଛି। ହେଲେ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ପରିବାର କିମ୍ବା ସରକାର ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଦିନକୁ ଦିନ ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ଗାଡି ଦୁର୍ଘଟଣାଗ୍ରସ୍ତ ହେଉଛି। ଯାହା କରୁଣ ପରିଣତି ସତ୍ୟତମ ଉଦାହରଣ ହେଉଛି ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ ସୋୟମ୍ବା-ମୋଟୁହନୁମାନ ରାସ୍ତାରେ ଘଟିଥିବା ଅଟୋରିକ୍ସା ଦୁର୍ଘଟଣା। ଏଥିରେ ୪ ଛାତ୍ରଛାତ୍ରୀଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୮ଜଣ ଛାତ୍ରଛାତ୍ରୀ ମଧ୍ୟ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ତେବେ ବାରମ୍ବାର ଏଭଳି ଘଟୁଥିଲେ ବି ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ କିମ୍ବା ପରିବହନ ବିଭାଗ ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ କଲାଭଳି ମନେହେଉନାହିଁ। ଦୁର୍ଘଟଣା ପରେ ହୋହଲ୍ଲା, ରାସ୍ତାରୋକ ଓ କ୍ଷତିପୂରଣ ଦାବି ପରେ ଏକଥା ଦବି ଯାଉଛି। ନା ଦୃଢ଼ କାର୍ଯ୍ୟାନୁଷ୍ଠାନ ନା ସଚେତନତା କିଛି ବି ବୃଦ୍ଧି ପାଉନି। ଅଧିକାଂଶ ସମୟରେ ରାଜ୍ୟର କେଉଁଠି ନା କେଉଁଠି ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ବା ଆସୁଥିବା ଅଟୋରିକ୍ସା ଦୁର୍ଘଟଣାର ଶିକାର ହେଉଛି। କେତେବେଳେ ଅଟୋ ଚାଳକର ବେପରୁଆ ଗାଡି ଚାଳନା ତ ଆଉ କେତେବେଳେ ଅଧିକ ଯାତ୍ରୀ ପରିବହନ ହେଉଛି ଏହାର ମୁଖ୍ୟ କାରଣ। ଅନ୍ୟ କେତେବେଳେ ଏସବୁ କ୍ଷେତ୍ରରେ ନିୟୋଜିତ ଅଟୋରିକ୍ସାର ଫିଟ୍‌ନେସ୍ ହେତୁ ଦୁର୍ଘଟଣାମାନ ଘଟୁଛି। ସାମୟିକ ଭାବେ ପରିସ୍ଥିତିର ମୁକାବିଲା ପାଇଁ ପୋଲଇସ ବା ପ୍ରଶାସନ କିଛି କାର୍ଯ୍ୟକ୍ରମ ହାତକୁ ନେଉଥିଲେ ବି ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବାରୁ ସମସ୍ୟା ଧିରେ ଧିରେ ବଢ଼ିଚାଲିଛି।

ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ଦୁର୍ଘଟଣାର ହାର ଅଧିକ ବୋଲି ଜଣାଯାଏ। ଏଥିରେ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟ ଅପେକ୍ଷା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ଅଟୋରିକ୍ସା ଗୁଡିକ ବିଶେଷ ଦୁର୍ଘଟଣାର ସାମ୍ନା କରୁଛନ୍ତି। ରାଜ୍ୟ ପରିବହନ ନିୟମ ଓ ଶିକ୍ଷା ବିଭାଗରେ ଥିବା ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରାଯାଇ ଅଟୋରିକ୍ସାରେ କୋମଳମତି ଛାତ୍ରଛାତ୍ରୀଙ୍କୁ ସ୍କୁଲ ନିଆଯାଉଥିଲେ ବି ଏହା ବିରୁଦ୍ଧରେ କୌଣସି ସରକାରୀ ସଚେତନତା ସୃଷ୍ଟି ହେଉନାହିଁ। ଯାହାଫଳରେ ଅଧିକରୁ ଅଧିକ ଅଟୋରିକ୍ସା ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ନିୟମତଃ ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପଢୁଛନ୍ତି, ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କ ଭଲମନ୍ଦ ବୁଝିବା ସହ ସେମାନଙ୍କ ଯିବା ଆସିବାର ସୁବନ୍ଦୋବସ୍ତ କରିବା କଥା। କିନ୍ତୁ କେତେକ ସ୍ଥଳେ ଶିକ୍ଷାନୁଷ୍ଠାନ ଗୁଡିକ ଏସବୁ ନୀତିନିୟମ ମାନୁନାହାନ୍ତି। ବାଧ୍ୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅଟୋରିକ୍ସାରେ ସ୍କୁଲ ପଠାଉଛନ୍ତି। ପରିଣାମ ସ୍ୱରୂପ ଏଭଳି ଦୁର୍ଘଟଣା ଘଟୁଛି ଓ କିଛି ନିରୀହ ଜୀବନ ଅକାଳରେ ଝଡିପଡୁଛି। ଦେଶର ଭବିଷ୍ୟତ କୁହାଯାଉଥିବା ଏହି ପିଲାମାନଙ୍କ ଜୀବନ ଚାଲିଯିବା ପରେ ସେମାନଙ୍କ ପରିବାରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି ତାହା ହୁଏତ କେହି ପୂରଣ କରି ନପାରିଲେ ବି ଭବିଷ୍ୟତରେ ଏଭଳି ନ ଘଟିବା ପାଇଁ ସଚେତନ ହେବା ଜରୁରୀ। ସଚେତନକୁ ଅଣଦେଖା କଲେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଇ ସମସ୍ତଙ୍କୁ ସମସ୍ୟାରେ ପକାଇବ। ଏ କ୍ଷେତ୍ରରେ ବିଦ୍ୟାଳୟ, ଶିକ୍ଷା ବିଭାଗ, ପରିବହନ ବିଭାଗ, ଅଭିଭାବକ, ଗାଡି ମାଲିକ ଏବଂ ସ୍ଥାନୀୟ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାଟିଏ ବିଦ୍ୟାଳୟରେ ନାମଲେଖା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପାଇଁ ଯେତିକି ତତ୍ପରତା ଦେଖାଇବା କଥା ତାହା ବାସ୍ତବ କ୍ଷେତ୍ରରେ ଦେଖା ନଗଲେ ଏହି ଘଟଣାର ପୁନରାବୃତ୍ତି ଘଟୁଥିବ। ଶିକ୍ଷାଦାନ ସହ ଛାତ୍ରଛାତ୍ରୀଙ୍କ ଜୀବନକୁ ସୁରକ୍ଷିତ ରଖିବା ବିଦ୍ୟାଳୟର ଦାୟିତ୍ୱ। ତେଣୁ ଅଭିଭାବକମାନଙ୍କ ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ନଚେତିଲେ ବିପଦରୁ ମୁକ୍ତି ମିଳିବା ଅସମ୍ଭବ।

# ରବି ରାୟଙ୍କ ରାଜନୀତି : ଏକ ପୁନର୍ମୂଲ୍ୟାୟନ



କେଦାର ମିଶ୍ର

**ଦୀର୍ଘ ବର୍ଷ ଧରି ରାଜନୀତିରେ ସେ ରହିଥିଲେ। ବହୁ ଉଚ୍ଚ ପଦ ପଦବୀ ସେ ହାସଲ କରିଥିଲେ। ହେଲେ ତାଙ୍କୁ କ୍ଷମତାର କଳଙ୍କ ସ୍ପର୍ଶ କରିପାରିନଥିଲା। ଏକ ବେଦାଗ ରାଜନୈତିକ ଜୀବନ ବଞ୍ଚିଥିବା ରବି ରାୟ ସରଳତା ଓ ସଚ୍ଚୋଟତାର ଅନନ୍ୟ ଉଦାହରଣ ପ୍ରସ୍ତୁତ କରିଯାଇଛନ୍ତି। ତାଙ୍କ ରାଜନୈତିକ ଜୀବନରେ ଏମିତି ଅନେକ ମୁହୂର୍ତ୍ତ ଆସିଛି, ଯେଉଁଥିରେ ବହୁ ଉଚ୍ଚ ପଦକୁ ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଆଦର୍ଶ ସହ ସାଲିସ୍ କରି ପଦବୀ ହାତେଇବାର ପ୍ରବୃତ୍ତି ତାଙ୍କର କେବେ ବି ନଥିଲା। ଯେତିକି ସମୟ ସେ କ୍ଷମତାରେ ରହିଛନ୍ତି, ସେତିକି ସମୟ ଭିତରେ ରାଜନୈତିକ ଆଦର୍ଶର ପ୍ରତିଷ୍ଠା ଲାଗି ଏକନିଷ୍ଠ ଉଦ୍ୟମ କରିଛନ୍ତି। ଆଦର୍ଶ ଲାଗି ଅନେକ ପୁରୁଣା ସାଥୀଙ୍କୁ ସେ ସ୍ପଷ୍ଟ ଭାବରେ ସମାଲୋଚନା ମଧ୍ୟ କରିଛନ୍ତି। ତେଣୁ ତାଙ୍କର ରାଜନୀତି ଆଜି ବି ଏକ ବିକଳ୍ପ ମାର୍ଗ ପ୍ରସ୍ତୁତ କରି ରଖିଛି। ସେ ମାର୍ଗ ସମାଜବାଦ ଓ ସପ୍ତକ୍ରାନ୍ତିର ମାର୍ଗ। ସେ ମାର୍ଗ ଗାନ୍ଧି ଓ ଲୋହିଆ ପ୍ରଦର୍ଶିତ ମାର୍ଗ।**

ରବି ରାୟ (୨୬ ନଭେମ୍ବର ୧୯୨୬- ୬ ମାର୍ଚ୍ଚ ୨୦୧୭) ଭାରତୀୟ ରାଜନୀତିର ଅନ୍ୟତମ ଚର୍ଚ୍ଚିତ ଚରିତ୍ର। ଷାଠିଏ ଦଶକରୁ ଆଜି ପର୍ଯ୍ୟନ୍ତ ଭାରତର ରାଜନୀତିରେ ଏକ ବିକଳ୍ପ ଧାରାର ରାଜନୀତି ସହ ସମ୍ପୃକ୍ତ ରହି ସେ ଉଦାହରଣ ପ୍ରସ୍ତୁତ କରି ଯାଇଛନ୍ତି। ଭାରତୀୟ ସମାଜବାଦୀ ରାଜନୀତିରେ ରାମ ମନୋହର ଲୋହିଆ ପରବର୍ତ୍ତୀ ପ୍ରଜନ୍ମର ସେ ଥିଲେ ଅନ୍ୟତମ ଶକ୍ତିଶାଳୀ ନେତା। ୧୯୬୭ରେ ଚତୁର୍ଥ ଲୋକସଭାକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇ ସେ ଲୋହିଆଙ୍କର ସହଯୋଗୀ ଭାବରେ ଦଳର ଉପନେତା ଭାବେ ନିଜର ସଂସଦୀୟ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କ ରାଜନୀତିକୁ ଆଜିର ପୃଷ୍ଠଭୂମିରେ ଆଉ ଥରେ ବିଶ୍ଳେଷଣ କଲେ, ଆମକୁ ଅନେକାଂଶରେ ବିସ୍ମିତ ହେବାକୁ ପଡ଼େ। ତାଙ୍କର ଗୁରୁ ଆଚାର୍ଯ୍ୟ ରାମ ମନୋହର ଲୋହିଆଙ୍କ ବିଚାର ଉପରେ ସେ ସାରାଜୀବନ ଏକନିଷ୍ଠ ସାଧନା ଅବ୍ୟାହତ ରଖିଛନ୍ତି। ବହୁ ସାଥୀ ଆସିଛନ୍ତି ଓ ଯାଇଛନ୍ତି। କିନ୍ତୁ ରବି ରାୟ ଅବିଚଳିତ ଭାବରେ ସମାଜବାଦର ତତ୍ତ୍ୱକୁ ନିଜ ଜୀବନର ଅଂଶ ଭାବରେ ଗ୍ରହଣ କରିନେଇଛନ୍ତି। ଓଡ଼ିଶାର ଯେଉଁ ଦୁଇଜଣ ସମାଜବାଦୀଙ୍କୁ ସାରା ଭାରତର ବୁଦ୍ଧିଜୀବୀ ସମ୍ମାନ କରନ୍ତି, ସେ ଦୁଇଜଣ ହେଲେ କିଶନ ପଟ୍ଟନାୟକ ଓ ରବି ରାୟ। ବୈଚାରିକ ଦୃଷ୍ଟିରୁ କିଶନ ବାବୁ ସମାଜବାଦର ନିରନ୍ତର ବିଶ୍ଳେଷଣ କରିଥିବାବେଳେ ରବିବାବୁ ସଂସଦୀୟ ରାଜନୀତିରେ ତା'ର ପ୍ରୟୋଗ କରିଛନ୍ତି। ଲୋକସଭା ଏବଂ ରାଜ୍ୟସଭାର ସଦସ୍ୟ, ଲୋକସଭାର ବାଚସ୍ପତି ଓ କେନ୍ଦ୍ରମନ୍ତ୍ରୀ ଭାବରେ ରାଜନୀତିରେ ସମାଜବାଦର ତତ୍ତ୍ୱକୁ ସେ ପ୍ରୟୋଗ କରିବାରେ ପ୍ରୟାସ କରିଛନ୍ତି। ତାଙ୍କ ରାଜନୀତିର ଭିତ୍ତିରେ ଗାନ୍ଧିବାଦ ଓ ଲୋହିଆବାଦର ଏକ ମିଶ୍ରଣ ରହିଥିଲା। ତେବେ ଆରମ୍ଭରୁ ନେହେରୁଙ୍କ ବିରୋଧୀ ଓ ଅଣକଂଗ୍ରେସ ରାଜନୀତିର ସୂତ୍ରଧର ଭାବରେ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ।

ତାଙ୍କ ରାଜନୀତିର ଭିତ୍ତି ହେଉଛି ଲୋହିଆଙ୍କ ସପ୍ତକ୍ରାନ୍ତି। ଆଜିର ପିଢି ହୁଏତ ଏହି ସପ୍ତକ୍ରାନ୍ତି ବିଷୟରେ କିଛି ବି ଜାଣନ୍ତି ନାହିଁ। ଲୋହିଆ କହିଥିଲେ ଯେ ଧନୀ, ଗରିବ ଭିତରେ ପାର୍ଥକ୍ୟ ଦୂର ହେବ। ନର ଓ ନାରୀଙ୍କ ଭିତରେ ରହିଥିବା ଅସମାନତା ଦୂର ହେବ। ବର୍ଣ୍ଣବୈଷମ୍ୟ ଦୂର ହେବ। ଦଳିତଙ୍କ ଉତ୍‌ଥାନ ପାଇଁ ସ୍ଥାନ ସଂରକ୍ଷଣ ସହିତ ଆବଶ୍ୟକ ସ୍ଥଳେ ନିଷେଧାତ୍ମକ ନ୍ୟାୟର ବ୍ୟବସ୍ଥା କରିବାକୁ ପଡ଼ିବ। ଅଣୁଅସ୍ତ୍ର, ଏପରିକି ପାରମ୍ପରିକ ଯୁଦ୍ଧାସ୍ତ୍ରର ମଧ୍ୟ ବିଲୋପ ଘଟାଇବାକୁ ପଡ଼ିବ। ବ୍ୟକ୍ତି ସ୍ୱାଧୀନତା ପାଇଁ ଲଢିବାକୁ ପଡ଼ିବ। ବ୍ୟକ୍ତି ଜୀବନରେ ସରକାର ବା ରାଷ୍ଟ୍ରର ଅଯଥା ହସ୍ତକ୍ଷେପ ବିରୋଧରେ ଠିଆ ହେବାକୁ ପଡ଼ିବ ଓ ଶେଷରେ ପୃଥିବୀରୁ ଧନୀ ଓ ଦରିଦ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟ ଦୂର କରିବାକୁ ପଡ଼ିବ। ଲୋହିଆଙ୍କର ଏହି ସ୍ୱପ୍ନ ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଛି। ଲୋହିଆଙ୍କ ଶିଷ୍ୟ ପ୍ରଶିଷ୍ୟମାନେ ଆଜିକାଲି ଆଉ ସପ୍ତକ୍ରାନ୍ତିର କଥା କହୁନାହାନ୍ତି। ତେବେ ରବି ରାୟ ତାଙ୍କର ଆତ୍ମଜୀବନୀ 'ଅନ୍ୱେଷାର ଆକାଶ'ରେ ଏହାକୁ ତାଙ୍କ ଜୀବନର ରାଜନୈତିକ ମଞ୍ଜି ବୋଲି ସ୍ୱୀକାର କରିଥିଲେ। ୧୯୬୫ରେ ଲୋହିଆଙ୍କର ନେତୃତ୍ୱରେ ଦେଶରେ କଂଗ୍ରେସ ହଟାଓ ଅଭିଯାନ ଆରମ୍ଭ ହେଲା। କଂଗ୍ରେସ ଯେଉଁ ଆଦର୍ଶକୁ ଆଧାର କରି ଗଢାଯାଇଥିଲା, ତାହା ବିଫଳ ହୋଇଥିବାରୁ ସାରା ଦେଶରେ କଂଗ୍ରେସ ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ଲୋହିଆ ଡାକରା ଦେଇଥିଲେ। ତା'ର



ପ୍ରତିଫଳନ ଓଡ଼ିଶାରେ ଘଟିଥିଲା। ତରୁଣ ରବି ରାୟଙ୍କ ଆଗ୍ରହରେ କଂଗ୍ରେସ ହଟାଓ ଅଭିଯାନରେ ସେତେବେଳର ପ୍ରବୀଣ କଂଗ୍ରେସ ନେତା ନବକୃଷ୍ଣ ଚୌଧୁରୀ ସାମିଲ୍ ହୋଇଥିଲେ। ଓଡ଼ିଶାରେ କଂଗ୍ରେସ ହଟାଅ ଆନ୍ଦୋଳନରେ ସେତେବେଳେ କଂଗ୍ରେସର ବହୁ ତୁଙ୍ଗ ନେତା ସାମିଲ୍ ହୋଇଥିଲେ। ସବୁଠୁ ମଜା କଥା ହେଉଛି - ଲୋହିଆଙ୍କ କଂଗ୍ରେସ ହଟାଅ ଅଭିଯାନକୁ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଅଗଣତାନ୍ତ୍ରିକ କଂଗ୍ରେସମୁକ୍ତ ଭାରତର ଆଧାର ବୋଲି କହି ବୁଲୁଛନ୍ତି। ଏଠି କହିରଖିବା ଉଚିତ୍ ହେବ ଯେ, ଡ. ଲୋହିଆ ହୁଅନ୍ତୁ ବା ରବି ରାୟ ଏମାନେ ଯେତେ କଠୋର କଂଗ୍ରେସ ବିରୋଧୀ ହେଲେ ମଧ୍ୟ ଏମାନେ କେବେବି ଦକ୍ଷିଣପନ୍ଥୀ ରାଜନୀତିର ସମର୍ଥକ ନଥିଲେ। ସମାଜବାଦର ଆଦର୍ଶ ସହିତ ଦକ୍ଷିଣପନ୍ଥୀ ଫାଶୀବାଦୀ ଶକ୍ତିମାନଙ୍କର କୌଣସି ସମ୍ପର୍କ ନଥିଲା। ତେଣୁ ସମାଜବାଦୀ ଆନ୍ଦୋଳନର ଲକ୍ଷ୍ୟ ଯଦିଓ କଂଗ୍ରେସ ବିରୋଧୀ ଏହା ସମାନ୍ତରାଳରେ ଦକ୍ଷିଣପନ୍ଥୀ ରାଜନୀତିର ମଧ୍ୟ ଘୋର ବିରୋଧୀ। ରବି ରାୟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଫାଶୀବାଦୀ ରାଜନୀତି ବିରୁଦ୍ଧରେ ଅତ୍ୟନ୍ତ ସ୍ପଷ୍ଟ ମତପୋଷଣ କରିଛନ୍ତି। ତାଙ୍କର ଆତ୍ମଜୀବନୀ 'ଅନ୍ୱେଷାର ଆକାଶ'ରେ ସେ ଏକ ଘଟଣାର ଉଲ୍ଲେଖ କରି ଲେଖିଛନ୍ତି, 'ଗାନ୍ଧିଜୀ ହତ୍ୟା ସମ୍ପର୍କିତ ଆଉ ଗୋଟେ ଘଟଣା ମନେପଡୁଛି। ନାଥୁରାମ୍ ଗଡ୍‌ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଭ୍ୟ ଥିଲା। ଏଣୁ ଗାନ୍ଧି ହତ୍ୟା ପରେ ଏ ସଂଘ ବଦନାମ ହୋଇଯାଇଥିଲା। ଭାରତର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ୍ ଆରଏସ୍‌ଏସ୍ ଉପରେ ନିଷେଧାଜ୍ଞା ଜାରି କରିଥିଲେ। ଶୁଣିଲୁ, ରାମଚନ୍ଦ୍ର ଭବନରେ ଆରଏସଏସ୍ ଗୋଟେ ସଭା କରିବ ଓ ସେଥିରେ ପଣ୍ଡିତ ନୀଳକଣ୍ଠ ଦାସ ଯୋଗଦେବେ। ସେଦିନ ରବିବାର। ଯୋଗକୁ ଆମର ସାପ୍ତାହିକ ପାଠଚକ୍ର ରାସ୍ତା ଆରପଟର ଟାଉନହଲରେ ହେବାର ଥାଏ। ଆମେ ବିଚାର କଲୁ ଯେ, ଅମର ଏତେ ପାଖରେ ଗାନ୍ଧି ହତ୍ୟାକାରୀମାନେ ସଭା କରି ଚାଲିଯିବେ, ଅଥଚ ଆମେ ନିରବ ରହିବୁ। ଆମେ ସ୍ଥିର କଲୁ କି, ଆମେ ସେ ସଭା କରାଇଦେବୁ ନାହିଁ। ଅଥଚ ଏହି ବିରୋଧ ସମ୍ପୂର୍ଣ୍ଣ ଅହିଂସା ଉପାୟରେ କରାଯିବ। ଆମ ପାଠଚକ୍ର ଦୁଇଟାବେଳେ ଚାଲିଥାଏ। ସେମାନଙ୍କ ମିଟିଂ ୫ଟାବେଳେ। ରାମଚନ୍ଦ୍ର ଭବନ ସାମ୍ନା ଓ ଦୁଇପଟେ ବୋଧେ ୬ଟା କବାଟ। ଆମେ ସ୍ଥିର କଲୁ ଯେ, ସେମାନଙ୍କ ସଭା ଅବ୍ୟବହିତ ପୂର୍ବରୁ ଆମର ସ୍ୱେଚ୍ଛାସେବକମାନେ ସେହି ସବୁ କବାଟ ସାମ୍ନାରେ ଶୋଇରହିବେ ଓ ସ୍ଲୋଗାନ ଦେବେ। ପଣ୍ଡିତ ନୀଳକଣ୍ଠଙ୍କ ସଦଳବଳେ ଯଥାସମୟରେ ଆସି ପହଞ୍ଚିଲେ। ସ୍ୱେଚ୍ଛାସେବକମାନଙ୍କର ସ୍ଲୋଗାନ ଚାଲିଲା ..., ଗାନ୍ଧିଜୀ ଜିନ୍ଦାବଦ୍, ଗାନ୍ଧି ହତ୍ୟାକାରୀ ଆରଏସଏସ୍ ମୁର୍ଦ୍ଦାବାଦ୍। ନୀଳକଣ୍ଠ ବାବୁ ଧର୍ମ ସଂକଟରେ ପଡ଼ିଗଲେ। ଯଦିବି ସେ ସଭାସ୍ଥଳକୁ ଯିବା ପାଇଁ ଅଡ଼ି ବସନ୍ତି, ତେବେ ଆମ ସ୍ୱେଚ୍ଛାସେବକମାନଙ୍କ ଉପରେ ଚଢି କରି ଭିତରକୁ ଯିବେ। ସେତେବେଳେ ଗାନ୍ଧି ହତ୍ୟାକାରୀ ଦଳ ଆରଏସ୍‌ଏସ୍ ଏତେ ବଦନାମ୍ ହୋଇଯାଇଥିଲା ଯେ, ଆମେ କରୁଥିବାର ବିରୋଧର ସେମାନେ କିଛି ଜବାବ୍ ଦେଇପାରିଲେ ନାହିଁ। ନୀଳକଣ୍ଠବାବୁ ସେ ସଭାରେ ଯୋଗ ଦେଇନପାରି ଚୁପ୍ କରି ଫେରିଚାଲିଗଲେ।'

ଏହି ଗୋଟିଏ ପ୍ରସଙ୍ଗ ରବିବାବୁଙ୍କର ଦକ୍ଷିଣପନ୍ଥୀ ବିରୋଧୀ ରାଜନୀତିକୁ ଅତି ସ୍ପଷ୍ଟ ଭାବରେ ରେଖାଙ୍କିତ କରୁଛି। ଏବେ ସାରା ଭାରତରେ ଯେତେବେଳେ କଂଗ୍ରେସ ବିରୋଧୀ ରାଜନୀତିକୁ ଦକ୍ଷିଣପନ୍ଥୀ ରାଜନୀତିର ସମର୍ଥକ ବୋଲି ଯେଉଁ ଅପପ୍ରଚାର ଚାଲିଛି, ତାହା ବିରୋଧରେ ରବିବାବୁଙ୍କର ଏହି ମତ କିଛିଟା ଆଲୋକପାତ ନିଶ୍ଚୟ କରିବ। ଦୁର୍ଭାଗ୍ୟକ୍ରମେ ପୁରୁଣା ଦିନର ଅନେକ ସମାଜବାଦୀ ପରବର୍ତ୍ତୀ ସମୟରେ କ୍ଷମତା ଲୋଭ ଯୋଗୁଁ ବିଜେପି ସରକାରରେ ଯୋଗଦେଲେ। ଲୋହିଆଙ୍କର ଆତ୍ମା ଉପରେ ତାହା ବୋଧେ ଥିଲା ସବୁଠୁ ବଡ଼ ପ୍ରହାର। ସୌଭାଗ୍ୟକ୍ରମେ ରବି ରାୟ ନିଜ ରାଜନୈତିକ ଆଦର୍ଶରୁ ବିଚ୍ୟୁତ ହୋଇନାହାନ୍ତି।

ଲୋକସଭାର ପ୍ରଥମ ଓଡ଼ିଆ ବାଚସ୍ପତି ଭାବରେ ନବମ ଲୋକସଭାରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ତାହା ଥିଲା ଭାରତର ସଂସଦୀୟ ଇତିହାସରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ। ପ୍ରଥମଥର ପାଇଁ ଏକ ଝୁଲା ଲୋକସଭା ଗଠିତ ହୋଇଥିଲା ଓ ତା'ର ପରିଚାଳନା ଦାୟିତ୍ୱ ରବି ରାୟଙ୍କ ଉପରେ ନ୍ୟସ୍ତ ହୋଇଥିଲା। ତାଙ୍କ ସମୟରେ ଅନ୍ତତଃ ଚାରୋଟି ଘଟଣା ଭାରତର ରାଜନୀତିକୁ ଦୀର୍ଘ ବର୍ଷ ଧରି ପ୍ରଭାବିତ କରୁଛି ଓ କରୁଥିବ। ପ୍ରଥମ ଥର ପାଇଁ ଲୋକସଭାରେ ଜଣେ ବିଚାରପତିଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ବିରୋଧୀ ଦଳ ନେତା ରାଜୀବ ଗାନ୍ଧିଙ୍କ ସବୁପ୍ରକାର ବିରୋଧ ସତ୍ତ୍ୱେ ରବି ରାୟ ସେହି ପ୍ରସ୍ତାବକୁ ଗୃହୀତ କରାଇଥିଲେ। ପ୍ରଥମଥର ପାଇଁ ରବି ରାୟ ଦଳ ବଦଳ ନିରୋଧ ଆଇନ୍‌କୁ କାର୍ଯ୍ୟକାରୀ କରି ଚନ୍ଦ୍ରଶେଖର ସରକାରର ୬ଜଣ ମନ୍ତ୍ରୀଙ୍କର ସଭ୍ୟପଦ ରଦ୍ଦ କରିଥିଲେ। ପ୍ରଥମଥର ପାଇଁ ଦେଶର ଚଳନ୍ତି ସମସ୍ୟାର ଆଲୋଚନା ଲାଗି ଲୋକସଭାରେ ଶୂନ୍ୟକାଳର ବ୍ୟବସ୍ଥା କରାଯାଇଥିଲା, ଏବଂ ସବୁଠୁ ବଡ଼ କଥା ହେଉଛି, ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଭଳି ନିକୃଷ୍ଟ ରାଜନେତାଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ ହେବା ସହ ସେ ବାଚସ୍ପତିଙ୍କୁ ଲୋକସଭାରେ କ୍ଷମାପ୍ରାର୍ଥନା କରିଥିଲେ। ଦଳବଦଳ ନିରୋଧ ଆଇନ ଲାଗୁ ନ କରିବା ପାଇଁ ଚନ୍ଦ୍ରଶେଖର ସରକାରର ଆଇନ୍ ମନ୍ତ୍ରୀ ସୁବ୍ରମଣ୍ୟମ୍ ସ୍ୱାମୀ ସେତେବେଳେ ରବି ରାୟଙ୍କୁ ତାଙ୍କ ପ୍ରକୋଷ୍ଠରେ ଖୋଲାଖୋଲି ଧମକ ଦେଇଥିଲେ, ତାଙ୍କ ଧମକରେ ଦବି ନ ଯାଇ ରବି ରାୟ ସ୍ୱାମୀଙ୍କୁ ଲୋକସଭାରେ ଅପଦସ୍ତ କରାଇଥିଲେ। ରାଜନୀତିରେ ସ୍ୱଚ୍ଛତା ଓ ଦୃଢ଼ତାର ଫଳ ତାଙ୍କୁ ମିଳିଥିଲା।

ଦୀର୍ଘ ବର୍ଷ ଧରି ରାଜନୀତିରେ ସେ ରହିଥିଲେ। ବହୁ ଉଚ୍ଚ ପଦ ପଦବୀ ସେ ହାସଲ କରିଥିଲେ। ହେଲେ ତାଙ୍କୁ କ୍ଷମତାର କଳଙ୍କ ସ୍ପର୍ଶ କରିପାରିନଥିଲା। ଏକ ବେଦାଗ ରାଜନୈତିକ ଜୀବନ ବଞ୍ଚିଥିବା ରବି ରାୟ ସରଳତା ଓ ସଚ୍ଚୋଟତାର ଅନନ୍ୟ ଉଦାହରଣ ପ୍ରସ୍ତୁତ କରିଯାଇଛନ୍ତି। ତାଙ୍କ ରାଜନୈତିକ ଜୀବନରେ ଏମିତି ଅନେକ ମୁହୂର୍ତ୍ତ ଆସିଛି, ଯେଉଁଥିରେ ବହୁ ଉଚ୍ଚ ପଦକୁ ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଆଦର୍ଶ ସହ ସାଲିସ୍ କରି ପଦବୀ ହାତେଇବାର ପ୍ରବୃତ୍ତି ତାଙ୍କର କେବେ ବି ନଥିଲା। ଯେତିକି ସମୟ ସେ କ୍ଷମତାରେ ରହିଛନ୍ତି, ସେତିକି ସମୟ ଭିତରେ ରାଜନୈତିକ ଆଦର୍ଶର ପ୍ରତିଷ୍ଠା ଲାଗି ଏକନିଷ୍ଠ ଉଦ୍ୟମ କରିଛନ୍ତି। ଆଦର୍ଶ ଲାଗି ଅନେକ ପୁରୁଣା ସାଥୀଙ୍କୁ ସେ ସ୍ପଷ୍ଟ ଭାବରେ ସମାଲୋଚନା ମଧ୍ୟ କରିଛନ୍ତି। ତେଣୁ ତାଙ୍କର ରାଜନୀତି ଆଜି ବି ଏକ ବିକଳ୍ପ ମାର୍ଗ ପ୍ରସ୍ତୁତ କରି ରଖିଛି। ସେ ମାର୍ଗ ସମାଜବାଦ ଓ ସପ୍ତକ୍ରାନ୍ତିର ମାର୍ଗ। ସେ ମାର୍ଗ ଗାନ୍ଧି ଓ ଲୋହିଆ ପ୍ରଦର୍ଶିତ ମାର୍ଗ। ସାମୟିକ ଭାବରେ ସେ ମାର୍ଗ କୁହୁଡ଼ିଆ ଲାଗୁଥିଲେ ମଧ୍ୟ ସେ ମାର୍ଗର ସମାପ୍ତି ନାହିଁ। ଦିନେ ନା ଦିନେ ସମାଜବାଦର ସ୍ୱପ୍ନ ସାର୍ଥକ ହେବ ଓ ସେ ସାର୍ଥକତାରେ ରବି ରାୟଙ୍କର ସ୍ମୃତି ଜାଜ୍ୱଲ୍ୟମାନ ରହିଥିବ।

# ଉଠରେ ସୁପ୍ତଜାତି-୪



ଉମାକାନ୍ତ ରାଉତ (ଅରୂପ)

ନଭମଞ୍ଚରେ ଭାଇରାଲ ହୋଇଚାଲିଥିବା ନିମ୍ନଲିଖିତ ଉଦ୍ଧୃତିକୁ ଲକ୍ଷ୍ୟ କରାଯାଉ।

''I have travelled across the length and person who is a bagger, who is thief, such high moral values, people of such caliber, that I do not think we would ever conquer this country, unless we break the very backbone of this nation, which is her spiritual and cultural heritage and therefore I propose that we replace her old and ancient education system, her culture, for it the Indians think that all that is foreign and English is good and greater than their own, they will lose their self-esteem , their native self –culture and they will become what we want them, a truly dominatd nantion.''

ପ୍ରଦତ୍ତ ସୂଚନା ଅନୁଯାୟୀ ଏହା ଥିଲା ଭାରତରେ ଇଂରାଜୀ ଶିକ୍ଷାର ମୁଖ୍ୟପୁରୋଧା ଲର୍ଡ ମାକ୍ୟୁଲେଙ୍କ ଦ୍ୱାରା ଫେବୃଆରୀ ୨ ତାରିଖ ୨୮୩୫ ସିହାରେ ବ୍ରିଟିଶ ପାର୍ଲିଆମେଣ୍ଟରେ ପ୍ରଦତ୍ତ ଭାଷଣର କିୟଦଂଶ। ଏହାର ଓଡ଼ିଆ ଅନୁବାଦ ଏହିପରି।

"ମୁଁ ସମଗ୍ର ଭାରତବର୍ଷ ବୁଲିଲା ପରେ କେଉଁଠି ହେଲେ ଜଣେ ଭିକାରୀ କି ଚୋର ଦେଖିବାକୁ ପାଇଲି ନାହିଁ। ଲୋମାନଙ୍କର ଏଭଳି ପରାକ୍ରମ ଓ ଉଚ୍ଚମୂଲ୍ୟବୋଧଯୁକ୍ତ ଆଦର୍ଶ ଜୀବନଶୈଳୀକୁ ଲକ୍ଷ୍ୟକରି ମୁଁ ଭାବୁଛି, ଆମେ ଏ ଦେଶକୁ ଜୟକରି ଆମ ଅଧୀନରେ ଦୀର୍ଘକାଳ ରଖିବାକୁ ହେଲେ ଏହାର ସାଂସ୍କୃତିକ ପରମ୍ପରା ଓ ସମୃଦ୍ଧ ପୁରାତନ ଶିକ୍ଷା ବ୍ୟବସ୍ଥାକୁ ହିଁ ପ୍ରଥମେ ଭାଙ୍ଗିବାକୁ ପଡ଼ିବ। କାରଣ ସମୃଦ୍ଧ ସାଂସ୍କୃତିକ ହିଁ ଏହାର ମେରୁଦଣ୍ଡ। ଯେତେଦିନ ଯାଏ ଭାରତୀୟମାନେ ଯାହା ବିଦେଶୀ ଓ ଇଂରାଜୀ ମିଶା, ତାହା ଭାରତୀୟ ଦ୍ରବ୍ୟଠାରଚ ଉତ୍କୃଷ୍ଟ ବୋଲି ନ ଭାବିଛନ୍ତି, ସେଯାଏଁ ସେମାନେ ସେମାନଙ୍କର ଆପଣାର ସ୍ୱାଭିମାନ, ଆତ୍ମସମ୍ମାନ ଓ ସଂସ୍କୃତିକୁ ହରେଇବ ନାହିଁ। ଏସବରୁ ନିଜସ୍ୱ ଉପାଦାନ ହରେଇ ବସିଲେ ଆମେ ତାଙ୍କୁ ଆମ ହାତର ସଖୀ-କଣ୍ଢେଇ କରି ନଚେଇ ପାରିବା ଏବଂ ଆମେ ତାଙ୍କୁ ପ୍ରକୃତରେ ପରାଧୀନ କରି ରଖିଛନ୍ତି ବୋଲି କହିପାରିବା।

ଉପରୋକ୍ତ ଉଦ୍ଧୃତି ଉପସ୍ଥାପନ କରି କୌଣସି ଭାଷାକୁ ନ୍ୟୁନ କରି କହିବା କିମ୍ବା କୌଣସି ଭାଷା ଖରାପ ବୋଲି କହିବା ଲେଖାର ଉଦ୍ଦେଶ୍ୟ ନୁହେଁ। ସ୍ୱ ସ୍ୱ ପରିସରରେ ପ୍ରତ୍ୟେକ ଜାତି, ପ୍ରତ୍ୟେକ ଭାଷା ତଥା ପ୍ରତ୍ୟେକ ସଂସ୍କୃତି ମହାନ। ମାତୃଭାଷା ହିଁ ମାତୃବତ୍। ତେଣୁ କୌଣସି ମାଆକୁ ଖରାପ କି ନ୍ୟୁନ ବୋଲି ବୋଲି କହିବା ମୋ ଜାତି, ମୋ ସଂସ୍କୃତି କି ମୋ ମାତୃଭାଷା ମୋତେ ଶିକ୍ଷା ଦେଇନାହିଁ। ବ୍ୟକ୍ତି କିମ୍ବା ତଦ୍ରୁପରି ଘଟଣା ଆଧାରିତ ହୀନମନ୍ୟ ଆଲୋଚନା କରି ସଂକୀର୍ଣ୍ଣ ମାନସିକତାର ବଶବର୍ତ୍ତୀ ହେବା ଅପେକ୍ଷା 'ଧାରଣା' ଆଧାରରେ କୌଣସି ପ୍ରସଙ୍ଗକୁ ପର୍ଯ୍ୟାଲୋଚନାକରି ଏକ ନିଷ୍କର୍ଷ ବାହାର କରିବାର ସଂପ୍ରସାରିତ ଚିନ୍ତାଧାରାରେ ମୁଁ ବ୍ରତୀ। କାରଣ ମୁଁ ଦୃଢ଼ ଭାବେ ବିଶ୍ୱାସ କରେ ଯେ -

Small minds discuss people
Medium minds discuss events
& Great minds discuss ideas.

ସୁତରାଂ, ଇଂରାଜୀ ଭାଷା ନୁହେଁ, ଏହି ଭାଷାକୁ ପ୍ରଚଳନ କରିବା ପଛରେ ଯେଉଁ ହୀନ ତଥା ମାରାତ୍ମକ ଚକ୍ରାନ୍ତ ଥିଲା, ତାହା ହିଁ ବିଚାର୍ଯ୍ୟ। ଗୋଟିଏ ଜାତି, ଗୋଟେ ବ୍ୟବସ୍ଥା, ଗୋଟେ ସଂସ୍କୃତି, ଗୋଟେ ସମୃଦ୍ଧ ପୁରାତନ ଶିକ୍ଷାବ୍ୟବସ୍ଥା ଓ ଶକ୍ତ ସାଂସ୍କୃତିକ ପରମ୍ପରାକୁ ଧୂଳିସାତ୍ ଅଙ୍ଗାରର କାଳିମାରେ ତାଙ୍କ ଦେଇ ଅର୍କିଡ୍ (ମଲାଙ୍ଗ) ଜାତି ଭଳି ତା'ର ମୂଳପିଣ୍ଡରୁ ରସ ଶୋଷି ନେପ୍ପା ନଟି ଭଳି ମାଡ଼ିଯାଇ ତାକୁ ଆଚ୍ଛାଦିତ କରି ରଖିବାର କିଛି କହିହେବ କି ? ଏଥିପାଇଁ ଇଂରାଜୀକୁ କେବଳ ମାରାତ୍ମକ ବୋଲି କୁହାଯାଉ ନାହିଁ, ବରଂ ଆତତାୟୀର ଭାଷା (Killer's Language) ବୋଲି କୁହାଯିବାର ଯୌକ୍ତିକତା ଅଛି।

ତେଣୁ ଏଭଳି ଏକ କଦର୍ଯ୍ୟ ପୃଷ୍ଠଭୂମି ଥାଇ ଚାଲାଖି କରି ଏବଂ ଅନେକାଂଶରେ ଜୋରଜବରଦସ୍ତ କରି (ଭାରତୀୟ ଶିକ୍ଷା ଓ ସଂସ୍କୃତିର ସାର୍ବଭୌମତ୍ୱକୁ ଲୁଟ୍ କରି) ଆମ ଉପରେ ଲଦି ଦିଆଯାଇଥିବା ଗୋଟେ ବିଦେଶୀ ଜାରଜୀୟ ଭାଷାକୁ ସ୍ୱାଧୀନତାର ୭୦ ବର୍ଷ ପରେ ବି ଆମ ରାଜ୍ୟରେ ଶାସନର ଭାଗ ଓ ଆଇନ୍‌ର ଭାଷା କରି ରଖିବାର ଯଥାର୍ଥତା କ'ଣ ? ଆମର ଶିକ୍ଷା, ସଂସ୍କୃତି, ଜାତୀୟତା, ସ୍ୱାଭିମାନ, ଅସ୍ମିତା ତଥା ମୌଳିକ-ବିକ୍ରମକୁ ନିରବ ଓ ଅଦୃଶ୍ୟ ଭାବରେ ଧ୍ୱଂସ କରି ଚାଲିଥିବ। (running as a silent killer) ଏସବୁର ପ୍ରୋତ୍ସାହନ ସ ପ୍ରଚଳନ ପଛରେ କତିପୟ ଶାସକଗୋଷ୍ଠୀଙ୍କର ପୂର୍ବୋକ୍ତ ଅଂଗ୍ରେଜ ମତ୍‌ଲବ ଥିବା ସ୍ପଷ୍ଟ। ସେମାନେ ଜାଣିଛନ୍ତି ଯେ ବରଗଛ ପରି ଗଣ୍ଡି ଥାଇ ଏକ ଶକ୍ତପିଣ୍ଡ ଥିବା ଓଡ଼ିଆ ଜାତିର ଶାସନର ଡୋର ଧରିବାକୁ ହେଲେ ନେପ୍ପା ଲଟା ପରି ତା' ଉପରେ ମାଡ଼ିଯାଇ ତା'ଣ ଐତିହ୍ୟ, ସଂସ୍କୃତି ତଥା ବିକ୍ରମକୁ ଘୋଡ଼େଇ ରଖିବାକୁ ପଡ଼ିବ। ଆଉ ଏହି ଢାଙ୍କି ରଖିବାର ଏବଂ ବାସ୍ତବତାକୁ ଲୁକ୍କାୟିତ କରି ଏହାକୁ ଅନ୍ୟ ରୂପରେ ପ୍ରତିଭାତ କରିବାର ସର୍ବୋତ୍କୃଷ୍ଟ ମାରଣାସ୍ତ୍ର ହେଲା ଇଂରେଜ ପ୍ରଦତ୍ତ ମାଧ୍ୟମ..... 'କ'କୁ 'ବ' ଓ 'ବ'କୁ 'ଚ' କରିପାରୁଥିବା ଆତତାୟୀର ଭାଷା। ତା' ନହେଲେ ଥରେ ଯଦି ଏ ଜାତି ତା'ର ପୂର୍ବବିକ୍ରମର ସୁରାକ୍ ପାଇ ମାତିଉଠିଲା, ତେବେ ସୁପ୍ତ ଆଗ୍ନେୟଗିରିରୁ ନିର୍ଗତ ଉତ୍ତପ୍ତ ଲାଭାରେ ଦେଶୀ ସାହେବମାନଙ୍କର ଦର୍ପ ଜଳିପୋଡ଼ି ଅଚିରେ ପାଉଁଶ ହୋଇଯିବ।

ସୁତରାଂ, ପ୍ରକୃତ ସ୍ୱାଧୀନତାର ସ୍ୱାଦ ଚାଖିବାକୁ ହେଲେ ପ୍ରକୃତ ସ୍ୱାଧୀକାର ଭୋଗ କରିବାକୁ ହେଲେ ଏବଂ ସର୍ବବିଧ ସାର୍ବଭୌମତା ପାଇବାକୁ ହେଲେ ପ୍ରଥମେ ଏହାର ମୂଳଉତ୍ସ ଭାଷା ଜନନୀକୁ ଉଦ୍ଧାର କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ବର୍ଷିୟାନ୍ ସାମ୍ବାଦିକ ଓ ମୁକ୍ତିଯୋଦ୍ଧା ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କର ସମୟୋପଯୋଗୀ ସ୍ଲୋଗାନ୍ "ଜନ୍ମନି ଜନ୍ମନି ଭାଷା ଜନନୀ" ଗୁରୁତ୍ୱ ବହନ କରେ। ସ୍ୱଭାବକବି ଗଙ୍ଗାଧରଙ୍କର ସେଇ ଅମୂଲ୍ୟ ପଙ୍‌କ୍ତିକୁ କେବଳ ଉଚ୍ଚାରଣରେ ନୁହେଁ, ଆଚରଣରେ ପ୍ରତିଫଳିତ କରିବାର ଖୁବ୍ ଆବଶ୍ୟକତା ଅନୁଭୂତ ହୁଏ-

ଉଚ୍ଚ ହେବ ପାଇଁ କର ଯେବେ ଆଶା,
ଉଚ୍ଚ କର ତେବେ ନିଜ ମାତୃଭାଷା।

ଆଗକୁ ବଢ଼ିବା ପାଇଁ, ସକଳ ସମୃଦ୍ଧି ପାଇଁ ନିଜ ମାତୃଭାଷାର ଅପରିହାର୍ଯ୍ୟ ଗୁରୁତ୍ୱକୁ ହୃଦୟଙ୍ଗମ ଦୂରଦ୍ରଷ୍ଟା ଜାତିପ୍ରେମୀ କବି ପୁରି ଗାଇଉଠିଥିଲେ-

"ମାତୃଭୂମି ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ
ରହିବେ କାହିଁ ?"

ଓଡ଼ିଆ ଜାତି ପାଇଁ ଏ ଗୀତା-ସଂଦେଶ ସମ ଉକ୍ତିକୁ ଅନ୍ତରରେ ହେଜି କାମ କରିବାର ସମୟ ଆସିଛି। ଭାଷାରକ୍ତ ଶୋଷଣକାରୀଙ୍କ କବଳରୁ ଭାଷାଜନନୀକୁ ସମ୍ପୂର୍ଣ୍ଣ ଶୃଙ୍ଖଳମୁକ୍ତ ନ କଲାଯାଏ, ଆମରି ନାଆର ଆମେ ନିଜେ ନାଉରୀ ନ ହେଲାଯାଏ ଉତ୍କଳ କବିକୁଳଙ୍କ କଲମରୁ ବଜ୍ରଧ୍ୱନି ଉଚ୍ଛୁଳିଉଠୁ-

"ଜାଗରେ ଓଡ଼ିଆ ଜାଗ
ଭାଷାର ସବୁଜ ବନାନୀରେ ଆଜି
ମାତିଛନ୍ତି ଧଳାବାଘ
ରକ୍ତପିପାସୁ ରକ୍ତମୁଖା ସେ
ନାଶିବ ଏ ଜାତି ପ୍ରାଣ
ମାଡ଼ିଚାଲ ଭାଇ, ଭୟ କରନାହିଁ
ଧର ସଂଗ୍ରାମ ବାଣ।
ଶବ୍ଦ ହାବେଳି ବୌଦ୍ଧିକ ପ୍ରହାରେ
ସବୁ କରିଦେବୁ ଚୁନା
କହ କେଉଁ ଜାତି ପାଇଛି ମୁକତି
ଭାଷା ପରିଚୟ ବିନା ?
ପ୍ରଳୟ-ଶଙ୍ଖ ଗୁରୁଗମ୍ଭୀରେ
ନିନାଦିତ ହେଉ ଘନ ଅମ୍ବରେ
ଉଠୁ ପ୍ରତିଧ୍ୱନି ଅମ୍ବୁଧି ନୀରେ ବାଜି
କୋଟିଏ କଣ୍ଠୁ ଗୋଟିଏ ସ୍ୱରରେ
ଉତ୍କଳ ଜନତା ଶପଥ ନିଅରେ
ମାତୃଭାଷାର ଉଦ୍ଧାର ପାଇଁ ଆଜି।

ଟଙ୍କିକିଆ ଚାଉଳ, ପାଞ୍ଚଟକିଆ ଦାନାର ତୋବଡ଼ା, ମୁଫତ୍ କମ୍ବଳ, ଛତରଖିଆ ଛତା ଆଦି କୁଝଟଟିକୀୟ ଫିସାଦେିର କାଉଁରୀ ମନ୍ତ୍ରରେ ମୋହଗ୍ରସ୍ତ କରି ମେଣ୍ଢା ସଜାଇ ଶୁଆଇ ଦିଆଯାଇଥିବା ଗୋଟେ ଅତ୍ୟନ୍ତ ସାହସୀ, ସ୍ୱାବଲମ୍ବୀ ନିର୍ଭିକ ଓ ବିକ୍ରମଶୀଳ ଜାତିକୁ ମୋହମୁକ୍ତ କରି ଉଠାଇବାକୁ ହେଲେ, ତା'ର ଅତୀତ ଗୌରବ, ତା'ର ଗୌରବଜ୍ଜ୍ୱଳ ପରାକ୍ରମ ସ୍ୱାଧୀନତା ସଂଗ୍ରାମରେ ତା'ର ଅନନ୍ୟ ଭୂମିକା, ଭାଷା ଓ ଅସ୍ମିତା ପାଇଁ ସଂଘର୍ଷ ତଥା ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଗଠନର ଇତିହାସକୁ ବୁଝି ପ୍ରତିଟି ଓଡ଼ିଆକୁ ବୁଝେଇବାକୁ ପଡ଼ିବ। ବୁଝେଇ ଦେବାକୁ ପଡ଼ିବ ମହାମେଘବାହନ ଐର ଖାରବେଳର ଶିଳାଲେଖର କାହାଣୀ। ବୁଝେଇଦେବାକୁ ପଡ଼ିବ ଅଶୋକଙ୍କଠାରୁ ବ୍ରିଟିଶ୍ ଆଗମନ ଯାଏ ଓଡ଼ିଆ ଜାତିର ଶୌର୍ଯ୍ୟ-ବିକ୍ରମର ଗାଥା। ପୁରୁରାଜାଙ୍କର ଗଭୀର ମାତୃପ୍ରେମ ଭଳି ଏ ମାଟିର ବୀର ବକ୍ସିଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ, ତାପଙ୍ଗ ଦଳବେହେରା, ବିର୍ସା ମୁଣ୍ଡା ଆଦିଙ୍କର ମାତୃଭୂମି ପ୍ରେମ ବୀରତ୍ୱର ଗାଥା। ଏଇ ମାଟିରୁ ଉତ୍ପନ୍ନ ହୋଇଥିବା ଭାରତର ପ୍ରଥମ ମୁକ୍ତିସଂଗ୍ରାମର କଥା।

ଏବେ ଉଚ୍ଛୁର ହୋଇନାହିଁ ସମୟ। ପ୍ରତ୍ୟେକଟି ଓଡ଼ିଆପ୍ରାଣର ସ୍ନାୟୁର ସହରରେ ମୁକ୍ତିର ମନ୍ତ୍ରକୁ ଏମିତି ଭାବେ ସଂଜୀବିତ କରିବାକୁ ପଡ଼ିବ; ଯେମିତି ସଂପ୍ରସାରିତ କୋଟି ଓଡ଼ିଆପ୍ରେମୀର ହୃଦକନ୍ଦରରୁ ଗୁଞ୍ଜରି ଉଠିବ ଗୋଟିଏ ସ୍ୱର-

ରକ୍ତରେ ଲେଖି ନୂଆ ଇତିହାସ
ପଶୁର ବଳକୁ ପରି ଉପହାସ
ଛିନ୍ନମସ୍ତା ଜନନୀର ପାଇଁ ଲଢ଼ିବୁ,
ଅତ୍ୟାଚାରର ସମାଧି ଉପରେ
ତୁମେ ଦମନର ଦୁର୍ଗ ଦୁଆରେ
'ବିରାଟ ଓଡ଼ିଶା' ଗଢ଼ିବୁରେ ଆମେ ଗଢ଼ିବୁ
ଗଢ଼ିବୁ ଆମେରେ ଗଢ଼ିବୁ।

... କ୍ରମଶଃ

E-mail : umakantarout05@gmail.com
ଦୂରଭାଷ : ୯୪୩୭୨୬୭୧୨୫

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦
ଦୂରଭାଷ : ୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ-୯



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ଧାରାବାହିକ ଉପନ୍ୟାସ

**ମାଟିମନସ୍କ, କଥକତା, ସ୍ମୃତିସଜଳ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

"**ତୋ**ର ପୁଅ ହେଇଚିରେ ଚକରା!" -କବାଟ ଫାଙ୍କରୁ ଦିକିଦିକି ଲଣ୍ଠନ ଆଲୁଅରେ ବାହାରକୁ ମୁହଁ ବାହାର କରି, ପାକୁଆପାଟିରେ ଚେନାଏ ବିମଳ ହସ ଖେଳାଇ ପୃଥିବୀର ସବୁଠାରୁ ସୁଖର ସମ୍ବାଦ ଶୁଣାଇଲା ବୁଢ଼ୀମା'।

ଆବେଗର ଅତିଶଯ୍ୟରେ ଚକରା ଓରଫ ଚକ୍ରଧରର ସମସ୍ତ ଇନ୍ଦ୍ରିୟ ଅକାମୀ ହୋଇପଡୁଥିଲା ସେଇ ମୁହୂର୍ତ୍ତରେ। ଲୁହ ଓ କୋହରେ ଓଦା ହୋଇଯାଉଥିଲା ତା' ଭିତର ଓ ବାହାର। ଏକ ତୀବ୍ର କମ୍ପନ ତା' ସମଗ୍ର ସତ୍ତାକୁ ଆନ୍ଦୋଳିତ କରି ବାହାରି ଆସିବାକୁ ଚାହୁଁଥିଲା ବାହାରକୁ। ବୁଢ଼ୀମା'ର ଏଇ କଥାପଦକ ତା' ଦେହର ବେଳାଭୂମି ଉପରେ ସୃଷ୍ଟି କରି ପକାଉଥିଲା ତୁହାକୁ ତୁହା ଲହଡ଼ି। ସେ ସମ୍ପ୍ରସାରିତ ହୋଇଯାଉଥିଲା ଏକ ଚମତ୍କାର ଉପଲବ୍ଧିରେ। ଏ ଜୀବନ, ଏ ପୃଥିବୀ ଯେ କେତେ ପ୍ରିୟ, କେତେ ଅନ୍ତରଙ୍ଗ, ତାହା ସେ ସ୍ୱଷ୍ଟଭାବରେ ଅନୁଭବ କରୁଥିଲା ନିଜ ଭିତରେ। ତା' ଦୃଷ୍ଟି ସହସା ଲମ୍ବିଯାଉଥିଲା। କିଟ୍‌କିଟ୍ ଅନ୍ଧକାରକୁ ଭେଦକରି ଦୂର ଦିଗ୍‌ବଳୟଆଡ଼କୁ। ଦିଗ୍‌ବଳୟରେ ଧକ୍କା ଖାଇ ବୁଢ଼ୀମା'ର ସେଇ ଅମୃତବୋଳା କଥା ପଦଟି ପ୍ରତିଧ୍ୱନୀ ହୋଇ ଫେରିଆସି ପୁଣି ବାଡ଼େଇ ହୋଇଯାଉଥିଲା ଚକ୍ରଧରର ପିପାଶିତ କାନ ପାଖରେ- "ତୋର ପୁଅ ହେଇଚିରେ ଚକରା.....।"

ଦକ୍ଷିଣଦିଗରୁ ବହିଆସୁଥିବା ସୁଲୁସୁଲିଆ ବାଆ ତା' କାନ ପାଖରେ ଧୀରେ ଧୀରେ କହିଦେଇ ଯାଉଥିଲା- "ତୋର ପୁଅ ହେଇଚିରେ ଚକରା...।"

ରାତିର ନିଜସ୍ୱ ଶବ୍ଦରୁ, ଝିଙ୍କାରିର ଝିଂ ଝିଂ ଗୀତରୁ, ଗଛରୁ, ପତ୍ରରୁ, ମାଟିରୁ,ପାଣିରୁ ପବନରୁ, ଶୂନ୍ୟରୁ, ମହଶୂନ୍ୟରୁ, ଆକାଶରୁ, ଅନ୍ତରୀକ୍ଷରୁ କେବଳ ଶୁଭିଯାଉଥିଲା ସେଇ ଗୋଟିଏ ମନ୍ତ୍ରଧ୍ୱନୀ- "ତୋର ପୁଅ ହେଇଚିରେ ଚକରା...।"

ତା'ପରର ମୁହୂର୍ତ୍ତ ସଂପୂର୍ଣ୍ଣ ଆତ୍ମବିସ୍ମରଣର ମୁହୂର୍ତ୍ତ। ଜ୍ଞାନଶୂନ୍ୟ, ଚେତାଶୂନ୍ୟ ହୋଇଯିବାର ଅଣାୟତ ମୁହୂର୍ତ୍ତ। ପ୍ରଚଣ୍ଡ ଖୁସି ଓ ଅନନ୍ୟ ଆବେଗରେ ପାଗଳ ହୋଇଯିବାର ମୁହୂର୍ତ୍ତ।

ପାଗଳ ହୋଇଯିବ କି ସେ? ଏତେ ସୁଖ, ଏତେ ପରିପୂର୍ଣ୍ଣତାକୁ ସମ୍ଭାଳି ରଖିବା କ'ଣ କେବେ ସମ୍ଭବ ପାଞ୍ଚଫୁଟ ପାଞ୍ଚଇଞ୍ଚ ଲମ୍ବର ଏ ସୀମିତ ଶରୀର ଭିତରେ? ନିଜ ସୁଖ ଚକ୍ରଧରକୁ ଅଣାୟତ୍ତ ଲାଗୁଥିଲା। ବଦଳି ଯାଉଥିଲା ବଞ୍ଚିବାର ତାତ୍ପର୍ଯ୍ୟ। ବଦଳି ଯାଉଥିଲା ଜୀବନର ପରିଭାଷା। ବଦଳି ଯାଉଥିଲା ପୂର୍ବପରିଚିତ ପୃଥିବୀର ମାନଚିତ୍ର।

ଭିତର ଘରେ ସବୁକାମ ସରିବାଯାଏ ବାହାରେ ଅପେକ୍ଷା କରିବାକୁ ପଡ଼ିଲା ଚକ୍ରଧରକୁ। ଆଃ... କେଡ଼େ ବେଦନାଦାୟକ ଏ ଅପେକ୍ଷା! ଆଖି ଚାହୁଁଥିଲା ତତ୍‌କ୍ଷଣାତ୍ ଦେଖିବାକୁ ସେଇ ମହାନ୍ କୁନି ଆଗନ୍ତୁକକୁ, ଯିଏ ଏଇ ଅଳ୍ପ ସମୟ ପୂର୍ବେ ଭୂମିଷ୍ଠ ହୋଇଛି ସଂସାରର ସମସ୍ତ ଅନ୍ଧକାରକୁ ପରାଜିତ କରି। ମନ ଚାହୁଁଥିଲା କେବଳ ସେଇ ଆଗନ୍ତୁକକୁ ନୁହେଁ, ଏ ସମଗ୍ର ସଂସାରକୁ ଦୁଇବାହୁରେ ଟେକିନେଇ କୋଳାଗ୍ରତ କରି ପକାଇବାକୁ! ଅଥଚ ଏ ଅପେକ୍ଷା କେଡ଼େ କଷ୍ଟଦାୟକ ସତେ!!

"ଯାରେ ଚକରା ଯା, ଭିତରକୁ ଯା। ତୋ ପୁଅକୁ ଦେଖିବୁ ଯା! ହେଲେ ଖବରଦାର୍, ମା' ଛୁଆ କାହାରିକୁ ଛୁଇଁବୁ ନାହିଁ। ଛୁଆଁ ହବୁ। ଏନ୍ତୁଡ଼ି ଛାଡ଼ିଲେ ଯାଇ ଯୋଉ କଥା!" - ଏନ୍ତୁଡ଼ିଶାଳର ସବୁ କାମ ସୁରୁଖୁରୁରେ ସାରି ଧୁଆଧୋଇ ହେବା ପାଇଁ ଏକ ପ୍ରସନ୍ନ ମୁହଁରେ ବାହାରକୁ ବାହାରି ଯାଉଥିବାବେଳେ କବାଟ ପାଖରେ ପଥର ମୂର୍ତ୍ତିଟିଏ ପରି ଠିଆ ହୋଇଥିବା ଚକ୍ରଧରକୁ କହିଲା ସୋଦରୀ ବୁଢ଼ୀ।

ଧୀରେ, ଖୁବ୍ ଧୀରେ, ପାଦ ଚିପିଚିପି, ଏକ କମ୍ପିତ ଆବେଗକୁ ସାଙ୍ଗରେ ଧରି ଚକ୍ରଧର ପଶିଲା ସେ ଘର ଭିତରକୁ, ଯେଉଁଠି ଚମ୍ପା ଶୋଇଥିଲା। ତା' ସହିତ, ତା' କୋଳରେ ଥିଲା ତା'ର ଉତ୍ତରପୁରୁଷ। କାଳେ ସାମାନ୍ୟ ପାଦଶବ୍ଦରେ କୁନି ଆଗନ୍ତୁକର ସ୍ୱଚ୍ଛନ୍ଦତାରେ ବ୍ୟାଘାତ ଘଟିବ, ସେଇପରି ସମସ୍ତ ସତର୍କତାର ସହିତ ସେ ଯାଇ ଠିଆହେଲା ଘର ମଝିରେ। ଆଃ ... ଏଡ଼ିକି ବକଟେ ଗୁଲୁଗୁଲିଆ ଛୁଆ! କୁନିକୁନି ହାତ, ପାଦ। ମିଞ୍ଜିମିଞ୍ଜି ଆଖି। ଏଡ଼ିକି ବକଟେ ମୁହଁ! ଚକ୍ରଧର ଆଉ ଦେଖିପାରିଲାନି ସେ ଅଭୁଲା ଦୃଶ୍ୟ। ତା' ଛାତି ଭିତରୁ ବାହାରକୁ ଉଛୁଳି ପଡୁଥିବା ସୁଖ ଓ ଆମୋଦକୁ କୌଣସି ପ୍ରକାରେ ସଂଯତ କରି ସେ ଧୀର ପଦପାତରେ ଫେରି ଆସିଲା ଘର ଭିତରୁ।

କେତେ ପରିପୂର୍ଣ୍ଣତା ଭରି ରହିଥାଏ ମାତୃତ୍ୱରେ? ଚମ୍ପାର ଗଦ୍‌ଗଦ୍ ପ୍ରସନ୍ନ ମୁହଁରେ ଲେଖି ହୋଇଯାଇଥିଲା ସେଇ ମହାକାବ୍ୟ। ସତେକି ସଂସାରର ସମସ୍ତ ଧନସମ୍ପଦ ଆସି ଠୁଳ ହୋଇଯାଇଛି ତା' କୋଳରେ! ସତେକି 'ତଥାସ୍ତୁ' ନାମକ ବହୁ ଆକାଙ୍‌କ୍ଷିତ ଆଶୀର୍ବାଦଟି ଅଜାଡ଼ି ହୋଇପଡ଼ିଛି ତା' ମୁଣ୍ଡ ଉପରେ! ଖଟିଆ ଉପରେ ଚମ୍ପା। ତା' କୋଳରେ ପୁଅ। ଆସିଗଲା ତେବେ ଜୀବନ ପାଇଁ ସବୁ ପ୍ରାପ୍ତି! ଆଉ କ'ଣ ଦରକାର ବଞ୍ଚିବା ପାଇଁ, ଯା'ଠାରୁ ଅଧିକ?

ଆଉ କିଛି ଦରକାର ନଥିଲା। ଚମ୍ପା-ଚକ୍ରଧରର ସଂସାରକୁ ପରିପୂର୍ଣ୍ଣ କରି, ଜୀବନକୁ ସୁଖ ସାଗରରେ ଉବୁଟୁବୁ କରି, ପୃଥିବୀକୁ ଚମତ୍କୃତ କରି ଭୂମିଷ୍ଠ ହେଲା ଯିଏ, ସେ ହେଉଛି ତାଙ୍କ ପୁଅ। ଚମ୍ପା ଓ ଚକ୍ରଧରର ପୁଅ।

ଏକୋଇଶା ଦିନ ଅନେକ ଟଣାଓଟରା ହୋଇଥିଲା ପୁଅର ନାମକରଣକୁ ନେଇ। କିଏ କହିଲା ତା' ନାଁ ଜଗନ୍ନାଥ ତ କିଏ କହିଲା ନାରାୟଣ। କିଏ କହିଲା ରାମ ତ କିଏ କହିଲା ବଳରାମ। ନାଁକୁ ନେଇ ଭିଡ଼ାଓଟରା ଦେଖି ଚକ୍ରଧର କହିଲା - "ଆମ ହାହୁତାଶମୟ ଜୀବନକୁ ଚନ୍ଦନ ପରି ଶୀତଳ କରି ଯେ ଜନ୍ମ ହୋଇଥିବାରୁ ପୁଅର ନାଁ ରଖାଯିବ ଚନ୍ଦନ। ସମସ୍ତେ ରାଜି ହୋଇଗଲେ। ବୁଢ଼ିମା କିନ୍ତୁ ଖପ୍ପା ହୋଇ କହିଲା - "ଛତରା ନିଲଠାଗୁଡ଼ା, କି ମା' ଘଇତା ନାଁ ଦେଉଛ ମୋ ନାତିର? ଚନ୍ଦନ ନା ଫନ୍ଦନ? ବାପ ନାଁ ଚକରା, ପୁଅ ନାଁ ଚନ୍ଦରା। ହେଲା!!"

'ହଉ ହେଲା'- ଚକ୍ରଧର ସମେତ ସବୁ ଲୋକ ଏକମତ ହୋଇଥିଲେ ବୁଢ଼ୀ କଥାରେ। ଏକମତ ନହୋଇ ଚାରା ନଥିଲା। ବୁଢ଼ୀ କଥା ନ ମାନିଲେ, ବୁଢ଼ୀ କଥା ନ ରଖିଲେ, ତାକୁ ଆଉ ସମ୍ଭାଳି ହେବନି। ସୃଷ୍ଟି ପ୍ରଳୟ କରିଦେବ ସେ। ଥରେ ତା'ପାଟି ଖୋଲିଲେ ଆଉ ବନ୍ଦ ହେବନି। ଅଶୁଦ୍ଧ ଦୋ'ଅକ୍ଷରୀ ଶବ୍ଦ ସବୁ ଝରିଆସିବ ସାବଲୀଳ ଢଙ୍ଗରେ।

ଏଣିକି ବୁଢ଼ିମା' ଆଉ ବିନା କାରଣରେ ବିରକ୍ତ ହେଉନଥିଲା ଚମ୍ପା ଉପରେ। ବରଂ ତାକୁ ନାନା କଟକଣା ଭିତରେ ରଖୁଥିଲା। ବୁଢ଼ୀ କଥାରୁ ସାମାନ୍ୟ ଓଲମ ବିଲମ ହେଲେ ବୁଢ଼ୀ ପାଟି କରୁଥିଲା - "ହଇଲୋ ରଜାଘର ଝିଅ, ହଜାରେ ବାର ତତେ ମୁଁ କହିଲିଣି ବେଶି ପାଣିହାତ ହ'ନା ବୋଲି! ପୋଖତୀ ମାଇପିଟା! କଅଁଳା ଛୁଆଟାକୁ ଥଣ୍ଡା ଧରି ପକାଇବ! ମୋ କଥା ଶୁଣିବାକୁ ତୋ କାନରେ ଫୋଡ ଅଛି ନା ନାଇଁ କିଲୋ?"

- "ଆଲୋ ଏ ବଜାରବୁଲୀ, ନି'ତି କହୁଛି ସଞ୍ଜପରେ ବାହାରକୁ କୁଆଡ଼େ ବାହାରେନା ବୋଲି! ଦିନ ଥାଉ ଥାଉ କେନାଲ ବନ୍ଧରେ ଝାଡାଝପଟ ସାରି ଚାଲିଆ। ଏ ଅପନ୍ତରା ରାଇଜରେ ତ ଡାହାଣୀ ଚିରିଗୁଣୀଗୁଡ଼ା ଖାଲି ହାଉଯାଉ ହଉଛନ୍ତି! ତୋ ଉପରେ ନଜର ପଡ଼ିବ। ଦୁଧଖିଆ ଛୁଆଟା ତୋ'ଠାରୁ ଦୁଧ ଖାଉଛି! ତା' ଦେହ ଖରାପ ହେବନି? ଛି ... ଛି ....

**କ୍ରମଶଃ...**

# ଶୂନ୍ୟତା

**ସ୍ମିତା ଶୁଭଦର୍ଶିନୀ ପଣ୍ଡା**



ସେଦିନ ଶ୍ରେଣୀଗୃହରେ ଗୋଟେ କୋଣରେ ପିଲାଟି ଚିତ୍ର ଆଙ୍କୁଥିଲା। ମୋ ପହଞ୍ଚିବା ପ୍ରତି ଯେମିତି ନଜର ନଥିଲା ତା'ର। ଭାବିଲି, ଏତେ ଦୁଷ୍ଟ ପିଲା ଯେ ଶିକ୍ଷକ ଆସିଲେ ବି ଜାଣିପାରୁନି। ଅଷ୍ଟମ ଶ୍ରେଣୀର ମାଥ୍‌ମେଟିକ୍ସ ପଢ଼ାଏ ମୁଁ। ଆଗରୁ ଦେଖିଛି ପିଲାଟି ଖୁବ୍ ଭଲ, ମେଧାବୀ ପିଲାଟା। ହେଲେ ଆଜି ଏମିତି କ'ଣ? ଅନ୍ୟପିଲାମାନେ ମୋତେ ଦେଖି କୋଳାହଳ ବନ୍ଦ କରି ବହିଖାତା ଖୋଲିବାରେ ଲାଗିଲେ। ଭାବିଲି ପିଲାଟା ଏଥର ନିଶ୍ଚୟ ଚିତ୍ର କରିବା ଛାଡ଼ି ମନଦେବ ପାଠପଢ଼ାରେ। କିଛିକ୍ଷଣ ମୁଁ ବି ନିରବ ରହି ତାକୁ ଚାହିଁରହିଲି। ନା, ଚିତ୍ର ଉପରୁ ପଲକ ଉଠୁନି ତା'ର। ମୋ ପ୍ରତି କିଛି ଭୟ ନଥିବା ପରି ସେ ତଳକୁ ମୁହଁପୋତି ଚିତ୍ର ଆଙ୍କିଚାଲିଛି। ଏଥର ଆଉ ନିଜକୁ ସମ୍ଭାଳିପାରିଲିନି। ରାଗରେ କହିଲି- ଏଠାକୁ ପାଠ ପଢ଼ିବାକୁ ଆସିଛୁ ନା ଚିତ୍ର କରିବାକୁ? ନା' କିଛି ବି କହିଲାନି ସେ, ସେମିତି ତଳକୁ ମୁହଁପୋତି ଚିତ୍ର ଆଙ୍କୁଥିଲା। ମୋ ରାଗ ଦେଖି ଶ୍ରେଣୀର ପିଲାମାନେ ବି ଛାନିଆ। ସେମାନେ ଯେମିତି ଗୋଟେ ଆଶ୍ଚର୍ଯ୍ୟ ଦୃଷ୍ଟିରେ ମୋତେ ଚାହିଁରହିଲେ। ଅବାକ୍ ହେଲି। ଭାବିଲି ସେ ପିଲାଟାର କାନମୋଡ଼ି ଛିଣ୍ଡେଇଦେବି। ଡଷ୍ଟରରେ ପିଟିପିଟି ଖଣ୍ଡିଆଖାବରା କରିପକେଇବି। ହେଲେ ପୁଣି କାଇଁ ଭାବିଲି, ନା ପିଲାଟା ତ ସେମିତି ଆଦୌ ଦୁଷ୍ଟ ନୁହେଁ। ଭଲ ପିଲାଟା, ଶ୍ରେଣୀରେ ପାଠପଢ଼ା ବ୍ୟତୀତ ଅନ୍ୟକିଛିରେ ମନ ନଥାଏ ତା'ର। ହେଲେ ଆଜି ଏମତି ବ୍ୟତିକ୍ରମ କାହିଁକି? ଏହି କାହିଁକିର ଉତ୍ତର ଖୋଜୁଖୋଜୁ ମୁଁ ଅନ୍ୟପିଲାଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କରିଦେଲି। ଭାବିଥିଲି ଏଥର ନିଶ୍ଚୟ ସିଏ ମୁହଁ ଉଠାଇ ବ୍ଲାକ୍‌ବୋର୍ଡକୁ ଚାହିଁବ, କହିବ ମୋତେ କିଛି। କିନ୍ତୁ ସେମିତି କିଛି ବି ହେଲାନି। ମୁଁ ବି କାହିଁକି କେଜାଣି ତା' ପାଖକୁ ନଯାଇ ପାଠ ପଢ଼ାଇବାରେ ମନଦେଲି। ଏସବୁ ଭିତରେ ବି ମୋ ମନଟା ପିଲାଙ୍କୁ ପଢ଼ାଇବା ଅପେକ୍ଷା ତା' ଆଡ଼କୁ ଟାଣି ହୋଇଯାଉଥିଲା। ମନେମନେ ଭାବୁଥିଲି, କ୍ଲାସ୍ ସରିଲେ ତା' କଥା ବୁଝିବି। ମୋ ମନୋଭାବକୁ ଶ୍ରେଣୀର ପିଲାମାନେ ତୀକ୍ଷ୍ଣ ନଜରରେ ଦେଖୁଥିବା ଅନୁଭବ କଲି। କେତେବେଳେ ଯେ ଗୋଟେ ପିରିୟଡ ସରିଗଲା, ଜାଣିପାରିଲିନି। ପିଲାମାନେ ସ୍କୁଲ ଘଣ୍ଟା ବାଜିବାରୁ ଯେ ଯାହାର ବାହାରକୁ ଦୌଡ଼ିଲେ। ସେତିକିବେଳେ ମୁଁ ଶ୍ରେଣୀର ପଛ ବେଞ୍ଚରେ ବସିଥିବା ସେଇ ପିଲାଟି ପାଖକୁ ଗଲି। ଦେଖିଲି ଗୋଟେ ଚିତ୍ର ଆଙ୍କି ସେ ତାଙ୍କୁ ସମ୍ପୂର୍ଣ୍ଣ ଲୁହରେ ଭିଜେଇ ଦେଇଛି। ମୁଁ ରାଗିବା ପରିବର୍ତ୍ତେ ଅତ୍ୟନ୍ତ ଶାନ୍ତ ଭାବେ ତାକୁ ପଚାରିଲି, ମୋହନ! କ'ଣ ହେଇଛି ତୋର? ମୋର ଏଇ ସାମାନ୍ୟ ପ୍ରଶ୍ନରେ ସିଏ ଭୋ ଭୋ କରି ବଡ ପାଟିରେ କାନ୍ଦିଉଠିଲା।

ଏଭଳି ପରିସ୍ଥିତି ଦେଖି ମୁଁ ବି ଏକପ୍ରକାର ଆଶ୍ଚର୍ଯ୍ୟ ପ୍ରକଟ କରିଥିଲି। ହେଲେ ପରେ ତା'ଠୁ ଯାହା ଶୁଣିଲି, ମୋ ଆଖିରୁ ବି ଧାରେ ଲୁହ ନିଗିଡ଼ି ପଡ଼ିଲା। ସାରାଂଶ ଏତିକି ଯେ, ପିଲାଟିର ମାଆ ଗତବର୍ଷ ଏହିଦିନ ଆରପାରିକୁ ଚାଲିଯାଇଥିଲେ। ଘରେ ଶ୍ରାଦ୍ଧ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପିଲାଟି କିନ୍ତୁ ମାଆ କଥା ମନେପକାଇ ଆଉ ଘରେ ରହି ନଥିଲା। ସ୍କୁଲକୁ ଆସି ସେଇ ମାଆ ମୁହଁର ଚିତ୍ର ଆଙ୍କି ତାଆରି ଉପରେ ଶ୍ରାବଣର ଧାର ଧାର ମେଘ ପରି ଲୁହ ଢାଳୁଥିଲା। ମାଆଛେଉଣ୍ଡ ପିଲାଟିକୁ କେଉଁ ଭାବରେ ଆଶ୍ୱାସନା ଦେବି ଭାବି ଭାବି ମୁଁ ବାକ୍‌ଶୂନ୍ୟ ହୋଇପଡ଼ିଲି। ଏତେବଡ଼ ଶୂନ୍ୟସ୍ଥାନ ପୂରଣ ପାଇଁ ମୋ ଓଠରେ କିଛି ଭାଷା ନଥିଲା।

*ବଡ଼ଗଡ଼, ଭୁବନେଶ୍ୱର-୧୪*

# ନିଆରା ସମ୍ପର୍କ



**ଲକ୍ଷ୍ମୀଧର ସାହୁ (ଲାଲୁ)**

**ଆ**ମେ ଯଦି ପଚାରିବା ପ୍ରେମର ସଂଜ୍ଞା ବୋଧହୁଏ ଉତ୍ତରରେ ଆସିବ ଜଣାନାହିଁ। ପୃଷ୍ଠା ପରେ ପୃଷ୍ଠା ଶେଷକୁ ଜଣାନାହିଁ କିନ୍ତୁ ପ୍ରେମକୁ ନେଇ ଚର୍ଚ୍ଚା, ଉତ୍ସୁକତା, ଆବିଳତା ନିଆରା ନିଆରା ଅନୁଭବ ରହିଥାଏ। ପ୍ରେମ ଦେଖିବାକୁ କିପରି ଏହାର ରଙ୍ଗ କେମିତି ତାକୁ ଭାଷାରେ ପ୍ରକାଶ କରିବା ହେଉଛି ଏକ ବ୍ୟତିକ୍ରମ। ଯିଏ ପ୍ରେମ କରିଛି ସେ ମାପିଛି ତାର ଗଭୀରତା ଓ ପରଖିପାରିଛି ତାର ସ୍ୱାଦ। ସେ ହିଁ ବୁଝିଛି ତାର ନିବିଡତା, ବାରିପାରିବ ପ୍ରେମର ବାସ୍ନା।



ପ୍ରେମରେ ବାଦ ଅଛି ବିବାଦ ଅଛି ବିରହ ଅଛି ଦୂରତାର କଷ୍ଟ ମଧ ଅଛି ତଥାପି ମଣିଷ ପ୍ରେମ କରେ। ଏଠି ପ୍ରେମ କରିବାଟା ପାପ ନୁହେଁ, ତାକୁ ଲୁଚାଇ ରଖିବା ହେଉଛି ପାପ। ପ୍ରେମରେ ଅନୁତାପ କରିବା ମନା ପୁଣି ପ୍ରେମ ନ ମିଳିଲେ ଦୁର୍ଭାଗ୍ୟ ଓ ମିଳିଗଲେ ସ୍ୱର୍ଗ। ତାକୁ ବୁଝିଗଲେ ନଷ୍ଟ, ନ' ବୁଝିଲେ କଷ୍ଟ। ପ୍ରେମ ଏକ ଏମିତି ପକ୍ଷୀ ଯିଏ ଉଡ଼ି ଉଡ଼ି ଆସି ମନ ତଳେ ବାନ୍ଧେ ବସା। ପ୍ରେମ କେଉଁ ବାଟ ଦେଇ ଆସେ କାହାରିକୁ ଜଣା ନଥାଏ। କାହା ପାଇଁ ତୋ' ବିନା କିଛି ଭଲ ଲାଗେନା। ନା ଆଖିକୁ ଆସେ ନିଦ ନା ପାହେ ରାତି। ଏଠି ପ୍ରେମକୁ ନେଇ କିଏ ପେଟ ପୋଷୁଛି ତ' କିଏ ପ୍ରେମକୁ ନେଇ ସର୍ବସ୍ୱାନ୍ତ। ସର୍ବହରା ହୋଇ କିଏ କାନ୍ଦୁଛି ତ ଆଉ କିଏ ହସୁଛି ସ୍ୱପ୍ନରେ। କେହି କେହି ନିଜ ପ୍ରେମର ଫେରିବା ବାଟକୁ ଚାହିଁ ସଜେଇ ହୋଇ ବସିଛନ୍ତି। କିଏ ସ୍ୱପ୍ନିଳ ଆଖିରେ ପରୀ ରାଇଜର ପରୀଙ୍କ ମେଳରେ ଘୂରି ବୁଲୁଛି କିଏ ଦରିଆର ନୀଳ ଜଳରାଶିରେ ଲିନ୍ନ ହୋଇଯାଉଛି କିଏ ଆଃ! ବାନ୍ଧି ବସିଛି ଛୋଟ ଏକ ସହର ତାର ମଧ୍ୟରେ ଏକ ଛୋଟ ଘର ସେ ଘର ଭିତରେ ଜମେ ଆଉ ମୁଁ ଆଉ ଆମର ନହ୍ନିପରୀ ଆଉ କିଏ ନିରାଶାର ଘନ କୁହୁଡିରେ ହଜିଯାଉଛି। ନାଉରୀ ବିହିନ ନାଆ ପରି। ଆଉ କାହାର ବିରହ ବେଦନାରେ ଆଖିରୁ ଶ୍ରାବଣ ଧାରା ଛୁଟି ଆସି କିଛି ଓଠ ପିଇଯାଉଛି। ଆଉ କିଛି ପଣତ କାନିରେ ଲେସି ହୋଇଯାଉଛି। କିଏ ପ୍ରେମରେ ମୁକ୍ତ ଆକାଶର ବିହଙ୍ଗ ପରି ଘୂରି ବୁଲେ ତା' ପାଇଁ ପ୍ରତ୍ୟେକ ସକାଳ ଶୀତ ସକାଳର କାକର ଭିଜା ଘାସ ଗାଲିଚା ପ୍ରତ୍ୟେକ ମୁହୂର୍ତ୍ତରେ ପକ୍ଷୀମାନଙ୍କର ସେହି କିଚିରି ମିଚିରି କଳରବ କାନ ପାଖରେ ଗୁଣୁଗୁଣଉଛି ନା' ସେ ପାଖକୁ ଛୁଟି ଆସୁଛି ନାନା ରଙ୍ଗ ବେରଙ୍ଗର ଫୁଲ ମାନଙ୍କର ସୁବାଶିତ ବାସ୍ନା ଆଖିର ଆଇନାରେ ଦୃଶ୍ୟମାନ ହେଉଛି। ଫୁଲରୁ ଭ୍ରମରର ମଧୁପାନ କରିବାର ଦୃଶ୍ୟ ମାନରେ ମାଦକତା ଓ ଚଞ୍ଚଳତା ଭରିଦେଉଛି ଦେହ ଶିହିରୀ ଉଠୁଛି। ମନରେ ଶୋଇପଡିଥିବା ଇଚ୍ଛାଶକ୍ତି ଜାଗ୍ରତ ହୋଇ ଉଠୁଛି ଅସୁମାରି ଆଶା ଉଙ୍କି ମାରୁଛି ମନର କେଉଁ ଏକ ଦିଗ୍‌ବଳୟ ମଧ୍ୟରୁ ଅଳସୀ ବୟସରେ ବୟସର ମାଦକତା ଭରିଦେଉଛି ବିନା ଶ୍ରାବଣରେ। ପ୍ରେମ ଆନନ୍ଦର ଧାରା ହୋଇ ବହିଯାଉଛି ବିନା ଫଗୁଣରେ। ଦେହରେ ଫଗୁ ସତେ ଯେପରି ଇନ୍ଦ୍ରଧନୁର ସାତରଙ୍ଗ ପରି ବୋହି ହୋଇଯାଉଛି ବିନା ବସନ୍ତରେ। ଗଛପତ୍ର କଅଁଳି ଯାଉଛି ବିନା କୋଇଲିରେ। ଗାଇ ଉଠୁଛି ସାତ ସୁରରେ ସଜ୍ଜା ସୁନ୍ଦର ଗୀତଟିଏ ବିନା ଘୁଙ୍ଗୁରରେ। ପାଦ ନାଚିଯାଉଛି ଚମ୍ପୁ, ଛାନ୍ଦ, ଓଡ଼ିଶୀ, ଶାସ୍ତ୍ରୀୟ ସଙ୍ଗୀତର ତାଳେ ତାଳେ ଇନ୍ଦ୍ର ଦରବାରର ରମ୍ଭା ମେନକା ଉର୍ବଶୀଙ୍କ ପରି।

ଆଉ କାହାର ପାଦରେ ପାଉଁଜି ମଥାରେ ସିନ୍ଦୁର ହାତରେ କଙ୍କଡ ବନ୍ଧନର ପାଣିକାଚ ଥାଇ ମଧ ଅବସାଦ ଓ ବିଷାଦରେ ଗୁମୁରି ଗୁମୁରି ଖୋଜୁଛି ଖୁସିକୁ ଅତୀତର କେଇଟା ଅଲୋଡା ଅସଜଡା ସ୍ମୃତିକୁ ଛାତିରେ ବାବୁଡି ଧରି ପୁଣି କିଏ ଅନ୍ଧାରରେ ଖୋଜୁଛି ଆଲୋକର ଛାଇକୁ ତ ଆଉ କିଏ ବୈଶାଖର ନିଦାଘ ତାତିର ଚିର ସବୁଜିମାକୁ। କିଏ ହଜି ଯାଇଥିବା ପ୍ରେମକୁ ଜୀବନ୍ତ କରିବାକୁ ସଂଗ୍ରାମ କରୁଛି ତ କିଏ ନିଜ ହାତରେ ଭାଙ୍ଗି ଚରମତୃପ୍ତି ଲାଭ କରୁଛି କିଏ ପ୍ରେମକୁ ସ୍ୱୀକାର କରି ଓଠରେ କମ୍ କହି ଆଖିରେ ବେଶୀ କହିପକାଉଛି ଆଉ କିଏ ଘୃଣାରେ ପ୍ରତ୍ୟାଖାନ କରୁଛି। କିଏ ନିଃସ୍ୱାର୍ଥ ପ୍ରେମ କରୁଛି ଆଉ କିଏ ନିଜର ସ୍ୱାର୍ଥକୁ ଜାବୁଡି ଧରି ନିଜ ଲାଳସା, କାମନା, ବାସନା ଓ ମନର ଇଚ୍ଛାଶକ୍ତିକୁ ଚରିତାର୍ଥ କରିବାକୁ ଯାଇ ପ୍ରେମର ଅଭିନୟ କରୁଛି।

ଚଳଚ୍ଚିତ୍ରର ନାୟକ ନାୟିକାଟି ପରି କିଏ ପ୍ରେମକୁ ପରିପ୍ରକାଶ କରିପାରୁଛି ତ' ଆଉ କାହାର ମନ ଭିତରେ ସୂର୍ଯ୍ୟୋଦୟ ପୂର୍ବରୁ ଗଙ୍ଗଶିଉଳି ଫୁଲ ପରି ଝରିପଡୁଛି। ବନ ପୋଡିଗଲେ ସଭିଏଁ ଜାଣନ୍ତି ମନ ପୋଡିଗଲେ ଜାଣୁଛି କିଏ।

*ୟୁନିଟ୍-୯, ଭୁବନେଶ୍ୱର*

# ସତ କୁହ ତୁମେ କି ବଦଳ

**ଡ. ସତ୍ୟନାରାୟଣ ମିଶ୍ର**

**କ**ବି ତୁମେ କ'ଣ ବୁଝ ଦୁନିଆରୁ
ତୁମ ଦୁନିଆ ତ ନିଆରା
ସମ୍ପୂର୍ଣ୍ଣ ଅଲଗା, ବୁଝୁଛି ମୁଁ କଙ୍କରିଳ ପଥକୁ
ଅତିକ୍ରମ କରିବାକୁ ତୁମେ ନିଅ ଲେଖନୀ ସାହାରା।
ଶବ୍ଦଭେଦି ବାଣରେ ତ ତୁମେ ଚାହଁ ବଧିବାକୁ ବାଧା
ଯେତେ
କେତେ ପାର କେତେ ବା ନ ପାର
ଏଠି ସବୁ ଚାଲେ ଭଲମନ୍ଦ
ରଙ୍ଗହୋରି ଆଉ ରକ୍ତହୋରି
ଆଇନକୁ ଆଖିଠାର ଆଉ ଧର୍ମକୁ ଜୁହାର
ହାତୀ ଗଲେ ପିମ୍ପୁଡ଼ି ନ ଗଲେ
ତଥାପି ତ ନନ୍ଦିଘୋଷ ଗଡ଼େ
କବି ହେ ଅପାରଗ କ'ଣ କବି ପଣିଆଟା?
କୁହ ସତେ କିଏ ପଢ଼େ କିଏ ବା ବଦଳେ?

ବଦଳିବା ତୁମ କାମ ନୁହଁ
ସତକୁହ ତୁମେ କି ବଦଳ
ସ୍ୱପ୍ନ ଛାଡ଼ି ତୁମ ଦୁନିଆରୁ କେବେ କି ଉତର
ସଂସାର ଭାସେ କି ବୁଡ଼େ ତୁମ କ'ଣ ଜାଣ
ତୁମ ପାଗଳପଣିଆ ପାଇଁ
କେତେ ତ୍ୟା ଆଉ ଜଣେ କରେ
ଏକମାତ୍ର ସାଥୀ ସିଏ, କବି ହେ ସୁଧୁରିଯାଅ
ତା ମନ କବିତାକୁ ଯଦି ପାର କଲମରେ ତୋଳ
ଲେଖିଯାଅ ଦୁଃଖ ଯେତେ, ଅପଚେଷ୍ଟା ନ୍ୟାୟକୁ
ଗିଳିବା ପାଇଁ, ଲେଖିଯାଅ କଳଙ୍କିତ ଗାଥାସବୁ
ତୁମ ସ୍ୱପ୍ନରେ ଭାସିଆସୁ ଆଗାମୀ ସେ ସବୁଜ ସକାଳ
ସ୍ନେହ ଆଉ ପ୍ରୀତିର ସୁବାସ, କେହି ଜଣେ ପଢ଼ିବ
କେହି ଜଣେ ବଦଳିବ, ସେ ହିଁ ହେବ ବଡ଼ ପୁରସ୍କାର।

*ଲିଙ୍ଗରାଜ ବିହାର, ଭୁବନେଶ୍ୱର-୨୦*

# ଆସୁଛି ମୁଁ



**କ୍ଷୀରୋଦିନୀ ବେହେରା**

**ହେ** କୃର, ଅହଂକାରୀ
ପିପାସୁ ପୁରୁଷ
ତୁମେ ହୁଅ ସାବଧାନ
ଆସୁଛି ମୁଁ ଦୁନିଆକୁ
କରିବି ଶାସନ।
ଆଉ ଏଠି ଜନ୍ମ ନେବେ ନାହିଁ
ଦୁର୍ବଳ ଦ୍ରୌପଦୀ
ନିମିଷକେ ଦୁଃଶାସନ
ହେବେ ଏଠି ବନ୍ଦୀ।
ଚଳିବନି ଆଉ ଏଠି
ରାବଣର ରାଜ୍ୟ
ଜନନୀ, ଭଗିନୀ ଏଠି
ହେବେ ଏବେ ପୂଜ୍ୟ
ମନେରଖ...
ଅତିଶୀଘ୍ର ଗ୍ରହର କରିବି ମୁଁ
ବାଧହୋଇ ଦେବ ମତେ
ରାଷ୍ଟ୍ରୀୟ ସମ୍ମାନ
ମୁଁ କରିବି ମୀମାଂସା
ଅତ୍ୟାଚାରୀ ରାଜା ଆଉ
ରାଜଦ୍ରୋହୀଙ୍କର
ଫାଶି କିମ୍ବା କରାଯିବ
ରାଜ୍ୟ ବହିଷ୍କାର।

*କ୍ରଫୋଡ଼ଗଞ୍ଜ, ଗୋଠୁଗୁଡ଼ା*
*ଝାରବନ୍ଧ, ବରଗଡ଼*
*ମୋ - ୯୭୭୭୭୨୯୦୦୨*

# ମୋ ବିଷୟରେ ଗୋଟେ ଖରାପ କବିତା

**ପ୍ରତୀକ୍ଷା ଜେନା**

ଏଇ କଥା, ଏଇ ପ୍ରଥାରେ
ଘୂରୁଥାଏ ଗ୍ଲୋବ୍।
କିଛି ମିଛିମିଛିକା ସତ
ସାଙ୍କୁଡ଼ି ଧରିଥାଏ ତାର ନୀଳ ଓ
ନାଲି ରେଖା ଭୂଗୋଳକୁ।
କିଛି କାଚଲୁହରେ
ଛଳକୁଥାଏ ବାକି ସମୁଦ୍ର।
ତାକୁ ପଚାରିଲେ ସେ କହେ
ମୁଁ ତତେ ପ୍ରାଣଠୁ ଅଧିକା ଭଲପାଏ।
ଏଇ ଭଲପାଇବା କ'ଣ
ପଡ଼ୋଶୀ ଦେଶରୁ ଆସିଥିବା
ଏକ ଆତଙ୍କ!!

ଦେହପୋଡ଼ି ପାଉଁଶ ହେଲା ପରେ ବି'
ନୁହଁ, ହାଡ଼ରେ ହାଡ଼କୁ ଘଷିଲେ
ହାତଟିଏ ଲମ୍ବିଆସି ଛୁଇଁଯାଏ ଭଙ୍ଗା ମନ୍ଦିର,
ମସ୍‌ଜିଦ୍ ଓ ଦଙ୍ଗା ଘଟିଥିବା
ସ୍ଥାନମାନଙ୍କ ଦୁର୍ଗନ୍ଧ।
ରାତିସାରା ସ୍ୱପ୍ନରେ,
ସେଇ ଜଣକର ନିଜ ସହ ଦ୍ୱନ୍ଦ୍ୱ।
ନିଜ ଛୁରୀ, ନିଜର ବକ୍ଷ ଅଥଚ
ରାତିସାରା ସମୁଦ୍ର କେଡ଼େ ଶାନ୍ତ।
ଛାଇ ବି ବିଶ୍ୱାସର ନୁହଁ,
ବାସ୍ ନିଜ ମୁହଁ, ନିଜର ପ୍ରତିବିମ୍ବ।
ତାକୁ ପଚାରିଲେ ସେ କହେ
ତୁ ଯେ ମୋର ପ୍ରାଣଠୁ ଅଧିକ।
ଏଇ ପ୍ରାଣ କ'ଣ ପୁରୁଣା ଲୁଗାରେ
ବାସୁଥିବା କର୍ପୁରର ଗନ୍ଧ!!

ଅଙ୍କଖାତାରେ ଟଣା ହେଇଥିବା
ସରଳରେଖା ପରି, ଅନେକଥର
ଅନେକ କଥାରେ ଗାର ପଡ଼େ,
ଯେମିତି ନଈ-ନଈ, ଅରଣ୍ୟ ମଝିରେ ଗାର।
ଗାରପଡ଼େ ଦର୍ପଣରେ।
ସେଇ ଗୋଟିଏ ମୁହଁରେ
ହଳହଳ ଆଖି, ହଳହଳ ଭୁଲତା ଓ
ଭୁଲତା ମଝିରେ ଇ'
ଗୋଲ୍ ଗୋଲ୍ ଘୁରୁଥାଏ ଗ୍ଲୋବ୍
ତାକୁ ପଚାରିଲେ ସେ କହେ,
ତୁ ଯେତେ ଭାବରେ ପରଖିପାରିବୁ
ପରଖିଦେ ଏ ମାଟି, ଏ ସମୁଦ୍ର।
ହରପ୍‌ପା ରାସ୍ତାରେ
ମାଟିର ଚକ ହୋଇ ଗଡ଼ିଥିବା
ହଳେ ସ୍ୱପ୍ନ ମୁଁ!!
ସେଇ ତୋର ପ୍ରାଚୀନ ଦେଶ ମୁଁ!!

*କ୍ୱାର୍ଟର ନଂ-ବି/୨୧୨୭*
*ନାଲ୍‌କୋ ନଗର, ଅନୁଗୁଳ*

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପରିକ୍ରମା




Bhubaneswar, 20th-26th Mar, 2017
ଭୁବନେଶ୍ୱର, ୨୦-୨୬ ମାର୍ଚ୍ଚ, ୨୦୧୭



## 'କଥା କଳିକା' ସମ୍ମାନ ପାଇଲେ ଦେବ୍ରାଜ

**ଭୁବନେଶ୍ୱର :** ଯେଉଁ ଜାତିର ଭାଷା ଓ ସାହିତ୍ୟ ଯେତିକି ସମୃଦ୍ଧ ସେହି ଜାତି ସେତିକି ସମୃଦ୍ଧ। ଓଡ଼ିଆ ଭାଷା ସାହିତ୍ୟ ଅନ୍ୟ ସମୃଦ୍ଧ ଭାଷା ସାହିତ୍ୟ ତୁଳନାରେ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଛନ୍ତି ବଙ୍ଗଳା ଭାଷା ସାହିତ୍ୟର ଲବ୍ଧପ୍ରତିଷ୍ଠ ଗାଳ୍ପିକା ପଦ୍ମଶ୍ରୀ ନବନୀତା ଦେବସେନ। ମାସିକ ଗଳ୍ପ ପତ୍ରିକା 'କଥା କଳିକା'ର ବାର୍ଷିକ ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ସେ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଔପନ୍ୟାସିକ ଡ.ବିଭୂତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବଙ୍ଗଳା ସାହିତ୍ୟର ଅନ୍ୟତମ ଗାଳ୍ପିକା ଅଞ୍ଜଳି ଦାସ ସୟଦ୍ ଓଡ଼ିଶା ସହିତ ତାଙ୍କ ସମ୍ପର୍କରେ ଅବତାରଣା କରିଥିଲେ। ସମ୍ପାଦକ ଜୟାଶିଷ ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ.ବିଜୟାନନ୍ଦ ସିଂହ କଥା ସାହିତ୍ୟର ମର୍ଯ୍ୟାଦା ବୃଦ୍ଧି ହେଲେ ଆମ ଭାଷା ସାହିତ୍ୟ ସମୃଦ୍ଧ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କଥାକାର ଡ. ରାମଚନ୍ଦ୍ର ବେହେରା କହିଥିଲେ କଥା ସାହିତ୍ୟ ପାଇଁ ବା ଗଳ୍ପଟିଏ ଲେଖିବା ପାଇଁ ଚରିତ୍ର ପରିବେଶରୁ ମିଳିଥାଏ। ସବୁ ଚରିତ୍ର କଥାକାରର ଆଖପାଖରେ ବିଚରଣ କରୁଥାନ୍ତି। ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ଡ଼. ଭାଗ୍ୟଲିପି ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ଦୁର୍ଗାଚରଣ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏସ୍.ଏ କଲିମ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ପୁସ୍ତକ ଉନ୍ମୋଚନ ସହ ବିଶିଷ୍ଟ କଥାକାର ଦେବ୍ରାଜ ଲେଙ୍କାଙ୍କୁ 'କଥାକଳିକା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୧୦ଜଣ କଥାଶିଳ୍ପୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଧ୍ୟାପକ ପଦୋନ୍ନତିରେ ଅନିୟମିତତା ଅଭିଯୋଗ

## ଅଭିଯୋଗକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଖଣ୍ଡନ
## ଏପ୍ରିଲ ୬ ସୁଦ୍ଧା ସବୁ ଜିଲାକୁ ଅନ୍ତର୍ଭୁକ୍ତ କରାଯିବ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ୨୦୧୪ ଅଧ୍ୟାପକଙ୍କ ପଦୋନ୍ନତି ଆଇନ କାର୍ଯ୍ୟକାରିତାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଦୀର୍ଘ ୩ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାତ୍ର ୮ଟି ଜିଲାର କିଛି ଅଧ୍ୟାପକଙ୍କୁ ପଦୋନ୍ନତିର ସୁଯୋଗ ଦିଆଯାଇଥିବାବେଳେ ଅଧିକାଂଶଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ବିଭାଗୀୟ ଅଧିକାରୀଙ୍କ ମେରି ରାୟ ନୀତି ଯୋଗୁଁ ଏଥିରୁ ବଞ୍ଚିତ ହେବାକୁ ପଡ଼ିଛି। ଅନ୍ୟ ୨୨ଟି ଜିଲାର ଅଧ୍ୟାପକମାନଙ୍କୁ କେବେ ପଦୋନ୍ନତି ମିଳିବ ସେଥିନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉ ନାହିଁ। ପଦୋନ୍ନତି ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ ପଦୋନ୍ନତି କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଅଧ୍ୟାପକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଏ ପ୍ରକାର ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଏପ୍ରିଲ ୬ ସୁଦ୍ଧା ରାଜ୍ୟର ସବୁ କଲେଜକୁ ପଦୋନ୍ନତି ନିୟମ ଭିତରକୁ ଅଣାଯିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୪୮୮ ବର୍ଗ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ରାଜ୍ୟ ସରକାରଙ୍କ ବେତନଭୋଗୀ ଅଧ୍ୟାପକଙ୍କ ପଦୋନ୍ନତି ପାଇଁ ୨୦୧୪ ପଦୋନ୍ନତି ନୀତି ପ୍ରଚଳନ ହୋଇଥିଲା। ବାସ୍ତବରେ ୧୭ବର୍ଷ ଅଧ୍ୟାପନା ପରେ ଜଣେ ଗ୍ରୁପ-ଏ ଓ ୨୭ବର୍ଷରେ ପ୍ରାଧ୍ୟାପକ ପଦକୁ ପଦୋନ୍ନତି ପାଇବାକୁ ଏଥିରେ ବ୍ୟବସ୍ଥା ହୋଇଥିଲା। ମାତ୍ର କାଳକ୍ଷେପଣ ନୀତି ଯୋଗୁଁ ଏହା ଠିକଣା ସମୟରେ କାର୍ଯ୍ୟକାରୀ ହୋଇପାରୁନି ବୋଲି ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ଚିଠିରେ କଟକ ଜିଲା ପାଇଁ ଗତ ଡ଼ିସେମ୍ବର ୨୦ତାରିଖକୁ ପଦୋନ୍ନତି ନିମନ୍ତେ ପ୍ରସ୍ତାବ ବିଭାଗୀୟ ଯାଞ୍ଚ କମିଟିକୁ ଦେବା ପାଇଁ ଦିନ ଧାର୍ଯ୍ୟ କରିଥିବାବେଳେ ସେହିଦିନ ହିଁ ଅନ୍ୟ ଏକ ଚିଠିରେ କଟକ ଜିଲାର ୩ଟି କଲେଜର ଅଧ୍ୟାପକଙ୍କୁ ପଦୋନ୍ନତି ଦେବା ପାଇଁ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା କିପରି ସମ୍ଭବ ହେଲା ତାହା ଅନୁସନ୍ଧାନସାପେକ୍ଷ। ଏଥିରେ କିଛି ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି।

ନିର୍ଦ୍ଧାରିତ ତାରିଖ ପୂର୍ବରୁ କଟକ ଜିଲାର ୨ଟି ମହିଳା କଲେଜର ସମସ୍ତ ଅଧ୍ୟାପିକାଙ୍କୁ ପଦୋନ୍ନତି ପାଇଁ ନିର୍ଦ୍ଦେଶାଳୟ ତରଫରୁ ଅନୁମୋଦନ କରାଯାଇଥିବାବେଳେ ସେଇ କଟକ ଜିଲାର ନେମାଳ, କୁଆଁପାଳ, ଏରଞ୍ଚ, ଗୁରୁଡ଼ିଝାଟିଆ ଆଦି କଲେଜଗୁଡ଼ିକୁ ବିଚାରକୁ ନିଆଯାଇ ନାହିଁ। ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିବା ମାତ୍ର ୮ଟି ଜିଲାରେ ଥିବା କଲେଜଗୁଡ଼ିକର କିଛି ହାତଗଣତି ତାଲିକା ପ୍ରକାଶିତ ହୋଇଥିବାବେଳେ କେବଳ ଅନୁଗୋଳ ଜିଲାକୁ ଛାଡ଼ି ବାଦ ପଡ଼ିଥିବା ଅନ୍ୟ ଅଧ୍ୟାପକମାନଙ୍କୁ ଏ ପର୍ଯ୍ୟନ୍ତ ଅନ୍ଧାରରେ ରଖାଯାଇଛି। କେଉଁ କାରଣ ପାଇଁ ଅଧ୍ୟାପକମାନେ ପଦୋନ୍ନତିରୁ ବଞ୍ଚିତ ହେଲେ ତାହା ଦର୍ଶାଇବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ହେଁ ବିଭାଗୀୟ ଅଧିକାରୀ ଏ ପର୍ଯ୍ୟନ୍ତ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ପୁନଶ୍ଚ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା (ସଂଖ୍ୟା ୧୩୧୩)ରେ ପ୍ରକାଶିତ ସ୍ପଷ୍ଟୀକରଣ ସତ୍ତ୍ୱେ ଅନୁମୋଦିତ ନିଯୁକ୍ତି ତାରିଖକୁ ନେଇ ପଦୋନ୍ନତି ସଂକ୍ରାନ୍ତ ନିୟମର ଖୋଲା ଉଲ୍ଲଙ୍ଘନ କରାଯାଉଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ ବହୁ ଅଭିଜ୍ଞ ପଦାଧିକାରୀ ଥିବାବେଳେ ପଦୋନ୍ନତି କାଗଜପତ୍ରର ତନଖି ପାଇଁ ଅନଭିଜ୍ଞ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଏଥିନେଇ ଅଧ୍ୟାପକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାଦ୍ୱାରା ସବୁ ଆବଶ୍ୟକତା ପୂରଣ କରୁଥିବା କିଛି ବରିଷ୍ଠ ଅଧ୍ୟାପକଙ୍କୁ ପଦୋନ୍ନତିରୁ ବଞ୍ଚିତ ହେବାକୁ ପଡୁଛି। ଅନିୟମିତତାର ତଦନ୍ତ କରାଯିବା ସହିତ ପଦୋନ୍ନତି ପ୍ରକ୍ରିୟା ଶୀଘ୍ର ଶେଷ କରିବା ପାଇଁ ଆଶାୟୀ ଅଧ୍ୟାପକମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପଦୋନ୍ନତି ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତାକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଦକ୍ଷପ୍ରସାଦ ନନ୍ଦ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଆସନ୍ତା ଏପ୍ରିଲ ୬ ସୁଦ୍ଧା ସମସ୍ତ କଲେଜକୁ ପଦୋନ୍ନତି ପ୍ରକ୍ରିୟା ଭିତରେ ଅନ୍ତର୍ଭୁକ୍ତ କରାଯିବ। ପଦୋନ୍ନତି ସମୟରେ ଅଭିଜ୍ଞତା, କାର୍ଯ୍ୟଦକ୍ଷତାକୁ ଅଗ୍ରାଧିକାର ଦିଆଯାଉଛି। କୌଣସି କ୍ଷେତ୍ରରେ କିଛି ଅନିୟମିତତା ଦୃଷ୍ଟିକୁ ଆସିଲେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

# ଆଇଓସିଏଲ୍ ଆଶ୍ୱସ୍ତ

**କଟକ :** ଇଣ୍ଡିଆନ ଅଏଲ୍ କର୍ପୋରେସନ୍ (ଆଇଓସିଏଲ୍) ସହ ରାଜ୍ୟ ସରକାର କରିଥିବା ଏମ୍‌ଓୟୁ ଚୁକ୍ତି ପ୍ରତ୍ୟାହାର ପରେ ଏବେ ଘଟଣାଟି ପୁଣି ନୂଆ ମୋଡ଼ ନେଇଛି। ରାଜନୈତିକ ବାଦ ବିବାଦକୁ ନେଇ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଥିବା ବେଳେ ହଠାତ ଗୁରୁବାର ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଆଇଓସିଏଲ୍ ହାଇକୋର୍ଟରେ ପହଞ୍ଚିବା ପ୍ରସଙ୍ଗକୁ ଆହୁରି ସରଗରମ କରିଛି। ରାଜ୍ୟ ସରକାର ଦାବି କରିଥିବା ପନ୍ଦରଶହ କୋଟି ଟଙ୍କା ଟିକସ ଆଇଓସିଏଲ୍ ଦାଖଲ କରିବା ଅଯୌକ୍ତିକ ବୋଲି ହାଇକୋର୍ଟରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୨ରେ ଓଡ଼ିଶା ସରକାର ଆଇଓସିଏଲ୍ ସହ କରିଥିବା ଚୁକ୍ତି ପ୍ରତ୍ୟାହାର କରି ୨୭ ତାରିଖରେ ୧୪୮୫ କୋଟି ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତି ଇନ୍ଦ୍ରଜିତ୍ ମହାନ୍ତି ଓ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇଓସିଏଲ୍ ପକ୍ଷରୁ ଦାଖଲ କରାଯାଇଥିବା ରିଟ୍ ପିଟିସନ୍‌ର ଶୁଣାଣି କରି ରାଜ୍ୟ ସରକାର ବାଣିଜ୍ୟକର ଓ ଭାଟ୍ ବାବଦକୁ ପନ୍ଦରଶହ କୋଟି ଟଙ୍କା ଦାଖଲ କରିବା ସକାଶେ ଆଇଓସିଏଲ୍‌କୁ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ତା'ଛଡ଼ା ତିନି ମାସ ମଧ୍ୟରେ ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ୱାର୍କିଂ ଗ୍ରୁପ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ୱାର୍କିଂ ଗ୍ରୁପ୍ କମିଟି ଯେଉଁ ନିଷ୍ପତ୍ତି ଗ୍ରହଣ କରିବେ ତାହା ତୁରନ୍ତ ଖଣ୍ଡପୀଠଙ୍କୁ ଅବଗତ କରିବାକୁ ଆଦେଶନାମାରେ ସ୍ପଷ୍ଟ କରାଯାଇଛି। ପ୍ରକାଶ ଯେ, ପାରାଦ୍ୱୀପରେ ଥିବା ତୈଳ ବିଶୋଧନାଗାର ପ୍ରତିଷ୍ଠା ନେଇ ୨୦୦୪ରେ ରାଜ୍ୟ ସରକାର ସେହି ସେହିବର୍ଷ ଫେବୃଆରୀ ୧୬ରେ ଆଇଓସିଏଲ୍ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏଥିରେ ଆଇଓସିଏଲ୍‌କୁ କେତେକ ରିହାତି ପ୍ରଦାନ କରାଯାଇଥିଲା। ବିଶେଷକରି ଏମ୍‌ଓୟୁର କ୍ଲଜ୍-୧ ଓ କ୍ଲଜ୍-୨ରେ ସେଲ୍ ଟିକସ ଏବଂ ଭାଟ୍ କମ୍ପାନୀ ଦେବନାହିଁ; ଯାହା ସୁଧମୁକ୍ତ ଋଣ ଆକାରରେ ଧରାଯିବ ଏବଂ ଏହି ରିଆତି ୨୦୧୫ ନଭେମ୍ବର ୨୨ କମ୍ପାନୀ ତାର ଉତ୍ପାଦନ ଆରମ୍ଭ କରିବାଠାରୁ ୧୧ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଉଲ୍ଲେଖ କରାଯାଇଥିଲା। ତେବେ ରାଜ୍ୟ ସରକାର ଏହାର ଅବମାନନା କରି ପ୍ରଥମେ ସରକାର ଏକ ନୋଟିସ୍ ଦେଇ ୨୦୧୫ ଡିସେମ୍ବରରୁ ୨୦୧୬ ଡିସେମ୍ବର

## ୧୪୮୫ କୋଟି ଆଦାୟରେ ସ୍ଥଗିତାଦେଶ

ମଧ୍ୟରେ ଏକ ପ୍ରତିଶତ ହିସାବରେ ଭାଟ୍ ଦେୟ ଦାଖଲ କରିବାକୁ ନୋଟିସ୍ ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ପନ୍ଦରଶହ କୋଟି ଟଙ୍କା ଏ ବାବଦକୁ ଦାଖଲ କରିବାକୁ ନୋଟିସ୍ ଦିଆଯାଇଥିଲା। ଏହି ନୋଟିସ୍ ପାଇବା ପରେ ଆଇଓସିଏଲ୍ ଅଧ୍ୟକ୍ଷ ପ୍ରଥମେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ ଏବଂ ଗଠନ କରାଯାଇଥିବା ୱାର୍କିଂ ଗ୍ରୁପ୍ କମିଟି ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସରକାର ପଦକ୍ଷେପ ନ ନିଅନ୍ତୁ ବୋଲି ନିବେଦନ କରାଯାଇଥିଲା। କିନ୍ତୁ ସରକାର କର୍ଣ୍ଣପାତ ନ କରିବାରୁ ଆଇଓସିଏଲ୍ ପନ୍ଦର ଶହ କୋଟି ଟଙ୍କା ଦେୟରୁ ମୁକୁଳିବାକୁ ବାଧ୍ୟହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆଇଓସିଏଲ୍ ପକ୍ଷରୁ ଆଇନଜୀବୀ ସଞ୍ଜିତ ମହାନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ଏସ.ପି. ମିଶ୍ର ଓ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ଡି.ଏନ୍ ଲେଙ୍କା ମାମଲା ପରିଚାଳନା କରୁଛନ୍ତି।

# ଆତଙ୍କବାଦୀଙ୍କ କବଳରେ ନିଖୋଜ ପର୍ଯ୍ୟଟକ

**ଭୁବନେଶ୍ୱର :** ସାଉଦିଆରବକୁ ଯାଇଥିବା ୨୭ ଜଣ ପର୍ଯ୍ୟଟକଙ୍କ ସମ୍ପର୍କରେ ଗତ କିଛି ଦିନ ହେବ କୌଣସି ସୂଚନା ମିଳୁ ନ ଥିବାରୁ ଏନେଇ ଏବେ ଓଡ଼ିଶା ଗୁଇନ୍ଦା ବିଭାଗଠାରୁ, କ୍ରାଇମବ୍ରାଞ୍ଚ ଏବଂ ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ତେବେ ଏହି ଘଟଣାକୁ ନେଇ ଖୋଳତାଡ ହେବା ସମୟରେ ନିଖୋଜ ହୋଇଯାଇଥିବା ପର୍ଯ୍ୟଟକମାନେ ଓଡ଼ିଶା ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ପାସପୋର୍ଟ ପାଇବା ପରେ ସାଉଦିଆରବକୁ ଯାଇଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ପରବର୍ତ୍ତୀ ସମୟରେ ସେମାନେ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ଏହି ପର୍ଯ୍ୟଟକମାନେ ମୁମ୍ବାଇଭିତିକ ଏକ ଟ୍ରାଭେଲ୍ସ ଏଜେନ୍ସି ମାଧ୍ୟମରେ ୪୫ ଦିନିଆ ଟୁରିଷ୍ଟ ଭିସାରେ ସାଉଦି ଯାଇଥିଲେ। ତେବେ ସେଠାରେ ପହଞ୍ଚିବାର ୩ ଦିନ ପରେ ସେମାନଙ୍କ ସହିତ ଆଉ କୌଣସି ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ଏନେଇ ଟ୍ରାଭେଲସ୍ ଏଜେନ୍ସି ପକ୍ଷରୁ ସନ୍ଦେହରେ ସେମାନଙ୍କ ବିଷୟରେ ମହାରାଷ୍ଟ୍ର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍‌କୁ ସୂଚନା ଦିଆଯାଇଥିଲା। ତେବେ ଏନେଇ ମୁମ୍ବାଇ ଏଟିଏସ୍ ଓଡ଼ିଶାର ଗୁଇନ୍ଦା ବିଭାଗ ଓ କ୍ରାଇମବ୍ରାଞ୍ଚ ସହିତ ଯୋଗାଯୋଗ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ସେମାନେ ପଶ୍ଚିମବଙ୍ଗରୁ ଯାଇଥିବା ଜଣାପଡିଥିଲା। ଗଣମାଧ୍ୟମରେ ଏନେଇ ଚର୍ଚ୍ଚା ହେବା ପରେ ଓଡ଼ିଶା ପୁଲିସ ଏନେଇ ଖୋଳତାଡ କରିବା ପରେ ସେମାନେ ପଶ୍ଚିମବଙ୍ଗ ବାସିନ୍ଦା ବୋଲି ଜଣାପଡିଛି। ସେହିପରି ଏନେଇ ପୁଲିସ ମହାନିର୍ଦ୍ଦେଶକ କେ ବି ସିଂହଙ୍କୁ ପଚାରିବାରୁ ସେ କହିଥିଲେ, ପର୍ଯ୍ୟଟକମାନେ ପଶ୍ଚିମବଙ୍ଗର। ସେମାନେ କଲକାତାରୁ ପାସ୍‌ପୋର୍ଟ ନେଇଛନ୍ତି। ଓଡ଼ିଶା ସହିତ ସମ୍ପର୍କ ନାହିଁ। ସେହିପରି ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଦିଗ୍‌ବିଜୟ ଗିରିଙ୍କ ସୂଚନା ଅନୁସାରେ ସେମାନଙ୍କ ପାସ୍‌ପୋର୍ଟ ନେଇ ସରକାରୀ ଭାବେ ଓଡ଼ିଶା ପୁଲିସ ପକ୍ଷରୁ କୌଣସି ଯୋଗାଯୋଗ କରାଯାଇନାହିଁ। ସ୍ଥାନୀୟ ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଅନେକ ଥର ଅଣହିନ୍ଦୁ ଓ ବିଦେଶୀ ଯୁବକମାନେ ଜାଲ୍ ପରିଚୟପତ୍ର ଦେଇ ପାସ୍‌ପୋର୍ଟ ନେବାକୁ ଉଦ୍ୟମ କରିବା ବେଳେ ଧରାପଡିଛନ୍ତି। ତନ୍ମଧ୍ୟରୁ କେତେକ ବାଂଲାଦେଶୀ ଥିଲେ। ଗତବର୍ଷ ଜାନୁଆରୀ ମାସରେ ମହମ୍ମଦ ବସିର ନାମକ ଜଣେ ବାଂଲାଦେଶୀ ଧରାପଡିଥିଲା। ତା'ର ବୟାନକୁ ଆଧାର କରି କମିଶନରେଟ୍ ପୁଲିସ ଯାଜପୁର ଜିଲାରୁ ୭ ଜଣ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ବସିରଠାରୁ ଯାଜପୁର ଜିଲାର ଏକ ସ୍କୁଲରେ ପଢୁଥିବାର ପ୍ରମାଣପତ୍ର ଓ ଭୋଟ ପରିଚୟପତ୍ର ପୁଲିସ ଜବତ କରିଥିଲା।

# ଫେଲ୍ ମାରିଛି ବନୀକରଣ; କମୁଛି ଜଙ୍ଗଲ



**ଭୁବନେଶ୍ୱର :** ରାଜ୍ୟରେ ଜଙ୍ଗଲ କମୁଛି। ହଜାର ହଜାର ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ପାଇଁ ଦିଆଯାଉଛି। ହେଲେ ଜଙ୍ଗଲ ସୃଷ୍ଟି କରିପାରୁନି ବନ ବିଭାଗ। ବନୀକରଣରେ ଫେଲ୍ ମାରିଛି। ବିଭାଗୀୟ ଷ୍ଟାଣ୍ଡିଂ କମିଟି ଆଗରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ଜଙ୍ଗଲରୁ ଗଛ କଟା ଘଟଣା ଏବର୍ଷ ବଢ଼ିଥିବା ବେଳେ ବନୀକରଣ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିନାହାନ୍ତି ସରକାର। ମିଳିଥିବା ତଥ୍ୟ ମୁତାବକ ୨୦୧୫-୧୬ରେ ୬୬ ହଜାର ୨୨୫ଟି କାଠ ଚୋରୀ ମାମଲା ରୁଜୁ ହୋଇଛି। ଏଥିରେ ୫୬ ହଜାର ୯୭୮ ଜଣ ଅଭିଯୁକ୍ତ ସମ୍ପୃକ୍ତ ରହିଛନ୍ତି। ୨୦୧୪-୧୫ରେ ୫୯ ହଜାର ୯୨୦ଟି କାଠ ଚୋରୀ ଘଟଣା ହୋଇଥିଲା ଓ ୫୪ ହଜାର ୨୮୦ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିଲେ। ଜଙ୍ଗଲରୁ ପ୍ରତିବର୍ଷ କାଠ ଚୋରୀ ବଢୁଥିବା ବନ ବିଭାଗ ମାନୁଛି। ଜଙ୍ଗଲ ମାଫିଆମାନେ କାଟି ପଦା କରୁଥିବା ବେଳେ ଅନେକ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟ ପାଇଁ ଦିଆଯାଇଛି। ୨୦୧୬ରେ ବିଭିନ୍ନ ପ୍ରକଳ୍ପ ପାଇଁ ସରକାର ୨୦୧୬ ଅକ୍ଟୋବର ସୁଦ୍ଧା ୪୭୮୮୧.୦୫ ହେକ୍ଟର ଜଙ୍ଗଲକୁ ଅଣଜଙ୍ଗଲ ଜମିରେ ରୂପାନ୍ତରିତ କରିଛନ୍ତି। ସେଥିମଧ୍ୟରୁ ୧୬୫ଟି ଖଣି ପାଇଁ ସର୍ବାଧିକ ୨୨ ହଜାର ୨୪ ହେକ୍ଟର, ୮୪ଟି ଜଳସେଚନ ପାଇଁ ୯୭୬୭.୪୬ ହେକ୍ଟର, ୨୬ଟି ଶିଳ୍ପ ପାଇଁ ୪୨୭୩.୯୫ ହେକ୍ଟର, ୪ଟି ଡିଫେନ୍ସ ପ୍ରକଳ୍ପ ପାଇଁ ୩୮୬୫.୨୫ ହେକ୍ଟର ଜଙ୍ଗଲ ଜମି ରହିଛି। ମାଫିଆମାନେ ଜଙ୍ଗଲ କାଟୁଥିବା ବେଳେ ବିଭିନ୍ନ ପ୍ରକଳ୍ପ ବାବଦରେ ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ପାଇଁ ଟେକି ଦିଆଯାଉଛି। ହେଲେ ସେହି ଅନୁଯାୟୀ ରାଜ୍ୟରେ ଜଙ୍ଗଲ ସୃଷ୍ଟି ହୋଇପାରୁନାହିଁ, ଯାହା ସରକାରଙ୍କ ରିପୋର୍ଟରୁ ଜଣାପଡିଛି। ୨୦୧୬-୧୭ରେ ମୋଟ ୪ଲକ୍ଷ ୩୭ ହଜାର ୪୯୬ ହେକ୍ଟର ଜମିରେ ବନୀକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ନଭେମ୍ବର ୩୦ ତାରିଖ ସୁଦ୍ଧା ସେଥିରୁ ମାତ୍ର ୧ଲକ୍ଷ ୯୭ ହଜାର ୮୬୭ ହେକ୍ଟର ଅଞ୍ଚଳରେ ବନୀକରଣ ହୋଇପାରିଥିଲା।

# ଦୁର୍ଘଟଣାରେ ସାମ୍ବାଦିକ ଆହତ

**ଭୁବନେଶ୍ୱର :** ସଚିବାଳୟ ସାମ୍ନା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ପୋଲିସର କଡା ନଜର ରହିଥିଲେ ହେଁ ଏଠାରେ ନିୟମିତ ଛୋଟବଡ ଦୁର୍ଘଟଣା ଘଟି ବହୁ ଲୋକ ଆହତ ହେଉଛନ୍ତି। ବିଗତ ଦିନରେ ଏହି ପରି ଦୁର୍ଘଟଣା ବହୁ ବାର ଘଟିଥିବା ନଜିର ରହିଛି। ଏହି କ୍ରମରେ ଶୁକ୍ରବାର ଦୁର୍ଘଟଣାରେ ଏଠାରେ ଜଣେ ବରିଷ୍ଠ ସାମ୍ବାଦିକ ଦୁର୍ଘଟଣାର ହୋଇ ଆହତ ହୋଇଛନ୍ତି। ଆହତ ବରିଷ୍ଠ ସାମ୍ବାଦିକଙ୍କ ନାମ ପ୍ରଦ୍ୟୁମ୍ନ ମହାନ୍ତି। ଶ୍ରୀ ମହାନ୍ତି ମଧ୍ୟାହ୍ନ ସମୟରେ ସଚିବାଳୟରୁ କାର୍ଯ୍ୟସାରି ଓଆର୦୨ଏଟି ୭୩୪୪ ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ସଚିବାଳୟର ଅଭ୍ୟର୍ଥନା ଫାଟକ ସାମ୍ନା ରାସ୍ତାରେ ଏଜି ଛକରୁ ଆସୁଥିବା ଓଆର୦୨ଏଏ ୭୩୪୯ ନମ୍ବର ବିଶିଷ୍ଟ ଏକ ଅଟୋ ରିକ୍ସା ଦୃତ ଗତିରେ ଆସି ଉକ୍ତ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଯାତ୍ରା କରୁଥିବା ବରିଷ୍ଠ ସାମ୍ବାଦିକ ଶ୍ରୀ ମହାନ୍ତି ଆହତ ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟେଲ ହସ୍ପିଟାଲକୁ ପଠାଯାଇଥିଲା।



ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ କଟକ ହରିଣ ପାର୍କର ହରିଣମାନେ ଛାଇରେ ଏକାଠି ହୋଇଛନ୍ତି।

## ହୋଟେଲ ପ୍ରତିଷ୍ଠା ପାଇଁ ମିଳିଛି ୧୧୪ ଆବେଦନ

**ଭୁବନେଶ୍ୱର :** ୨୦୦୧ରୁ ଏପ୍ରିଲ ୨୦୧୩ ମସିହା ପର୍ଯ୍ୟନ୍ତ ରାଜ୍ୟରେ ତାରକା ବର୍ଗର ହୋଟେଲ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଥିବା କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ପର୍ଯ୍ୟନ ବିଭାଗ ପକ୍ଷରୁ କୌଣସି ଜମି ଯୋଗାଇ ଦିଆଯାଇ ନାହିଁ। ହୋଟେଲ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ଜମି, ସାଧାରଣ ପ୍ରଶାସନ ବିଭାଗ, ଜିଲ୍ଲାପାଳ ଏବଂ ଇଡ୍‌କୋ ଦ୍ୱାରା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା। ପର୍ଯ୍ୟଟନ ବିଭାଗ ପକ୍ଷରୁ କେତେଜଣଙ୍କୁ ହୋଟେଲ ପାଇଁ ଜମି ଯୋଗାଇ ଦିଆଯାଇଛି ବୋଲି ବିଧାୟକ ନବକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ପର୍ଯ୍ୟଟନ ବିଭାଗ ତରଫରୁ ହୋଟେଲ ଓ ପର୍ଯ୍ୟଟନ ସଂକ୍ରାନ୍ତ ଅନ୍ୟାନ୍ୟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଉପଯୁକ୍ତ ଜମି ଚିହ୍ନଟ କରାଯାଇ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯାଇଛି। ଅଦ୍ୟାବଧି କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୋଟ ୧୧୪ଟି ଆବେଦନପତ୍ର ହୋଟେଲ ପ୍ରତିଷ୍ଠା ନିମନ୍ତେ ଗ୍ରହଣ କରାଯାଇଛି।

## ୮ ଜିଲ୍ଲାକୁ ମିଳୁନି ସରକାରୀ ବସ୍ ସେବା



**ଭୁବନେଶ୍ୱର :** ରାଜ୍ୟର ୩୦ ଜିଲ୍ଲାରେ ପରିବହନ ବ୍ୟବସ୍ଥା ନାହିଁ। ରାଜ୍ୟରେ ୫୮୩ ଖଣ୍ଡ ସରକାରୀ ବସ୍ ଚଳପ୍ରଚଳ କରୁଥିଲେ ମଧ୍ୟ ୮ଟି ଜିଲ୍ଲାରେ ଖଣ୍ଡିଏ ହେଲେ ସରକାରୀ ବସ୍ ନଥିବାରୁ ପରିବହନ ସେବା ମିଳୁନାହିଁ। ଆଉ ୪ଟି ଜିଲ୍ଲାରେ ମାତ୍ର ଖଣ୍ଡିଏ ସରକାରୀ ବସ୍ ଯାତାୟାତ କରୁଥିବା ବେଳେ ୫ଟି ଜିଲ୍ଲାରେ ୨ଖଣ୍ଡ ସରକାରୀ ବସ୍ ଚଳପ୍ରଚଳ କରୁଛି। ବିଭାଗୀୟ ବିଧାନସଭା ଷ୍ଟାଣ୍ଡିଂ କମିଟି ଆଗରେ ଏହି ତଥ୍ୟ ରଖିଛନ୍ତି ରାଜ୍ୟ ସରକାର। ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ୩୦ଟି ଜିଲ୍ଲାରେ ସରକାରଙ୍କ ପରିବହନ ବ୍ୟବସ୍ଥା ନାହିଁ। ଅନୁଗୁଳ, ବରଗଡ଼, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଯାଜପୁର ଓ ପୁରୀ ଭଳି ୮ଟି ଜିଲ୍ଲାରେ ଖଣ୍ଡିଏ ହେଲେ ସରକାରୀ ବସ୍ ନାହିଁ। ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡା ଭଳି ୪ଟି ଜିଲ୍ଲାରେ ଖଣ୍ଡିଏ ଲେଖାଏ ସରକାରୀ ବସ୍ ରହିଛି। ସର୍ବାଧିକ କୋରାପୁଟ ଜିଲ୍ଲାରେ ୧୫୦ ଖଣ୍ଡ ସରକାରୀ ବସ୍ ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ୭୫ ଖଣ୍ଡ, ରାୟଗଡ଼ାରେ ୬୪ ଖଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ୫୮ ଖଣ୍ଡ, କନ୍ଧମାଳରେ ୫୭ ଖଣ୍ଡ, ଗଜପତିରେ ୪୭, ନବରଙ୍ଗପୁରରେ ୨୬, କଳାହାଣ୍ଡିରେ ୨୫ ଖଣ୍ଡ ସରକାରୀ ବସ୍ ଚଳପ୍ରଚଳ କରୁଛି। ବିଭାଗୀୟ ଷ୍ଟାଣ୍ଡିଂ କମିଟି ନୂଆ ବସ୍ କିଣିବା ପାଇଁ ସୁପାରିଶ କରିଛନ୍ତି। ଅନ୍ୟୁନ୍ ୭୫ ଖଣ୍ଡ ବସ୍ କିଣିବାକୁ ସରକାର ୩୩ କୋଟିର ବ୍ୟୟ ବରାଦ କରିବାକୁ ଦର୍ଶାଯାଇଛି। ଯେଉଁଠି ବସ୍ ନାହିଁ ବା ଯେଉଁଠି ବସ୍ ଗୁଡିକ ଦଦରା ହୋଇଯାଇଛି, ସେଠାରେ ବସ୍ ସେବା କରିବାକୁ ଏହି ବସ୍ କିଣିବା ପାଇଁ ସୁପାରିଶ କରାଯାଇଛି। ଇତିମଧ୍ୟରେ ସରକାର ୧୦୫ ଖଣ୍ଡ ବସ୍ କିଣି ରାଜ୍ୟସାରା ବସ୍ ସେବା ଚଳାଇବାକୁ ଯୋଜନା କରିଥିବା ମଧ୍ୟ ଜଣାପଡିଛି।

## ରାଜା ନିରାଶ

**ଭୁବନେଶ୍ୱର :** ଜୁଡୋ କୋଚ୍ ବିରଞ୍ଚି ଦାସଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ରାଜା ଓରଫ୍ ସନ୍ଦୀପ ଆଚାର୍ଯ୍ୟଙ୍କୁ ଗତ ୧୦ ତାରିଖରେ ସୁପ୍ରିମ୍‌କୋର୍ଟରୁ ଜାମିନ୍ ମିଳିବା ପରେ ଗତ ମଙ୍ଗଳବାର ସ୍ଥାନୀୟ ଜିଲ୍ଲା ଦୌରାଜଜ୍ ତାଙ୍କୁ ସର୍ତ୍ତମୂଳକ ଭାବେ ଜାମିନ୍ ପ୍ରଦାନ କରିଥିଲେ। ହେଲେ ବୁଧବାର ତାଙ୍କ ବିରୋଧରେ ଥିବା ଅନ୍ୟଏକ ୧୦ଲକ୍ଷ ଦାଦାବଟି ଲାଗି ଧମକଚମକ ଦେବା ମାମଲାରେ ତାଙ୍କ ଜାମିନ୍‌କୁ ଅତିରିକ୍ତ ଦୌରାଜଜ୍ ଦାମୋଦର ରଥ ଖାରଜ କରି ଦେଇଛନ୍ତି। ବୁଧବାର ଏହି ମାମଲାରେ ତାଙ୍କ ପକ୍ଷରୁ ଜାମିନ୍ ପାଇଁ ଆବେଦନ କରାଯାଇଥିଲା। ରାଜାଙ୍କ ଓକିଲ ତାଙ୍କ ଯୁକ୍ତିରେ ଦର୍ଶାଇଥିଲେ ଯେ ଧର୍ତ୍ତବ୍ୟ ଅପରାଧରେ ଯେହେତୁ ସୁପ୍ରିମ୍‌କୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି ତେଣୁ ତାଙ୍କୁ ଏହି ମାମଲାରୁ ଜାମିନ୍ ପ୍ରଦାନ କରାଯାଉ। ହେଲେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଡ.ସୁରେଶ ଚନ୍ଦ୍ର ବାରିକ ତାଙ୍କ ଯୁକ୍ତିରେ କହିଥିଲେ ରାଜା ଜଣେ ଅଭ୍ୟାସଗତ ଅପରାଧୀ। ସେ ଜେଲରେ ଥାଇ ତାଙ୍କର ସହଯୋଗୀଙ୍କ ମାଧ୍ୟମରେ ୨୦୧୦ରେ ଏପ୍ରିଲ ୧୦ ତାରିଖରେ ଦାଦାବଟି ପାଇଁ ଗାଡି ସୋ'ରୁମ୍‌ର ମାଲିକଙ୍କୁ ଧମକଚମକ ଦେଉଛନ୍ତି। ତେଣୁ ତାଙ୍କୁ ଜାମିନ୍‌ରେ ଛଡା ଗଲେ ଏହି ମାମଲାର ସାକ୍ଷୀଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ତେଣୁ ତାଙ୍କୁ ଜାମିନ୍ ପ୍ରଦାନ କରା ନ ଯାଉ। ହେଲେ ଗତ ଶୁକ୍ରବାର ଗୀତିକାର ଅରୁଣ ମନ୍ତ୍ରୀଙ୍କ ଘଟଣାରେ ରାଜାଙ୍କୁ ଜାମିନ ମିଳିଛି।

# ପ୍ରତି ଥାନାରେ ରହୁ ବରିଷ୍ଠ ନାଗରିକଙ୍କ ପାଇଁ ଡେସ୍କ

## ଗୃହ ବିଭାଗ ସ୍ଥାୟୀ କମିଟିର ସୁପାରିସ
## ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁରରେ ସାଇବର ଥାନା
## ଗୃହରକ୍ଷୀଙ୍କ ସଂଖ୍ୟା ୨୫ ହଜାରକୁ ବୃଦ୍ଧି

**ଭୁବନେଶ୍ୱର :** ସହରାଞ୍ଚଳର ଅଭିବୃଦ୍ଧି ସହିତ ଅପରାଧ ହାର ବଢୁଛି ଏବଂ ସହରାଞ୍ଚଳ ପୋଲିସ ଉପରେ କାମର ଚାପ ବଢ଼ିଛି। ଅପରାଧ ସମ୍ଭାଳିବା, ନାଗରିକଙ୍କ ସୁରକ୍ଷା ପାଇଁ ଏବେ ସହରାଞ୍ଚଳରେ ଆବଶ୍ୟକ ପୋଲିସ କର୍ମଚାରୀ ନାହାନ୍ତି। ଏହି ପରିପ୍ରେକ୍ଷୀରେ ସହରାଞ୍ଚଳ ପୋଲିସ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ବିଭିନ୍ନ ପାହ୍ୟାରେ ୨୧୯୫ ପଦ ସୃଷ୍ଟି କରାଯାଉ ବୋଲି ସରକାରଙ୍କୁ ଗୃହ ବିଭାଗ ସ୍ଥାୟୀ କମିଟି ସୁପାରିସ କରିଛି। ଏଥିସହିତ ଅଗ୍ରାଧିକାର ଭିତ୍ତିରେ ଖାଲିପଡିଥିବା ୬୮୯ ପୋଲିସ ଏସ୍‌ଆଇ ପଦ ପୂରଣ, ଟ୍ରାଫିକ ସମସ୍ୟା ବଢୁଥିବାରୁ ପ୍ରତି ଜିଲ୍ଲାରେ ପୃଥକ ଟ୍ରାଫିକ ଥାନା ଖୋଲିବା, ବିଭିନ୍ନ ପାହ୍ୟାରେ ୨୦୦ ପଦ ସୃଷ୍ଟି କରାଯିବା ନିମନ୍ତେ ଆବଶ୍ୟକତା ରହିଛି। ଏବେ କେବଳ ଭୁବନେଶ୍ୱରରେ ସାଇବର ପୋଲିସ ଥାନା ଥିବା ବେଳେ ସାଇବର ଅପରାଧ ହାର ବଢୁଥିବା ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁରରେ ସାଇବର ଥାନା ଖୋଲାଯିବା ନିମନ୍ତେ କମିଟି ସୁପାରିସ କରିଛି। ମଙ୍ଗଳବାର ବିଧାନସଭାରେ ବିଭିନ୍ନ ବିଭାଗର ସ୍ଥାୟୀ କମିଟି ରିପୋର୍ଟ ଉପସ୍ଥାପିତ ହୋଇଛି। ବିଧାୟକ ଡ.ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ ବିଭାଗ ସ୍ଥାୟୀ କମିଟି ଏହାର ରିପୋର୍ଟ ଉପସ୍ଥାପନ କରିଛି। ଉକ୍ତ ରିପୋର୍ଟରେ ପୋଲିସ କର୍ମଚାରୀଙ୍କୁ ଗୃହ ଯୋଗାଣ ନିମନ୍ତେ ପାଞ୍ଚବର୍ଷରେ ୫୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା, ମହିଳାଙ୍କ ବିରୋଧରେ ହିଂସା ବଢୁଥିବାରୁ ସବୁ ପୋଲିସ ଜିଲ୍ଲାରେ ଅନୁସନ୍ଧାନ ୟୁନିଟ୍ ଖୋଲିବା, ସବୁ ଥାନାରେ ଶୌଚାଳୟ ଓ ମହିଳାଙ୍କ ପାଇଁ ପୃଥକ ପାଇଖାନା, ଅର୍ଥନୈତିକ ଅପରାଧ ମାମଲା ତଦନ୍ତ ପାଇଁ ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ଜୟପୁରରେ ଅର୍ଥନୈତିକ ଅପରାଧ ଶାଖା ଖୋଲିବା, ଚିଟ୍‌ଫଣ୍ଡ ବ୍ୟତୀତ ଜମି ଦୁର୍ନୀତି, ସୂଚନା ଅଧିକାର ଜରିଆରେ ଠକିବା ଆଦି ମାମଲା ଏହାର ପରିସରକୁ ଅଣାଯିବା ନିମନ୍ତେ କମିଟି ରିପୋର୍ଟ ଦେଇଛି। ପୀଡିତାଙ୍କୁ ଅନୁସନ୍ଧାନ କାଳରେ କ୍ଷତିପୂରଣ ପ୍ରଦାନ, ସବୁ ଜିଲ୍ଲାକୁ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ ଯୋଜନା ସମ୍ପ୍ରସାରଣ, ଇ-ଫାଇଲିଂ ଓ ଅନ୍‌ଲାଇନ ଡାଏରି ବ୍ୟବସ୍ଥା ତ୍ୱରାନ୍ୱିତ କରିବା, ପୋଲିସ ଜବତ କରୁଥିବା ସମ୍ପତ୍ତି ପ୍ରତି ଥାନା ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା, ସାମୁଦ୍ରିକ ଥାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ କମିଟି ସୁପାରିସ କରିଛି। ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ପୋଲିସ କମିଶନରେଟ୍ ପ୍ରତିଷ୍ଠା ପାଇଁ ନକ୍ସା ପ୍ରସ୍ତୁତି, ବିଜ୍ଞପ୍ତି ପ୍ରକାଶ ଓ ଭିତ୍ତିଭୂମି ବିକାଶ, ମହିଳା, ବରିଷ୍ଠ ନାଗରିକ ଓ ଶିଶୁଙ୍କ ଭଳି ଦୁର୍ବଳ ବର୍ଗର ମାମଲା ପରିଚାଳନା ନିମନ୍ତେ ଏସଆଇରୁ ତଦୁର୍ଦ୍ଧ୍ୱ ପାତ୍ରର ଅଧିକାରୀଙ୍କୁ କିଶୋର ନ୍ୟାୟ ବ୍ୟବସ୍ଥା, ଫୌଜଦାରୀ ଆଇନ ସଂଶୋଧନ ବିଷୟରେ ଉପଯୁକ୍ତ ତାଲିମ ପ୍ରଦାନ, ସବୁ ଥାନାରେ ବରିଷ୍ଠ ନାଗରିକଙ୍କ ଲାଗି ଡେସ୍କ ଖୋଲିବା ନିମନ୍ତେ ସୁପାରିସ କରାଯାଇଛି। କମିଟି ରିପୋର୍ଟରେ ଦର୍ଶାଯାଇଛି ଯେ, ସରକାରଙ୍କ ପକ୍ଷରୁ ୩୩୫ଟି ଦମକଳ କେନ୍ଦ୍ରକୁ ମଞ୍ଜୁରି ମିଳିଥିବା ବେଳେ ସେଥିରୁ ୩୧୩ଟି ଖୋଲିଛି। କିନ୍ତୁ ସଂଯୋଗୀକରଣ ରାସ୍ତା ନଥିବାରୁ ୪୦ଟି ଦମକଳ କେନ୍ଦ୍ର ସେବା ଯୋଗାଇପାରୁନି। ଏଥିପାଇଁ ବଜେଟ୍‌ରେ ଅର୍ଥ ବରାଦ କରାଯାଉ। ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ଅନ୍ୟ ସହରରେ ବଡ ବଡ କୋଠାରେ ନିଆଁ ଲିଭାଇବା ନିମନ୍ତେ ହାଇଡ୍ରଲିକ ପ୍ଲାଟଫର୍ମ ବ୍ୟବସ୍ଥା ସମ୍ପ୍ରସାରଣ ସହ ଆଇନ୍‌ଶୃଙ୍ଖଳା ନିୟନ୍ତ୍ରଣରେ ପୋଲିସକୁ ସହାୟତା ଦେଉଥିବାରୁ ରାଜ୍ୟରେ ଗୃହରକ୍ଷୀଙ୍କ ସଂଖ୍ୟା ୨୫ ହଜାରକୁ ବୃଦ୍ଧି କରାଯାଉ। କାରାଗାରରେ ୧୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଜା କାଟୁଥିବା ଆଜୀବନ ବନ୍ଦୀଙ୍କୁ ମୁକ୍ତ କରାଯିବା ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ବିଷୟରେ ବିଚାର କରାଯିବା ନିମନ୍ତେ କମିଟି ସୁପାରିସ କରିଛି। ଏଥିସହିତ ଭୁବନେଶ୍ୱର ଜାମୁଝରୀ ମୁକ୍ତାକାଶ ଜେଲ ଭଳି ସମ୍ବଲପୁର, ଗଞ୍ଜାମର ଦିଗପହଣ୍ଡିରେ ମୁକ୍ତାକାଶ ଜେଲ୍ ଖୋଲିବା, ଜିଲ୍ଲାପାଳ ଓ ଏସ୍‌ପି ସେମାନଙ୍କ ଜିଲ୍ଲାରେ ଥିବା କାରାଗାରକୁ ନିୟମିତ ବ୍ୟବଧାନରେ ଅର୍ଥାତ ବର୍ଷକରେ ୩ଥର ଅଚାନକ ତନଖିରେ ଯାଇ ନିଶା ସେବନକାରୀ ଚିହ୍ନଟ କରିବା ଏବଂ ନିଶା ଦ୍ରବ୍ୟ ଚୋରାକାରବାର ଲିପ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନିଜ ନିର୍ବାଚନମଣ୍ଡଳୀରେ ଥିବା ଜେଲଗୁଡିକୁ ବିଧାୟକମାନେ ଯେପରି ନିୟମିତ ପରିଦର୍ଶନରେ ଯାଇପାରିବେ ସେଥିପାଇଁ ଜେଲ୍ ଦର୍ଶନରେ ଯାଉଥିବା ଜିଲ୍ଲା କମିଟିରେ ବିଧାୟକଙ୍କୁ ଅନ୍ତର୍ଭୁକ୍ତ କରିବା, ଝାରପଡା ଜେଲକୁ ରାଜଧାନୀ ବାହାରରେ ଚିହ୍ନଟ ସ୍ଥାନକୁ ସ୍ଥାନାନ୍ତର ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ ନିମନ୍ତେ କମିଟି ସୁପାରିସ କରିଛି।

# ଗୋଲୁ ଦେବତା





**ଆ**ମେ ସବୁବେଳେ ଲୋକବିଶ୍ୱାସକୁ ନେଇ ତର୍ଜମା କରିଥାଉ । ସତରେ ଯେତେ ତର୍ଜମା କଲେ ମଧ୍ୟ ଲୋକବିଶ୍ୱାସ ସବୁବେଳେ ରହସ୍ୟମୟ ହୋଇ ରହିଥାଏ । ତାର ଖିଅ ଖୋଜିବା ହେଉଛି ଆମ କାମ । ସେମିତି ଏକ ଅବିଶ୍ୱନୀୟ ଲୋକ ବିଶ୍ୱାସ ଦେଖିବାକୁ ମିଳିଛି ଭାରତର ଉତ୍ତରଦିଗରେ ଥିବା ଉତ୍ତରାଖଣ୍ଡ ରାଜ୍ୟରେ । ସାଧାରଣରେ ଉତ୍ତରାଖଣ୍ଡକୁ ଦେବଭୂମୀ ବୋଲି ଅନେକ କହିଥାନ୍ତି । ଆଉ ଉତ୍ତରାଖଣ୍ଡରେ ମଧ୍ୟ ଅନେକ ମନ୍ଦିର ରହିଛି । ସେମିତି ଏକ ପ୍ରସିଦ୍ଧ ମନ୍ଦିର ହେଉଛି ଉତ୍ତରାଖଣ୍ଡର ଆଲମୋରା ସହର ନିକଟରେ ଥିବା ଗୋଲୁଦେବତା ମନ୍ଦିର । ଏ ମନ୍ଦିରକୁ ନେଇ ଏକ ଅଜବ ବିଶ୍ୱାସ ରହିଛି । ଏହି ମନ୍ଦିରକୁ ଗଲେ ଆପଣ ଦେଖିବେ ମନ୍ଦିର ବାହାରେ ଅନେକ ଘଣ୍ଟି ଓ କାଗଜ ଟଙ୍ଗା ଯାଇଥାଏ । ଆଉ ଆପଣ ଯେତେବେଳେ କାରଣ ଜାଣିବେ ସେତେବେଳେ ଆପଣ ବି ଆଶ୍ଚର୍ଯ୍ୟ ହେବେ । ଲୋକବିଶ୍ୱାସ ରହିଛି ନିଜ ମନୋସ୍କାମନାକୁ ଯଦି ଆପଣ ଏକ ଆପ୍ଲିକେସ ବା ଦରଖାସ୍ତ ଲେଖି ଏହି ମନ୍ଦିରରେ ରଖିଯିବେ ତେବେ ଗୋଲୁଦେବତା ଆପଣଙ୍କ ମନୋସ୍କାମନା ପୂର୍ଣ୍ଣ କରିବେ । ଆଉ ଯେତେ ବେଳେ ଆପଣଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇଯିବ ସେତେବେଳେ ଆପଣ ଗୋଲୁଦେବତାଙ୍କ ମନ୍ଦିରରେ ଏକ ଘଣ୍ଟି ବାନ୍ଧିଦେବେ । ଭାବନ୍ତୁ କେତେ ରହସ୍ୟମୟ ଏ ଲୋକବିଶ୍ୱାସ । ସାଧାରଣରେ ମନରେ ପ୍ରଶ୍ନ ଆସେ ସତରେ କଣ ଗୋଲୁଦେବତା ମଣିଷ ମାନଙ୍କର ଆପ୍ଲିକେସନ ପଢିପାରନ୍ତି । ଦେବତା କଣ ମଣିଷ ହାତରେ ଲେଖାଯାଇଥିବା ଅକ୍ଷରକୁ ଚିହ୍ନି ପାରନ୍ତି । ଆଉ ଦରଖାସ୍ତକୁ ପଢି ଗୋଲୁଦେବତା ମଣିଷମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିଥାନ୍ତି । ଏ ସମସ୍ତ ପ୍ରଶ୍ନ ଆମ ଭଳି ଆଧୁନିକ ମଣିଷ ମାନଙ୍କ ପାଇଁ ଅନ୍ଧବିଶ୍ୱାସ ନିହାତି କିନ୍ତୁ ଏ ମନ୍ଦିରରେ ଓହଳାଯାଇଥିବା ଏତେ ସଂଖ୍ୟକ ଘଣ୍ଟି ମାଳାକୁ ଦେଖିଲେ ନିହାତି ଏହା ପଛରେ ଲୁଚି ରହିଥିବା ରହସ୍ୟ ସାମ୍ନାକୁ ଆସୁଛି । କାରଣ ଯଦି ଲୋକମାନଙ୍କର ମନୋସ୍କାମନା ପୂର୍ଣ୍ଣ ହେଉ ନାହିଁ ତେବେ ଏତେ ଘଣ୍ଟି ଏଠାରେ ବନ୍ଧା ହେଲା କେମିତି । ଏଭଳି ଲୋକ ବିଶ୍ୱାସ କେଉଁ ଯୁଗରୁ ଚାଲିଆସିଛି । ଆଉ ପ୍ରତିଦିନ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ଏମନ୍ଦିରକୁ ଆସିଥାନ୍ତି ଆଉ ନିଜ ମନୋସ୍କାମନା ପୂର୍ଣ୍ଣ ପାଇଁ ଆପ୍ଲିକେସନ ବା ଦରଖାସ୍ତ ଗୋଲୁଦେବତାଙ୍କ ନିକଟରେ ସମର୍ପଣ କରିଥାନ୍ତି । ତେବେ ଏହା ସମ୍ଭବ କେମିତି । ଏ ପ୍ରଶ୍ନ ଭିତରେ ଅନେକ ଦିନରୁ ମଣିଷର ବିଜ୍ଞାନୀ ମନ ଛନ୍ଦି ହେଉଛି ହେଲେ ଲୋକ ବିଶ୍ୱାସରେ ଗୋଲୁଦେବତାଙ୍କ ଏ ବିଶେଷତ୍ୱ ଏବେବି ରହିଛି । ଆଉ କେବଳ ଆଲମୋରା ଭିତରେ ସୀମିତ ନରହି ଗୋଲୁ ଦେବତାଙ୍କ ଅନେକ ମନ୍ଦିର ଉତ୍ତରାଖଣ୍ଡର ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ । ଉତ୍ତରାଖଣ୍ଡର ଏହି ରହସ୍ୟମୟ ଗୋଲୁଦେବତା ମନ୍ଦିର । ଏହାର ଏହି ଲୋକବିଶ୍ୱାସକୁ ନେଇ ରହିଛି ଅନେକ ମତ । ତେବେ ଆଲମୋରା ଠାରେ ଥିବା ଗୋଲୁଦେବତା ମନ୍ଦିରରେ ପୂଜା ପାଉଥିବା ଦେବତା ଭଗବାନ ଶିବ ବୋଲି ବିଶ୍ୱାସ କରାଯାଏ । ଆଉ ଗୋଲୁ ଦେବତା ହେଉଛନ୍ତି ଦେବଦେବ ମହାଦେବଙ୍କର ଏକ ଅବତାର । ହିମାଳୟ ପର୍ବତବଳୀର କୁମାୟୁଁ ଅଞ୍ଚଳର ପ୍ରତିଷ୍ଠିତ ଦେବତା ହେଉଛନ୍ତି ଗୋଲୁ ଦେବତା । ଆଲମୋରା ସହର ଠାରୁ ପ୍ରାୟ ୧୦ କିଲୋମିଟର ଯିବା ପରେ ପଡେ ଏହି ମନ୍ଦିର । ଅନେକ ଗୋଲୁଦେବତାଙ୍କୁ ଭଗବାନ ଶିବଙ୍କର ଗୌର ଭୈରବ ଅବତାର ଭାବେ ଗ୍ରହଣ କରିଥାନ୍ତି । ଲୋକ ବିଶ୍ୱାସ ଅନୁସାରେ ଗୋଲୁଦେବତାଙ୍କର ମାନବୀୟ ରୂପ ରହିଥିଲା । ଏବଂ ଅନ୍ୟ ଏକ ବିଶ୍ୱାସ ଅନୁସାରେ ଗୋଲୁଦେବତା ଚାନ୍ଦବଂଶୀୟ ରାଜା ମାନଙ୍କର ସେନାପତି ଥିଲେ । ଆଉ କେହି ବିଶ୍ୱାସ କରନ୍ତି ଗୋଲୁଦେବତାଙ୍କୁ ତତ୍କାଳୀନ ବିନସାରର ରାଜା ହତ୍ୟା କରିଥିଲେ । ଏବଂ ହତ୍ୟା ପଛରେ ରହିଥିଲା ମିଛ ସନ୍ଦେହ । ତେବେ ଗୋଲୁଦେବତାଙ୍କୁ ନେଇ ରହିଥିବା ଅନେକ କିମ୍ବଦନ୍ତି ଓ ଲୋକବିଶ୍ୱାସ ହିଁ ସବୁରହସ୍ୟର ମୂଳ । ତାଙ୍କର ଉତ୍ପତ୍ତି ଯେପରି ହେଲେ ମଧ୍ୟ କାହିଁ କେଉଁ କାଳରୁ ଗୋଲୁଦେବତା ନ୍ୟାୟିକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି । ଗୋଲୁ ଦେବତାଙ୍କୁ ଚାମୋଲି ଗ୍ରାମର ଅନେକ ଘରେ କୂଳ ଦେବତା ଭାବେ ମଧ୍ୟ ପୂଜା କରାଯାଏ । ଗୋଲୁ ଦେବତାଙ୍କୁ କେବଳ ଧଳା ରଙ୍ଗର ବସ୍ତ୍ର ପିନ୍ଧାଯାଇଥାଏ । ଧଳା ବସ୍ତ୍ର, ଧଳା ପଗଡ଼ି ଓ ଧଳା ରଙ୍ଗର ସାଲ୍‌ରେ ତାଙ୍କୁ ଆଭୂଷିତ କରାଯାଏ । ତେବେ ଏହି ଦେବତାଙ୍କୁ ନେଇ ରହିଥିବା ବିଶ୍ୱାସ ହିଁ ସବୁଠାରୁ ରହସ୍ୟମୟ । ଏ ମନ୍ଦିରରେ ହଜାର ହଜାର ସଂଖ୍ୟାରେ ଝୁଲା ଯାଇଥିବା ଘଣ୍ଟି ମାଳାକୁ ଦେଖିଲେ ଏହାହିଁ ମନକୁ ଆସିବ । ଲୋକ ମାନଙ୍କର ଅଗାଧ ବିଶ୍ୱାସ ରହିଛି ଗୋଲୁଦେବତାଙ୍କ ଉପରେ । ହିମାଳୟର କୁମାୟୁଁ ଅଞ୍ଚଳରେ ଗୋଲୁଦେବତାଙ୍କୁ ଅନେକ ଭକ୍ତିର ସହ ଆରାଧନା କରାଯାଏ । ସେଥିପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଅନେକ ସ୍ଥାନରେ ଗୋଲୁଦେବତା ମନ୍ଦିର ଦେଖିବାକୁ ମିଳେ । ତେବେ ସେଥିମଧ୍ୟରୁ ଆଲମୋରାର ଚିତାଇ, ଚମ୍ପାବଟ ଓ ଗୋରାଖାଲ ଠାରେ ଥିବା ଗୋଲୁଦେବତା ମନ୍ଦିରକୁ ପ୍ରମୁଖ ଭାବେ ଗ୍ରହଣ କରାଯାଏ । ତେବେ ଲୋକ ମାନଙ୍କର ବିଶ୍ୱାସରେ ଏବେବି ଗୋଲୁଦେବତା ସେମାନଙ୍କ ଦରଖାସ୍ତକୁ ଦେଖି ସେମାନଙ୍କ ମନୋସ୍କାମନା ପୂର୍ଣ୍ଣ କରିଥାନ୍ତି । ଆମେ ବିଜ୍ଞାନୀ ମଣିଷ ଏହାର ଅନେକ ଖିଅ ଖୋଜିବାକୁ ଚେଷ୍ଟା କରୁଛି ଆଉ ଭବିଷ୍ୟତରେ ମଧ୍ୟ କରୁଥିବା, ହେଲେ ରହସ୍ୟ ଉପରୁ କେବେ ପର୍ଦା ଉଠିବ ତାହା କେବଳ ସମୟ ଆସିଲେ ହିଁ ଜଣାପଡ଼ିବ ।





**ଉପସ୍ଥାପନା : ଜାହ୍ନବୀସୁତ**

# ଚାଷୀ ମୃତ୍ୟୁ ନେଇ ବିଧାନସଭାରେ କମ୍ପନ



**ଭୁବନେଶ୍ୱର :** ରାଜ୍ୟରେ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ବିଧାନସଭାରେ ଅଚଳାବସ୍ଥା ଲାଗିରହିଛି । ବିରୋଧୀ ଦଳ ପକ୍ଷରୁ ମନ୍ତ୍ରୀଙ୍କ ବିରୋଧରେ ଦିଆଯାଇଥିବା ସ୍ୱାଧିକାର ଭଙ୍ଗ ନୋଟିସ ଉପରେ ଏ ପର୍ଯ୍ୟନ୍ତ ବାଚସ୍ପତି କୌଣସି ନିଷ୍ପତ୍ତି ଶୁଣାଇ ନାହାନ୍ତି । ସରକାର ଏହା ଉପରେ ନିରବ ରହିଥିବାବେଳେ ବିରୋଧୀଙ୍କ ପକ୍ଷରୁ ହଙ୍ଗାମା ଜାରି ରହିଛି । ଗତ ଗୁରୁବାର ପ୍ରଶ୍ନ କାଳ ଆରମ୍ଭ ହେବା ମାତ୍ରେ ଗତକାଲି ଭଳି ପରିସ୍ଥିତି ଉପୁଜିଥିଲା । ବାଚସ୍ପତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଉତ୍ତର ରଖିବା ପାଇଁ କହିଥିଲେ । ମନ୍ତ୍ରୀ ଉତ୍ତର ରଖିବା ସମୟରେ ବିଜେପି ବିଧାୟକମାନେ ନିଜ ଆସନରେ ଠିଆ ହୋଇ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ ଉଠାଇଥିଲେ । ବିଧାୟକ ରବି ନାରାୟଣ ନାୟକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ୧୦ ବର୍ଷର ଚାଷୀ ଆତ୍ମହତ୍ୟା ରିପୋର୍ଟ ପ୍ରସଙ୍ଗ ଉଠାଇବା ସହିତ ଏଥିର ୨୦୧୪ରୁ ଏ ପର୍ଯ୍ୟନ୍ତ ୩ବର୍ଷର ଚାଷୀ ଆତ୍ମହତ୍ୟା ସଂକ୍ରାନ୍ତ ତଥ୍ୟ ସ୍ଥାନ ନପାଇବା ଘଟଣାର ପ୍ରତିବାଦ କରିଥିଲେ । ପ୍ରଶ୍ନକାଳ ବାତିଲ କରି ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ଦଳ ପକ୍ଷରୁ ଦାବି କରାଯାଇଥିଲା । ବିଧାୟକ ଶ୍ରୀ ନାୟକ ବାଚସ୍ପତିଙ୍କ ଟେବୁଲ ଉପରୁ ମାଇକ ଛଡ଼ାଇବାକୁ ଉଦ୍ୟମ କରିଥିଲେ । ବିଧାୟିକା ରାଧାରାଣୀ ପଣ୍ଡା ଦୁର୍ଯ୍ୟୋଧନ ମାଝି, ବିଭୂତି ହରିଚନ୍ଦନ ଓ ଅନ୍ୟମାନେ ଗୃହ ମଧ୍ୟକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେବା ସହିତ କୃଷି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଗୃହ ଚଳାଇବା ସମ୍ଭବ ନହେବାରୁ ବାଚସ୍ପତି ୧୦ଟା ୩୨ରୁ ପ୍ରଥମେ ଏକ ଘଣ୍ଟା ପାଇଁ ମୁଲତବୀ ରଖିଥିଲେ ।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୃହରେ ବୌଦ୍ଧରେ ଘଟିଥିବା ଚାଷୀ ମୃତ୍ୟୁ ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ଫସଲ କ୍ଷତି ଓ ଋଣଭାର ଯୋଗୁଁ ଏ ପର୍ଯ୍ୟନ୍ତ ରାଜ୍ୟରେ ୪ଜଣ ଚାଷୀ ଆତ୍ମହତ୍ୟା କଲେଣି । ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଗୃହରେ ମିଛ ଉତ୍ତର ରଖିଥିବା କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯାଇଥିବାବେଳେ ଏ ସମ୍ପର୍କରେ ବାଚସ୍ପତି କି ନିଷ୍ପତ୍ତି ନେଲେ ତାହା ତୁରନ୍ତ ଗୃହକୁ ଜଣାଇବାକୁ ଦାବି କରିଥିଲେ । ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଗୃହରେ ହୋ ହଲ୍ଲା ଚାଲିଥିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ତେଣୁ ଏ ପ୍ରସଙ୍ଗରେ ବାଚସ୍ପତି ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡ଼ାକିବାକୁ ଶ୍ରୀ ମିଶ୍ର ପ୍ରସ୍ତାବ ଦେଇଥିଲେ । ତେବେ ବିରୋଧୀ ଦଳ ନେତା ଶୂନ୍ୟ କାଳରେ ନିଜର ବକ୍ତବ୍ୟ ରଖିବାବେଳେ ବିଜେପି ବିଧାୟକମାନେ ଗୃହ ମଧ୍ୟରେ ପ୍ରବଳ ହଙ୍ଗାମା ଜାରି ରଖିଥିଲେ । ସେମାନେ ପୁନର୍ବାର ଗୃହ ମଧ୍ୟକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଚାଲିଥିଲେ । ପ୍ରବଳ ପାଟିତୁଣ୍ଡ ଭିତରେ ବାଚସ୍ପତି ପୂର୍ବାହ୍ନ ୧୧ଟା ୩୬ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ଅପରାହ୍ନ ଅଧିବେଶନରେ ବି ପରିସ୍ଥିତିରେ ଉନ୍ନତି ନଘଟିବାରୁ ଗୃହକୁ ପୁନର୍ବାର ଘଣ୍ଟାକ ପାଇଁ ୩ଟା ୫ରୁ ୪ଟା ୫ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡ଼ିଥିଲା ।

# ୧୦ ବର୍ଷରେ ୧୮୯୫ ଚାଷୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର :** ସାରା ଦେଶରେ ଗତ ୧୦ ବର୍ଷରେ କୃଷିକୁ ଜୀବିକା କରିଥିବା ୧,୫୨,୨୬୪ ଜଣ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କ ମଧ୍ୟରୁ ଓଡ଼ିଶାରେ ୧୮୯୫ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ପ୍ରଦୀପ ମହାରଥୀ । ଶ୍ରୀ ମହାରଥୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୦୫ ମସିହାରେ ରାଜ୍ୟରେ ୨୫୪ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । ସେହିପରି ୨୦୦୬ ମସିହାରେ ୨୮୩ ଜଣ, ୨୦୦୭ ମସିହାରେ ୨୪୦ ଜଣ, ୨୦୦୮ ମସିହାରେ ୨୬୦ ଜଣ, ୨୦୦୯ ମସିହାରେ ୧୫୪ ଜଣ, ୨୦୧୦ରେ ୧୬୨ ଜଣ, ୨୦୧୧ରେ ୧୪୪ ଜଣ, ୨୦୧୨ରେ ୧୪୬ ଜଣ, ୨୦୧୩ରେ ୧୫୦ ଜଣ, ୨୦୧୪ରେ ୧୦୨ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । ଏହି ତଥ୍ୟ ଜାତୀୟ ଅପରାଧ ନଥି ବ୍ୟୁରୋ ଆଧାରରେ ପ୍ରଦାନ କରାଯାଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେହିପରି ଜାତୀୟ ଅପରାଧ ନଥି ବ୍ୟୁରୋରେ ୨୦୧୪ରେ ରାଜ୍ୟରେ ୯୭ ଜଣ କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି; କିନ୍ତୁ ୨୦୧୫ ଓ ୨୦୧୬ରେ କେତେ କୃଷକ ବା କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି ତାହା ଉପଲବ୍ଧ ହୋଇନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଅନ୍ୟାନ୍ୟ ରାଜ୍ୟରେ ଚାଷୀ ବା କୃଷିକୁ ଜୀବିକା କରିଥିବା ବ୍ୟକ୍ତିଙ୍କ ଆତ୍ମହତ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି । ଜାତୀୟ ଅପରାଧ ନଥି ବ୍ୟୁରୋ ଅନୁସାରେ ୨୦୧୪ରେ ଓଡ଼ିଶାଠାରୁ ଆନ୍ଧ୍ର, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି । ସେହିପରି ଗତ ୧୦ ବର୍ଷ ମଧ୍ୟରେ ମହାରାଷ୍ଟ୍ରରେ ସର୍ବାଧିକ ୩୬୭୦୫ ଚାଷୀ ଆତ୍ମହତ୍ୟା କରିଥିବାବେଳେ ମଧ୍ୟପ୍ରଦେଶରେ ୧୨୬୮୩, ଗୁଜରାଟରେ ୫୩୮୦ ଚାଷୀ ଆତ୍ମହତ୍ୟା କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ଅପରପକ୍ଷରେ ଶେଷ କୃଷି ଗଣନା ଅନୁସାରେ ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୪୬.୬୭ ଲକ୍ଷ ବୋଲି ଗୃହରେ ବିଧାୟକ ଦିଲୀପ ରାୟଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି କୃଷିମନ୍ତ୍ରୀ ଶ୍ରୀ ମହାରଥୀ । ୨୦୦୫-୦୬କୃଷି ଗଣନାରେ ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୪୩.୫୬ ଲକ୍ଷ ଥିବାବେଳେ ଏହା ୨୦୧୦-୧୧ରେ ୪୬.୬୭ ଲକ୍ଷରେ ପହଞ୍ଚିଛି । ଏହା ପରେ ଆଉ କୃଷି ଗଣନା କରାଯାଇ ନାହିଁ । ଏହି ତୁଳନାତ୍ମକ ରିପୋର୍ଟରେ ୨୦୦୫-୦୬ ମସିହାରେ ରାଜ୍ୟରେ ମାତ୍ର ୧୧୪୦୮ ଜଣ ବଡ଼ ଚାଷୀ ଥିବାବେଳେ ୨୦୧୦-୧୧ରେ ସେମାନଙ୍କ ସଂଖ୍ୟା ୫୫୬୪କୁ ହ୍ରାସ ପାଇଛି । ଅନୁରୂପ ଭାବରେ ମଧ୍ୟମ ଚାଷୀଙ୍କ ସଂଖ୍ୟା ୧.୧୯ ଲକ୍ଷରୁ ୬୩.୬୮ ହଜାରକୁ ଓ ଆଂଶିକ ଚାଷୀଙ୍କ ସଂଖ୍ୟା ୪.୭୨ ଲକ୍ଷରୁ ୩.୧୧ ଲକ୍ଷକୁ ହ୍ରାସ ପାଇଛି । କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୧୧.୫୬ ଲକ୍ଷରୁ ୪.୧୮ ଲକ୍ଷକୁ କମିଥିବାବେଳେ ନାମମାତ୍ର ଚାଷୀଙ୍କ ସଂଖ୍ୟା ୨୫.୯୭ ଲକ୍ଷରୁ ୩୩.୬୮ ଲକ୍ଷକୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାରଥୀ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ନୀତିଗ୍ରସ୍ତ ...

ମନ୍ତ୍ରୀ ସେହ୍ନାଙ୍ଗିନୀ ଛୁରିଆ, ମୟୂରଭଞ୍ଜରେ ମନ୍ତ୍ରୀ ସୁଦାମ ମାରାଣ୍ଡି, ବଲାଙ୍ଗିରରେ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, କଟକରେ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ରାୟଗଡ଼ାରେ ମନ୍ତ୍ରୀ ଲାଲବିହାରୀ ହିମିରିକା ପ୍ରମୁଖ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବାବେଳେ ସେଠାରେ ଦଳର ସ୍ଥିତି ବିଗିଡି ଯାଇଥିବା ଜିଲ୍ଲା ପରିଷଦ ନିର୍ବାଚନରୁ ପ୍ରମାଣିତ ହୋଇଛି । ତେବେ ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ମୁଖ୍ୟମନ୍ତ୍ରୀ କେଉଁ ଆଧାରରେ ନିଷ୍ପତ୍ତି ନେବେ ତାହା ଏବେଠୁ ଆକଳନ କରିବା କଷ୍ଟକର ବୋଲି ରାଜନୀତି ବିଷାରଦମାନେ କହୁଛନ୍ତି ।

### ଧର୍ମେନ୍ଦ୍ରଙ୍କ ...

ଗୋଟି ଚାଳନା ଆରମ୍ଭ କରି ଦେଇଥିବା ଚର୍ଚ୍ଚା ଜୋର ଧରିଛି । ଯେହେତୁ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ଆଶାତୀତ ସଫଳତା ମିଳିଛି, ବିଜେଡିର ଭୋଟ ବ୍ୟାଙ୍କ ଭାଙ୍ଗି ଅଧିକରୁ ଅଧିକ ଲୋକଙ୍କୁ ବିଜେପି ସହ ଯୋଡିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚେଷ୍ଟା ଚଳାଇଥିବା ଆଲୋଚନା ହେଉଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ କଟକ ଓ ଭୁବନେଶ୍ୱର ସହରର ଭୋଟରଙ୍କୁ ଆକୃଷ୍ଟ କରି ବିଜେଡିକୁ ପୁଣି ଝଟ୍‌କା ଦେବା ଚିନ୍ତାରେ ଥିବା ରାଜନୈତିକ ମହଲରେ ମଧ୍ୟ ଆଲୋଚନା ହେଉଛି । ପାଣି ଭଳି ପାଇପ୍‌ରେ ସହରର ଲୋକେ ଇନ୍ଧନ ଗ୍ୟାସ୍ ପାଇବା ଦ୍ୱାରା ଏହାର ଶ୍ରେୟ ନିଶ୍ଚୟ ଧର୍ମେନ୍ଦ୍ରଙ୍କ ଆଡକୁ ଯିବ । ଯୋଜନା ଅନୁସାରେ ଲୋକେ ହାତ ପାହାନ୍ତାରେ ଗ୍ୟାସ୍ ପାଇବେ ଓ ଆଉ ଡିଲର ପାଖକୁ ଦୌଡିବେ ନାହିଁ । ଫଳରେ ବିଜେପି ସହର ଲୋକଙ୍କୁ ଅଧିକ ନିକଟତର ହୋଇପାରିବ । ଲୋକେ ଅନୁଭବ କରୁଛନ୍ତି ଯେ, ଏ ସମସ୍ତ ଯୋଜନା କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପାଇଁ ସମ୍ଭବ ହୋଇପାରୁଛି । ଅନ୍ୟପକ୍ଷେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ବିପୁଳ ସଫଳତା ପରେ ବିଜେପି ମୁଖିଆ ଅମିତ ଶାହାଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସମସ୍ତେ ଧର୍ମେନ୍ଦ୍ରଙ୍କୁ ସାବାସୀ ଦେଇଛନ୍ତି । ତେଣୁ ଧର୍ମେନ୍ଦ୍ର ବି ପଞ୍ଚାୟତ ନିର୍ବାଚନର ସଫଳତା ପରେ ବେଶ୍ ଉତ୍ସାହୀ ହୋଇ ଓଡ଼ିଶାରେ କିଭଳି ଅଧିକରୁ ଅଧିକ କମଳ ବିକଶିତ ହେବ ସେହି ଅନୁସାରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ସିଜିଡି ପ୍ରକଳ୍ପରେ ୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଥିଲା ବେଳେ କେବଳ ଭୁବନେଶ୍ୱର-କଟକ ପାଇଁ ୧୭୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଭୁବନେଶ୍ୱରରେ ମୋଟ ୧୦୦ କି.ମି ଓ କଟକରେ ୬୦ କି.ମି ପାଇପ୍ ଲାଇନ୍ ବିଛାଯିବ । ଏବର୍ଷ ଜୁନ୍ ସୁଦ୍ଧା କାମ ଆରମ୍ଭ ହେବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗ୍ୟାସ୍ ଅନ୍ୟ ପ୍ରାକୃତିକ ଇନ୍ଧନଠାରୁ ୧୫% ଶସ୍ତା ହେବ । ଏହି ଇନ୍ଧନ ପୋଡ଼ିବା ଦ୍ୱାରା ପରିବେଶ ପ୍ରଦୂଷିତ ହେବ ନାହିଁ ଓ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ।ଜଗଦିଶପୁର-ହଳଦିଆ ଓ ବୋକାରୋ-ଧାମରା ପାଇପ୍ ଲାଇନ୍‌ର ଲମ୍ବ ରହିବ ୨୬୧୯ କି.ମି । ଓଡ଼ିଶା ସମେତ ୫ଟି ରାଜ୍ୟର ୪୯ଟି ଜିଲାକୁ ପାଇପ୍ ଲାଇନ୍ ସଂଯୋଗ କରିବ । ପ୍ରାଥମିକ ପର୍ଯ୍ୟାୟରେ ୨୦୧୮ ଡିସେମ୍ବର ସୁଦ୍ଧା କଟକ ଓ ଭୁବନେଶ୍ୱରରେ ବାସଗୃହକୁ ଗ୍ୟାସ୍ ସଂଯୋଗ ଆରମ୍ଭ ହେବ । ଭୁବନେଶ୍ୱରରେ ନାଲ୍‌କୋ ଓ ପୂର୍ବତଟ ରେଳପଥର ଏକ ହଜାର କର୍ମଚାରୀଙ୍କ ବାସଭବନକୁ ପରୀକ୍ଷାମୂଳକ ଭାବେ ଗ୍ୟାସ୍ ସଂଯୋଗ ଯୋଗାଇ ଦିଆଯିବ । ପ୍ରକଳ୍ପ ଶେଷ ହେଲେ ଦୁଇ ସହରର ୫ଲକ୍ଷ ଲୋକ ଏଥିରୁ ଉପକୃତ ହେବେ । ସେହିପରି ୩ରୁ ୫ ବର୍ଷ ମଧ୍ୟରେ ରାଜ୍ୟରେ ୨୪ଟି ସିଏନ୍‌ଜି ଷ୍ଟେସନ୍ ପ୍ରତିଷ୍ଠା କରାଯାଇ ଯାନବାହନକୁ ଇନ୍ଧନ ଯୋଗାଇ ଦିଆଯିବ । ପ୍ରକଳ୍ପ ଅଧୀନରେ ପାଇପ୍ ଲାଇନ୍ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ଦେଇ ବିଛାଯିବ । ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ବହୁ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିପାରିବ ବୋଲି ଗେଲ୍ ପକ୍ଷରୁ ଜଣାପଡିଛି ।

### ନଡ୍ଡାଙ୍କ ପରେ ...

ଏଣୁ ନିଟ୍‌ରେ ତିନୋଟି ସୁଯୋଗ ସମ୍ପର୍କିତ କଟକଣାକୁ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ବିଭିନ୍ନ ଦାବିଗୁଡିକୁ ବିଚାରକୁ ନେଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଆଶ୍ୱାସନା ଦେଇଥିବା ନବୀନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେହିପରି ଗୁରୁବାର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସାକ୍ଷାତ କରିଛନ୍ତି ନବୀନ । ସାକ୍ଷାତ କାଳରେ ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ଡାକଘର ପାସପୋର୍ଟ ସେବା କେନ୍ଦ୍ରର ଉନ୍ନତିକରଣ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବିଶେଷକରି ରାଜ୍ୟରେ ଆଉ ତିନିଟି ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ବାଲେଶ୍ୱର, ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଏହି ପାସପୋର୍ଟ କେନ୍ଦ୍ର ଖୋଲିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ପାସପୋର୍ଟ ପାଇଁ ଲୋକମାନେ ଦୂରଦୂରାନ୍ତକୁ ଯାତ୍ରା କରୁଥିବାରୁ ଅଞ୍ଚଳ ଭିତ୍ତିରେ ଏହି କେନ୍ଦ୍ର ସ୍ଥାପନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଖଣ୍ଡଗିରି ...

ଏନେଇ ଯେଉଁ ସବୁ ପ୍ରତିବନ୍ଧକ ଦେଖାଦେଇଛି ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ନିୟମ ଭିତରେ ଶେଷ କରିବାକୁ କେନ୍ଦ୍ର ସଚିବ ଶ୍ରୀ ମିତ୍ର ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଆଗାମୀ ରଥଯାତ୍ରା ପୂର୍ବରୁ ମଙ୍ଗଳାଘାଟଠାରୁ ଷ୍ଟେରଲିଂ ପର୍ଯ୍ୟନ୍ତ ରାସ୍ତାକୁ ଯାନବାହନ ଚଳାଚଳ ଯୋଗ୍ୟ କରିବା ଏବଂ ସମୟାଜପୁର ଆର୍‌ଓବି କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ଶ୍ରୀ ପାଢ଼ୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜଙ୍ଗଲ କିସମ ଜମିର କିସମ ପରିବର୍ତ୍ତନ, କ୍ଷତିପୂରଣ ରାଶି ବଣ୍ଟନ, ସରକାରୀ ଜମି ଉପରେ ଅଧିକାର ଅନୁମତି ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜାତୀୟ ରାଜପଥ ୨୧୫ର ପାଣିକୋଇଲି-ରିମୁଳି ରାସ୍ତା, ଚଣ୍ଡିଖୋଲ-ଡୁବୁରି-ତାଳଚେର ରାସ୍ତା, ବାଲେଶ୍ୱର-ଜଖପୁରା, ଅନୁଗୋଳ-ସମ୍ବଲପୁର ରାସ୍ତା, ଭୁବନେଶ୍ୱର-ପୁରୀ ଓ ଭୁବନେଶ୍ୱର-ଚଣ୍ଡିଖୋଲ ରାସ୍ତାର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରାଯିବା ସହିତ ନୂତନ ୬ଟି ପ୍ରକଳ୍ପ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଡ. ମୋନା ଶର୍ମା, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ ଏନ୍‌ଏଚ୍‌ଏଆଇ ସିଜିଏମ୍ ଧର୍ମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁସ୍‌ଲିମ୍ ...

ଜାରି ହୋଇଥିବା ଫତ୍‌ୱାରେ ୪୬ଜଣ ମୁଲ୍ଲାଙ୍କ ଦସ୍ତଖତ ରହିଛି । ନାହିଦ୍ 'ସାରିଆ' ବିରୋଧରେ ଯାଇ ବିଭିନ୍ନ ସର୍ବସାଧାରଣ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି । ଆସନ୍ତା ୨୫ତାରିଖରେ ଆସାମର ଲଙ୍କାସ୍ଥିତ ଉଦାଲି ସୋନାଇ ବିବି କଲେଜରେ ତାଙ୍କର ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି । ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁସଲମାନ ଝିଅମାନେ ଗୀତ ଗାଇବା ସାରିଆର ପରିପନ୍ଥୀ ବୋଲି ଆସାମୀ ଭାଷାରେ ବଣ୍ଟା ଯାଇଥିବା ପ୍ରଚାରପତ୍ରରେ ଉଲ୍ଲେଖ ରହିଛି । ଏଭଳି କାର୍ଯ୍ୟକ୍ରମ ଯଦି ମସ୍‌ଜିଦ୍, ଇଦ୍‌ଗା, ମଦ୍ରାସା ସ୍ଥାନରେ ଆୟୋଜନ ହୋଇଥାଏ; ତେବେ ଭବିଷ୍ୟତ ପିଢ଼ି ଉପରେ ଆଲ୍ଲାଙ୍କ କ୍ରୋଧର ଶିକାର ହେବେ ବୋଲି ଏଥିରେ ଯୁକ୍ତି ଦର୍ଶାଯାଇଛି । ଏହି ଖବର ଶୁଣି ସେ ଅବାକ୍ ହୋଇଯିବା ସହ ସଙ୍ଗୀତ ତାଙ୍କ ପାଇଁ ଭଗବାନଙ୍କ ଦାନ; ସେ କେବେ ଏଭଳି ଧମକରେ ମୁଣ୍ଡ ନୁଆଁଇବେ ନାହିଁ କିମ୍ବା ଭୟଭିତ ହୋଇ ଗୀତ ଗାଇବା ଛାଡ଼ିବେ ନାହିଁ' ବୋଲି କହିଛନ୍ତି ନାହିଦ୍ । ତାଙ୍କର ମାଆ ମଧ୍ୟ ନାହିଦ୍ ୨୫ତାରିଖ କାର୍ଯ୍ୟକ୍ରମରୁ ଓହରି ଯିବାର ନାହିଁ ବୋଲି ଘୋଷଣା କରିବା ପରେ ଆୟୋଜକମାନେ ଏହା ବନ୍ଦ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି । ନାହିଦ୍ ଓ ତାଙ୍କ ପରିବାରକୁ ସମସ୍ତ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୁଲିସ ଘୋଷଣା କରିଛି । ଅପରପକ୍ଷରେ ଆସାମ ପାଇଁ ଫତ୍‌ୱା ନୂଆ କଥା । ଏଠାରେ ବସବାସ କରୁଥିବା ବାଂଲାଦେଶୀ ମୁସଲମାନ ମାନଙ୍କର ଏହା ଏକ ତାମ୍‌ସା । ସମ୍ପୃକ୍ତ ତଥାକଥିତ ମୁଲ୍ଲାମାନଙ୍କୁ ତୁରନ୍ତ ଜେଲ୍‌ରେ ପୁରାଇ ଦେବା ଉଚିତ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

### ବିଜ୍ଞାନ ଯୁଗରେ ...

ଏଥିରେ ଅନେକ ଶିଶୁ ମଧ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ । ଶିଶୁର ଦେହ ଖରାପ ହେଲେ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଅନ୍ଧବିଶ୍ୱାସରେ ପଡ଼ି ମଣିଷ ଏଭଳି କାମ କରିବସୁଛି ଯେ ଶେଷରେ ନିଜ ଜନ୍ମିତ ଶିଶୁକୁ ହରାଇବାକୁ ବାଧ୍ୟ ହେଉଛି । ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ଘଟଣା ବୃଦ୍ଧି ପାଇଛି । ଅନ୍ଧବିଶ୍ୱାସରେ ପଡ଼ି ମଣିଷ ଯେ କେବଳ ମଣିଷକୁ ହତ୍ୟା କରୁଛି ତା ନୁହେଁ, ବରଂ ନିରୀହ ପଶୁପକ୍ଷୀମାନଙ୍କୁ ମଧ୍ୟ ଅତି ନିର୍ମମ ଭାବେ ହତ୍ୟା କରିଚାଲିଛି । ଦେବୀପୀଠମାନଙ୍କରେ ବଳି ନାମରେ ହଜାର ହଜାର ପଶୁଙ୍କୁ ବଳି ଦେଉଛି । ପରମ୍ପରା ନାଁରେ ଦଶହରା ଓ ଝାମୁ ସମୟରେ ବିଭିନ୍ନ ଦେବୀପୀଠରେ ହଜାର ହଜାର କୁକୁଡ଼ା, ଛେଳି, ଗୋରୁ, ମଇଁଷି, ଏଭଳିକି ମଣିଷ ବଳି ପ୍ରଥାର ନଜିର ରହିଛି । ଯଦିଓ କିଛି କିଛି ସଚେତନତା ଯୋଗୁଁ ଏବେ ବିଭିନ୍ନ ପୀଠରେ ମଣିଷ ବଳି ବନ୍ଦ ହୋଇଛି, ତେବେ ପଶୁବଳି ପୂର୍ବଭଳି ଆଜି ବି ଚାଲିଛି । ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରେ ଥିବା ଶୁଳିଆପୀଠ, ଭବାନୀପାଟଣାର ଥିବା ଛତରଯାତ୍ରା ଓ ଉପକୂଳ ଓଡ଼ିଶାରେ ପୁରୀର ବୀରଗୋବିନ୍ଦପୁରରେ ଥିବା ଦକ୍ଷୀଣକାଳୀ ପୀଠରେ ଏହି ବଳିପ୍ରଥା ଜାରି ରହିଛି । ବଲାଙ୍ଗୀରର ଶୁଳିଆପୀଠ ଓ ଭବାନୀପାଟଣାର ଛତର ଯାତ୍ରା ବେଳେ ବଳି ଦିଆଯାଇ ସମଗ୍ର ଅଞ୍ଚଳକୁ ରକ୍ତରଞ୍ଜିତ କରିଦିଆଯାଉଛି । ଦୀର୍ଘ ୪ରୁ ୫ କିଲୋମିଟର ରକ୍ତର ସୁଅ ଦେଖିବାକୁ ମିଳିଥାଏ । ଏହି ବର୍ବର ଦୃଶ୍ୟକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନ ଆସେ, ସତେ କ'ଣ ମଣିଷ ଆଜି ବିଜ୍ଞାନ ଯୁଗରେ ପହଞ୍ଚିଛି ? ତେବେ କାହିଁକି ଏ ବର୍ବରତା ? କାହିଁକି ଏ ଅନ୍ଧବିଶ୍ୱାସ ? ଯଦି ଏ କଥା ସତ ଯେ ଏହି ଅନ୍ଧବିଶ୍ୱାସ ପଛରେ ଟିକିଏ ବି ସତ୍ୟତା ନାହିଁ, ତେବେ ମଣିଷ ଏହା ପଛରେ କାହିଁକି ଧାଉଛି ? କି ଲାଭ ପାଉଛି ଏଥିରୁ ? ନିଜର ସ୍ୱାର୍ଥ ସାଧନ ଆଶାରେ ଅନ୍ୟକୁ ଆଉ କେତେଦିନ ହତ୍ୟା କରୁଥିବ ଏ ମଣିଷ ? ଏହାର କ'ଣ ଅନ୍ତ ନାହିଁ ? ଯଦି ହଁ, ତେବେ ଆଉ କେବେ ? କେବେ ଆଖି ଖୋଲିବ ମଣିଷ ? ଏସବୁ ପ୍ରଶ୍ନର ଗୋଟିଏ ଉତ୍ତର- ଯେତେଦିନ ଯାଏ ମଣିଷ ସଚେତନ ନ ହେବ ସେତେଦିନ ଯାଏଁ ଏ ଅନ୍ଧଗଳିରେ ପଡ଼ିରହିଥିବ । ଏଥିରୁ ବାହାରିବା ପାଇଁ ମଣିଷ ପାଇଁ ଗୋଟିଏ ପନ୍ଥା, ତାହା ହେଉଛି ଶିକ୍ଷା ଓ ଜ୍ଞାନ । ନିଜ ଜ୍ଞାନ ବଳରେ ମଣିଷ ସଚେତନ ହେଲେ ଯାଇ ଏଭଳି ଘଟଣାର ଅନ୍ତ ଘଟିବ ।



# ବଲିଉଡର ଅଲରାଉଣ୍ଡର ଅନୁପମ ଖେର



ବଲିଉଡ୍‌ରେ ଅନୁପମ୍ ଖେର ଏମିତି ଏକ ନାଁ, ଯାହାକୁ ଲୋକେ 'ଆକ୍ଟିଂସ୍କୁଲ' ଭାବେ ଜାଣନ୍ତି। କମେଡ଼ି, ଟ୍ରାଜେଡ଼ିଠାରୁ ଆରମ୍ଭ କରି ଭିଲିୟାନ୍ ଭୂମିକାକୁ ମଧ୍ୟ ସେ ଶତପ୍ରତିଶତ ତୁଲାଇ ଦର୍ଶକଙ୍କ ବାହାବା କେବଳ ସାଉଁଟିନାହାନ୍ତି, ବରଂ ଇତିହାସ ରଚିଛନ୍ତି। ଦିଲ୍‌ର କଞ୍ଜୁସ୍ ପିତା ଭୂମିକା ହେଉ କିମ୍ବା ଦିଲ୍‌ୱାଲେ ଦୁଲ୍‌ହନିୟାଁ ଲେ ଜାଏଙ୍ଗେଁର ଖୁସ୍‌ମିଜାଜିଆ ବାପ ଭୂମିକା; ସବୁଠି ସେ ନିଜ ଅଭିନୟର ଛାପ ଛାଡ଼ିଯାଇଛନ୍ତି। ସେହିପରି ୧୯୯୩ ମସିହାରେ ନିର୍ମିତ ଫିଲ୍ମ ରୂପ୍ କୀ ରାନୀ ଚୋରୋଁ କା ରାଜା ଓ ୨୦୦୩ ମସିହାର ଜାଲ୍-ଦ ଟ୍ରାପ୍ ସିନେମାରେ ତାଙ୍କର ଭୟଙ୍କର ଖଳନାୟକୀ ଏବେ ବି ଦର୍ଶକଙ୍କ ମନ ଭିତରେ ଭୀତ ସଂଚାର କରେ। ସେହିପରି କୁଛ କୁଛ ହୋତା ହୈ, ଉମର ପଚପନ କେ ଦିଲ୍ ବଚପନ୍ କା ଏବଂ ସୋଲ ଔର ସବ୍‌ନମ୍ ଭଳି ଅନେକ ସିନେମାରେ ସେ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଛନ୍ତି। କେବଳ ସେତିକି ନୁହେଁ, ୧୯୯୭ ମସିହାର ସୁପରହିଟ୍ ଫିଲ୍ମ ଜିଦ୍ଦିରେ ନାୟକ ସନି ଦେଓଲଙ୍କ ବାପା ତଥା ଜଣେ ସଚ୍ଚୋଟ ଶିକ୍ଷକ ଭୂମିକାରେ ଆସି ସେ ଦର୍ଶକଙ୍କ ଆଖିରୁ ଲୁହ ନିଗାଡ଼ି ଦେଇଛନ୍ତି। ଏସବୁ ଦୃଷ୍ଟିରୁ ଅନୁପମ୍‌ଙ୍କୁ ବଲିଉଡ୍‌ର ଅଲରାଉଣ୍ଡର ବୋଲି ମଧ୍ୟ କୁହାଯାଏ।

୧୯୫୫ ମସିହା ମାର୍ଚ୍ଚ ୭ ତାରିଖରେ ଅନୁପମ ସିମଲାରେ ଜନ୍ମଗ୍ରହଣ କରିଥିଲେ। ପିତା ପୁଷ୍କରନାଥ ଜଣେ କ୍ଲର୍କ ଥିଲେ। ମାତ୍ର ୯୦ ଟଙ୍କା ଦରମାରେ ସେ ନିଜ ପରିବାର ପୋଷଣ କରୁଥିଲେ। ସିମ୍‌ଲାରେ ସ୍କୁଲପଢ଼ା ବେଳରୁ ହିଁ ତାଙ୍କୁ ଆକ୍ଟିଂ ନିଶା ଘାରିଥିଲା। ଆଉ ଏଥିପାଇଁ ତାଙ୍କୁ ନିଜ ମା'ଙ୍କ ଗହଣା ପର୍ଯ୍ୟନ୍ତ ବିକିବାକୁ ପଡ଼ିଥିଲା। ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ନିଜ ସ୍କୁଲରେ ଆକ୍ଟିଂ କରୁଥିଲେ। ଶ୍ରେଣୀରେ ଶିକ୍ଷକମାନଙ୍କର ନକଲ କରି ସେ ନିଜ ସହପାଠୀମାନଙ୍କୁ ବେଶ୍ ଆମୋଦିତ କରୁଥିଲେ।

କଲେଜ ବେଳକୁ ତାଙ୍କ ମୁଣ୍ଡରେ ଆକ୍ଟିଂର ଭୂତ ଚଢ଼ିଯାଇଥିଲା। ସେହି ସମୟରେ ଖବରକାଗଜରେ ଏକ ବିଜ୍ଞାପନ ଦେଖି ଆକ୍ଟିଂକୋର୍ସ ପାଇଁ ମନ ବଳାଇଲେ। ମାତ୍ର ଏଥିପାଇଁ ତାଙ୍କୁ ୧୦୦ ଟଙ୍କା ଆବଶ୍ୟକ ଥିଲା। ଯାହା ସେତେବେଳେ ତାଙ୍କ ପାଇଁ ଏକ ବଡ଼ରକମର ଅଙ୍କ ଥିଲା। ଏଥିପାଇଁ ସେ ନିଜ ମା'ଙ୍କଠାରୁ ଟଙ୍କା ଚୋରି କରିଥିଲେ।

ତାଙ୍କର ଏହି ସଂଘର୍ଷ ସମୟରେ ହଠାତ୍ ତାଙ୍କର ଦେଖାହେଲା ମହେଶ ଭଟ୍ଟଙ୍କ ସହ। ସେତେବେଳକୁ ଅନୁପମ ଜଣେ ବହୁତ ଭଲ ଷ୍ଟେଜ୍ ଅଭିନେତା ଭାବେ ପରିଚିତ ହୋଇସାରିଥିଲେ, ମହେଶ ଭଟ୍ଟ ମଧ୍ୟ ଏହା ଜାଣିଥିଲେ। ସେଠାରେ ଅନୁପମ୍‌ଙ୍କୁ ଦେଖିବା, ପରଖିବା ପରେ ଫିଲ୍ମ 'ସାରାଂଶ'ର ଅଫର ଦେଇଥିଲେ। ଏହି ସୁଯୋଗ ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି ସେ। ୨୮ ବର୍ଷ ବୟସରେ ଅନୁପମ ଏହି ଫିଲ୍ମରେ ଜଣେ ବୃଦ୍ଧ ଭୂମିକାରେ ଅଭିନୟ କରି କେବଳ ଦର୍ଶକ ନୁହେଁ, ବରଂ ବଡ଼ ବଡ଼ ଷ୍ଟାରମାନଙ୍କୁ ବି ଅଭିଭୂତ କରିଦେଇଥିଲେ। ଏହି ଅଭିନୟ ପାଇଁ ତାଙ୍କୁ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଥିଲା। ଏହି ସିନେମା ରିଲିଜ୍ ପରେ ତାଙ୍କୁ ୧୦ ଦିନରେ ୧୦୦ଟି ଫିଲ୍ମର ଅଫର ମିଳିଥିଲା।

୧୯୮୫ ମସିହାରେ ସେ ଅଭିନେତ୍ରୀ କିରଣ ଖେରଙ୍କୁ ବିବାହ କଲେ। ପଞ୍ଜାବ ୟୁନିଭରସିଟିରେ ଉଭୟଙ୍କର ପ୍ରଥମ ସାକ୍ଷାତ ହୋଇଥିଲା। କିରଣ ଅନୁପମଙ୍କଠାରୁ ବର୍ଷେ ବଡ଼ ଓ ବିବାହିତା ଥିଲେ। ଉଭୟଙ୍କ ମଧ୍ୟରେ ଏକ ଭଲ ବନ୍ଧୁତା ଥିଲା। କିରଣଙ୍କ ବୈବାହିକ ଜୀବନ ସେତେ ଭଲ ନଥିଲା। ଦିନକୁ ଦିନ ସମସ୍ୟା ବଢ଼ିବାରୁ ବାଧ୍ୟହୋଇ ନିଜ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇଥିଲେ। ପରେ ଅନୁପମ୍ ଓ କିରଣଙ୍କର ବିବାହ ହୋଇଥିଲା।

ଅଭିନୟ ସହ ଅନୁପମ ଖେର ନିର୍ଦ୍ଦେଶନାରେ ମଧ୍ୟ ନିପୁଣ। ସେ ଅନେକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। 'ସାରାଂଶ' ଫିଲ୍ମରେ ବେଷ୍ଟ ଆକ୍ଟର ଆୱାର୍ଡ଼ ପାଇବା ପରେ ୧୯୮୯ ମସିହାରେ ଫିଲ୍ମ ବିଜୟରେ ବେଷ୍ଟ ସପୋର୍ଟିଂ ଆକ୍ଟର ଭାବେ ଫିଲ୍ମଫେୟାର ଆୱାର୍ଡ ପାଇଥିଲେ। ୧୯୯୦ ଓ ୨୦୦୭ ମସିହାରେ ନ୍ୟାସନାଲ ଫିଲ୍ମ ଆୱାର୍ଡରେ ସ୍ପେସିଆଲ ଜୁରୀ ଆୱାର୍ଡ ଏବଂ ଫିଲ୍ମ ଡାଡି ପାଇଁ ୧୯୯୧ ମସିହାରେ ଫିଲ୍ମଫେୟାର କ୍ରିଟିକ୍ସ ଆୱାର୍ଡ଼ ଫର ବେଷ୍ଟ ପରଫରମାନ୍ସ ହାସଲ କରିଥିଲେ। ସେହିପରି ୧୯୯୩ରେ ଫିଲ୍ମ 'ଖେଲ୍', ୧୯୯୪ରେ ଫିଲ୍ମ 'ଡର୍' ଏବଂ ୧୯୯୬ରେ ଫିଲ୍ମ 'ଦିଲୱାଲେ ଦୁଲହନିଆ ଲେଯାଏଙ୍ଗେ' ପାଇଁ ସେ ଫିଲ୍ମଫେୟାର ଆୱାର୍ଡ ଫର ବେଷ୍ଟ ପରଫରମାସ୍ ଇନ୍ ଏ କମିକ୍ ରୋଲ୍ ହାସଲ କରିଥିଲେ। ୧୯୯୯ ମସିହାରେ ଫିଲ୍ମ 'ସଲାଖେଁ' ପାଇଁ ସେ ବେଷ୍ଟ ସପୋର୍ଟିଂ ଆକ୍ଟର ଭାବେ ବଲିଉଡ ମୁଭି ଆୱାର୍ଡ଼ ହାସଲ କରିଥିବା ବେଳେ ୨୦୦୧ ମସିହାରେ ରିୟଲ୍ ଲାଇଫ୍ ହିରୋ ଭାବେ ବଲିଉଡ୍ ମୁଭି ଆୱାର୍ଡ ପାଇଥିଲେ। ସେହିପରି ୨୦୦୭ ମସିହାରେ ଫିଲ୍ମ 'ଖୋସ୍‌ଲା କା ଘୋସ୍‌ଲା' ପାଇଁ ସେ ବେଷ୍ଟ କମେଡିଆନ୍ ଭାବେ ବଲିଉଡ ମୁଭି ଆୱାର୍ଡ ହାସଲ କରିଥିଲେ। ୨୦୧୪ ମସିହାରେ ଷ୍ଟାରଡଷ୍ଟ ଆୱାର୍ଡ ଫର ପ୍ରାଇଡ୍ ଅଫ୍ ଫିଲ୍ମ ଇଣ୍ଡଷ୍ଟ୍ରି ହାସଲ କରିଥିଲେ। ୨୦୦୪ରେ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଓ ୨୦୧୬ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନୀତ ହୋଇଛନ୍ତି।

ତାଙ୍କର ଦୀର୍ଘାୟୁ ଜୀବନ ସହ ଆହୁରି ଲମ୍ବା କଳାତ୍ମକ କ୍ୟାରିୟର କାମନା କରୁଛି **'ଏକମାତ୍ର'** ପରିବାର।













## ଖବର କିଛିକିଛି

- **ନୂଆଦିଲ୍ଲୀ :** ଜାନୁଆରୀ ମାସରେ କ୍ଷମତାକୁ ଆସିବା ପରେ ଟ୍ରମ୍ପ ପ୍ରଶାସନ ପ୍ରଥମ କରି ଭାରତର ଏନ୍‌ଏସ୍‌ଜି (ଆଣବିକ ଯୋଗାଣକାରୀ ଗୋଷ୍ଠୀ) ସଦସ୍ୟତାକୁ ସମର୍ଥନ କରିଛନ୍ତି।
- **ଭୁବନେଶ୍ୱର :** ଦକ୍ଷିଣ କୋରିଆର ଇସ୍ପାତ କମ୍ପାନୀ ଓଡ଼ିଶାରେ ନିର୍ମାଣ କରିବାକୁ ଥିବା ପ୍ରକଳ୍ପକୁ ସବୁଦିନ ପାଇଁ ବନ୍ଦ କରିଦେଇଛି। ଏଥିସହ ଅଧିଗ୍ରହଣ କରିଥିବା ସମସ୍ତ ଜମିକୁ କମ୍ପାନୀ ଫେରାଇଦେବା ନେଇ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଦେଇଛି।
- **ଭଞ୍ଜନଗର :** ଭଞ୍ଜନଗର ଅଞ୍ଚଳରେ ପୁଣିଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ। ମୃତକଜଣକ ହେଲେ ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ମଶାବାଡ଼ି ଗ୍ରାମର ମନୋରଞ୍ଜନ ସାହୁ ।
- **ଭୁବନେଶ୍ୱର :** ପତ୍ନୀଙ୍କୁ ନିର୍ଯାତନା ଓ ୱାଇଫ୍ ସ୍ୱାପିଂ ମାମଲାରେ ଶିଳ୍ପପତି ତ୍ରୈଲୋକ୍ୟ ମିଶ୍ରଙ୍କ ପୁଅ ସବ୍ୟସାଚୀଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାଇକୋର୍ଟର ଅନ୍ତରୀଣ ସୁରକ୍ଷା କାଳ ଶେଷ ହେବା ପରେ ଖାରବେଳନଗରସ୍ଥିତ ବାସଭବନରୁ ତାଙ୍କୁ ଗିରଫ କରାଯାଇଛି।
- **ପୁରୀ :** ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ପାଇଁ ପିକେଡିଏ ଜମି ଅଧିଗ୍ରହଣ କରିବ। ଏ ନେଇ ପିକେଡିଏ ପକ୍ଷରୁ କାହାରିକୁ ବ୍ୟକ୍ତିଗତ ଭାବେ ନୋଟିସ୍ କରାଯାଇ ନ ଥିବା ବେଳେ କେତେକ ଏହାକୁ ବିରୋଧ କରୁଥିବା ଜଣାପଡ଼ିଛି।
- **ଜୟପୁର :** କଟକ, ସମ୍ବଲପୁର ଓ ବଲାଙ୍ଗୀର ପରେ ଏବେ କୋରାପୁଟ ଜିଲ୍ଲାରେ ଆତଙ୍କ ଖେଳାଇଛି କାମଳ (ଜଣ୍ଡିସ୍) ରୋଗ। ଜିଲ୍ଲାର ବୋରିଗୁମ୍ମା ବ୍ଲକ୍‌ରେ ଏହି ରୋଗରେ ୩ ଜଣଙ୍କ ମୃତ୍ୟୁ ଘଟିସାରିଲାଣି।
- **ଢେଙ୍କାନାଳ :** ନିର୍ବାଚନୀ ହିଂସାକୁ ନେଇ ଢେଙ୍କାନାଳ ସଦର ଥାନା ତରଭା ଗ୍ରାମରେ ଘଟିଥିବା ବହୁଚର୍ଚ୍ଚିତ ସଲମନ୍ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୃଦାନନ୍ଦ ବିଶ୍ୱାଳଙ୍କୁ ଗିରଫ କରାଯାଇ ୧୪ ଦିନ ପାଇଁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।
- **ସମ୍ବଲପୁର :** ଜଣେ ଆନ୍ତଃରାଜ୍ୟ ଠକକୁ ଅଇଁଠାପାଲି ପୋଲିସ ଗିରଫ କରିଛି। ଆନ୍ଧ୍ରପ୍ରଦେଶର ହିମାଂଶୁ ପାତ୍ର ନାମକ ଏହି ଠକ ସମ୍ବଲପୁର ସୋନିକା ଜୁଏଲାରୀର ମାଲିକ ଅଶୋକ ସୋନିଙ୍କଠାରୁ ୨୭ ଲକ୍ଷ ଟଙ୍କାର ସୁନା ଓ ହୀରା ଅଳଙ୍କାର ସମେତ ନଗଦ ଟଙ୍କା ଠକି ନେଇଥିବା ଅଭିଯୋଗ।
- **ବିସ୍ରା :** ବିସ୍ରା ବ୍ଲକ୍‌ର ବିରକେରା ଗ୍ରାମରେ ଅଜଣା ରୋଗରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୯ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଭାରତ ଆଗ୍ରହୀ

**ନୂଆଦିଲ୍ଲୀ :** ଦକ୍ଷିଣ ଆଫ୍ରିକାର ଡର୍ବାନ ସହର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ପାଇଥିଲା। ତେବେ ଦକ୍ଷିଣ ଆଫ୍ରିକା ସରକାର ଆର୍ଥିକ ଗ୍ୟାରେଣ୍ଟି ଦେଉନଥିବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହଯୋଗ କରୁନଥିବାରୁ ଡର୍ବାନ ସହର ଏହି ଆୟୋଜନ ଅଧିକାର ହରାଇଛି। ଏହାର ଦିନକ ପରେ ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଛି ଭାରତ। ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନରେ ବ୍ୟାପକ ଦୁର୍ନୀତି ହେବା ପ୍ରସଙ୍ଗ ମନରୁ ଲିଭିନଥିବା ବେଳେ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ) ଆଉ ଏକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଆଗଭର ହୋଇଛି।

ଆଇଓଏ ମହାସମ୍ପାଦକ ରାଜୀବ ମେହେଟ୍ଟା ବୁଧବାର କହିଛନ୍ତି, ୨୦୨୨ କ୍ରୀଡ଼ାର ଆୟୋଜନ ନେଇ ଆମେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘଠାରୁ ଏକ ପତ୍ର ପାଇଛୁ। ଆମ ସଭାପତି ଓ ସଦସ୍ୟମାନେ ଏହାର ବିଚାର କରୁଛନ୍ତି। ଯଦି ସରକାରଙ୍କଠାରୁ ସମର୍ଥନ ମିଳେ; ତେବେ ଆମେ ଏହି କ୍ରୀଡ଼ା ଆୟୋଜନ ପାଇଁ ଦାବି ଉପସ୍ଥାପନ କରିବାର ସମ୍ଭାବନା ରହିଛି। ଦେଢ଼ବର୍ଷ ତଳେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ପାଇବା ପରେ ଦକ୍ଷିଣ ଆଫ୍ରିକା ଉତ୍ସବମୁଖର ହୋଇଥିଲା। ପୁଣି ଏହାର ପ୍ରସ୍ତୁତି ପାଇଁ ଦକ୍ଷିଣ ଆଫ୍ରିକା ସରକାର ବହୁ ଅର୍ଥ ବ୍ୟୟ କରି ସାରିଛନ୍ତି। ତେବେ ଡର୍ବାନ୍ ଏହି କ୍ରୀଡ଼ା ଆୟୋଜନର ଅଧିକାର ହରାଇବା ପରେ ଦକ୍ଷିଣ ଆଫ୍ରିକାରେ ରାଜନୈତିକ ଝଡ଼ ଦେଖାଦେଇଛି। ଭାରତ ୧୯୫୧ ଓ ୧୯୮୨ରେ ୨ଟି ଏସୀୟ କ୍ରୀଡ଼ା ଆୟୋଜନ କରିସାରିଛି। ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଫଳ ହୋଇଥିଲେ




ହେଁ ଦୁର୍ନୀତି ଅଭିଯୋଗ ଯୋଗୁଁ ଦେଶର ବହୁତ ବଦ୍‌ନାମ ହୋଇଥିଲା। ବ୍ରିଟିଶ୍ ଶାସିତ ଦେଶଙ୍କୁ ନେଇ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୧୮ ସଂସ୍କରର ଅଷ୍ଟ୍ରେଲିଆର ଗୋଲ୍‌ଡ କୋଷ୍ଟରେ ଅନୁଷ୍ଠିତ ହେବ। ଏହି ସହର ୨୦୨୨ରେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରସ୍ତୁତ ବୋଲି କହି ସାରିଲାଣି। ତେବେ ଔପଚାରିକ ଭାବେ କେବଳ ଇଂଲଣ୍ଡର ଲିଭରପୁଲ ସହର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଦାବି ଉପସ୍ଥାପନ କରିସାରିଛି।

## ହୋଟେଲରେ ଅଗ୍ନିକାଣ୍ଡ : ଅଳ୍ପକେ ବର୍ତ୍ତିଲେ ଧୋନୀ

**ନୂଆଦିଲ୍ଲୀ :** ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ ଓ ତାଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ଦଳ ଏକ ଭୟାବହ ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିଜୟ ହଜାରେ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ଖେଳିବା ପାଇଁ ଝାଡ଼ଖଣ୍ଡ ଟିମ୍ ସହ ଧୋନୀ ଏଠାରେ ଏକ ପଂଚତାରକା ହୋଟେଲରେ ରହୁଥିଲେ। ଶୁକ୍ରବାର ଟିମ୍ ସହ ଧୋନୀ ପ୍ରାତଃଭୋଜନ କରୁଥିବା ବେଳେ ଅଚାନକ ହୋଟେଲରେ ନିଆଁ ଲାଗିଯାଇଥିଲା। ଜରୁରୀକାଳୀନ ସ୍ଥିତିରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ଧୋନୀଙ୍କ ସମେତ କୌଣସି ଖେଳାଳୀଙ୍କର କିଛି କ୍ଷୟକ୍ଷତି ହୋଇ ନ ଥିଲେ ହେଁ ସେମାନଙ୍କର କିଟ୍ ସମେତ ସମସ୍ତ ପୋଷାକପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଖବର ମିଳିବା ପରେ ବିସିସିଆଇ ପକ୍ଷରୁ ବିଜୟ ହଜାରେ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି।

ଦିଲ୍ଲୀ ଅଗ୍ନିଶମ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ହେଟେଲ ଓ୍ୱେଲ୍‌କମରେ ନିଆଁ ଲାଗିଥିବା ଖବର ମିଳିଥିଲା। ଆମେ ତୁରନ୍ତ ଘଟଣାସ୍ଥଳରେ



ପହଞ୍ଚି ନିଆଁକୁ ଆୟତ୍ତ କରିଥିଲୁ। ୩୦ଟି ଦମକଳ ଏଥିରେ ନିୟୋଜିତ ହୋଇଥିଲା। ୯.୪୫ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ ନିକଟସ୍ଥ ରିଲାଏନ୍ସ ଶୋ'ରୁମ୍‌ରୁ ନିଆଁ ହୋଟେଲକୁ ବ୍ୟାପିଥିବା ଅନୁମାନ କରାଯାଉଛି। ଅଧିକ ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ତେବେ ହୋଟେଲରେ ଥିବା ସମସ୍ତ ଅତିଥି ସୁରକ୍ଷିତ ଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଝାଡ଼ଖଣ୍ଡ କୋଚ୍ ରାଜୀବ କୁମାର କହିଛନ୍ତି ଯେ "ଏହି ଘଟଣା ଆମକୁ ମର୍ମାହତ କରିଛି। ତେବେ ଦଳକୁ ଅନ୍ୟ ହୋଟେଲକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା ହୋଇଛି। ଆମେ ସବୁ ସୁରକ୍ଷିତ ଅଛୁ।" ସୂଚନାଯୋଗ୍ୟ ଯେ ଏହି ହୋଟେଲରେ ପ୍ରାୟ ୪୫୦ ଜଣ ଅତିଥି ଥିଲେ। ଝାଡ଼ଖଣ୍ଡ ଦଳ ବ୍ୟତୀତ ତାମିଲନାଡୁ ଦଳ ମଧ୍ୟ ଏହି ହୋଟେଲରେ ରହୁଥିଲେ। ଉଭୟ ଦଳ ପାଇଁ ୩୧ଟି ରୁମ୍ ବୁକ୍ ହୋଇଥିଲା। ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛଇ ଯେ ନିକଟସ୍ଥ ସପିଂମଲ୍‌ରୁ ନିଆଁ ଆସିଥିଲା। ଅଗ୍ନିଶମ ଅଧିକାରୀ ଓ ଆମ ସୁରକ୍ଷାକର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ସବୁକିଛି ନିୟନ୍ତ୍ରଣ ହୋଇପାରିଥିଲା।

## ୨୭ରେ ପାଦଦେଲେ ସାଇନା



**ନୂଆଦିଲ୍ଲୀ :** ଭାରତୀୟ ବ୍ୟାଡ୍‌ମିଂଟନ୍ ତାରକା ସାଇନା ନେହୱାଲ ୨୭ ବର୍ଷରେ ପଦାର୍ପଣ କରିଛନ୍ତି। ଗତ ଶୁକ୍ରବାର ତାଙ୍କର ଜନ୍ମଦିନ ଥିଲା। ଏହି ଅବସରରେ ବହୁ ପ୍ରଶଂସକ ତାଙ୍କୁ ସୋସିଆଲ ମିଡିଆରେ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସାଇନା ମଧ୍ୟ ୨୭ତମ ଜନ୍ମଦିନକୁ ସ୍ୱତନ୍ତ୍ର କରିବା ପାଇଁ ଛତିଶଗଡ଼ର ସୁକମା ଏନ୍‌କାଉଣ୍ଟରରେ ସହିଦ ଯବାନଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୧୨ ଜଣ ସିଆର୍‌ପିଏଫ୍ ଯବାନଙ୍କ ପରିବାରଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ସାନିଆ କହିଛନ୍ତି। ଏହି ଅବସରରେ ସାଇନା କହିଛନ୍ତି, ଯବାନମାନେ ଆମକୁ ସୁରକ୍ଷା ଦେବାକୁ ଯାଇ ସେମାନଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି। ଆମେ ସହିଦ ଯବାନଙ୍କ ପରିବାରର ଅପୂରଣୀୟ କ୍ଷତିକୁ କେବେ ବି ପୂରଣ କରିପାରିବା ନାହିଁ। ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ସାଇନା ନିଜ କ୍ୟାରିୟରରେ ବେଶ୍ ସଫଳତା ଅର୍ଜନ କରିଛନ୍ତି। ସେ ଇତିମଧ୍ୟରେ ୨୩ଟି ଟାଇଟଲ ହାତେଇସାରିଛନ୍ତି। ସେ ୨୦୧୫ରେ ବିଶ୍ୱ ମାନ୍ୟତାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।

Suresh Chandra Jena
RISHI ELECTRICAL & WORKS
ALL ELECTRICAL GOODS AVAILABLE HERE (HT,LT)
Plot No.-919, GGP Colony
Rasulgarh, Bhubaneswar
Cell : 9438531941, 9861851490
TIN.-21742604963,PAN No.-ATWPJ4021F

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**